ବର୍ଷ-୨୪, ସଂଖ୍ୟା-୩୧୬
ଭୁବନେଶ୍ୱର
୨୧ ଡିସେମ୍ବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 316
Bhubaneswar
21 December, 2024 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ସ୍ତ୍ରୀ-୨କୁ ଟପିଲା ପୃଷ୍ଠା୨



## ନିରଞ୍ଜନ ପଟ୍ଟନାୟକଙ୍କ ଘରେ ପଶିଲା ଇଡି

**ଭୁବନେଶ୍ୱର,୨୦।୧୨(ମହାଭାରତ):** ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରେଡ୍ କରିଛି। ପ୍ରାୟ ୧୦ ଘଣ୍ଟା ଧରି ନିରଞ୍ଜନଙ୍କ ଭୁବନେଶ୍ୱର ସ୍ଥିତ ନୟାପଲ୍ଲୀ ବାସଭବନରେ ଖାନତଲାସି କରିଥିଲା ଇଡି ଟିମ୍। ୧୦ ଘଣ୍ଟାର ରେଡ୍ ପରେ ନିରଞ୍ଜନଙ୍କ ଘରୁ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଇଡି ନେଇଥିବା ସୂଚନା ମିଳିଛି। ବେଆଇନ୍ ଅର୍ଥ କାରବାର ନେଇ ଇଡି ପକ୍ଷରୁ ଏହି ଚଢାଉ କରାଯାଇଥିବା କୁହାଯାଉଛି।

ଆଜି ସକାଳ ପ୍ରାୟ ୭ଟାରୁ ଇଡିର ୮ରୁ ୧୦ଜଣ ଅଧିକାରୀ ନିରଞ୍ଜନଙ୍କ ଘରେ ପହଞ୍ଚି ଚଢ଼ାଉ କରିଥିଲେ। ନିରଞ୍ଜନଙ୍କ ଘର ଚାରିପଟେ ସିଆପିଏଫ ଫୋର୍ସ ମୁତୟନ କରାଯାଇଛଥିଲା। ନିରଞ୍ଜନଙ୍କ ନୟାପଲ୍ଲୀ ଘର ସହିତ ଭୁବନେଶ୍ୱରର ଆଉ ଏକ ସ୍ଥାନ ଓ ଦିଲ୍ଲୀ ଘରେ ଆଜି ଏକକାଳୀନ ରେଡ୍ କରିଥିଲା ଇଡି। ତେବେ ଚଢ଼ାଉ କଣ ପାଇଁ ହୋଇଥିଲା, ସେନେଇ ଇଡି ପକ୍ଷରୁ କି ନିରଞ୍ଜନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ନିରଞ୍ଜନଙ୍କ ଭାଇଙ୍କ ଘରେ ବି ଇଡି ରେଡ୍ ହୋଇଛି। ରାଉରକେଲାରେ ତାଙ୍କ ଭାଇ ଡି.ଆର୍ ପଟ୍ଟନାୟକଙ୍କ ଘରେ ରେଡ୍ ହୋଇଛି।ସେଠାରେ ପ୍ରାୟ ୨ ଘଣ୍ଟା ଧରି ଇଡି ଅଧିକାରୀମାନେ ରେଡ୍ କରିଥିଲେ। ତେବେ କାହିଁକି ଏହି ରେଡ୍ ହୋଇଥିଲା, ସେ ନେଇ କିଛି ସୂଚନା ମିଳିନାହିଁ।

# ସରିଲା ସଂସଦର ଶୀତ ଅଧିବେଶନ

**ନୂଆଦିଲ୍ଲୀ,୨୦।୧୨(ମହାଭାରତ):** ବାଦବିବାଦ ପରେ ଆଜି ସରିଛି ସଂସଦର ଶୀତ ଅଧିବେଶନ। ଆଜି ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ତେବେ ଶୀତ ଅଧିବେଶନରେ ଲୋକସଭାର ପରିବେଶ ବେଶ ଗରମ ରହିଥିଲା। ସ୍ଥିତି ଏପରି ହୋଇଥିଲା ଯେ ଗୃହ କାର୍ଯ୍ୟ ମଧ ଠିକ ଭାବେ ହୋଇପାରିନାହିଁ। ମୋଟ ୨୬ ଦିନବ୍ୟାପୀ ଚାଲିଥିବା ଏହି ଅଧିବେଶନରେ ଲୋକସଭାରେ ମୋଟ ୨୦ଟି ବୈଠକ ଅନୁଷ୍ଠିତ ଥିବାବେଳେ ରାଜ୍ୟସଭାରେ ୧୯ଟି ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ଅଧିବେଶନରେ ଲୋକସଭାରେ ୦୫ଟି ବିଧେୟକ ଆଗତ ହୋଇଥିବାବେଳେ, ଲୋକସଭାରେ ୦୪ଟି ଏବଂ ରାଜ୍ୟସଭାରେ ୦୩ଟି ବିଧେୟକ ଗୃହୀତ ହୋଇଥିଲା। ଏହି ଅଧିବେଶନରେ 'ଭାରତୀୟ ବାୟୁଯାନ ବିଧେୟକ, ୨୦୨୪' ନାମକ ଏକ ବିଧେୟକ ଉଭୟ ଗୃହରେ ଗୃହୀତ ହୋଇଥିଲା। ଏୟାରକ୍ରାଫ୍ଟ ଆକ୍ଟ, ୧୯୩୪ରେ ବିଭିନ୍ନ ସମୟରେ ହୋଇଥିବା ସଂଶୋଧନ ମାଧ୍ୟମରେ କରାଯାଇଥିବା ସାମିଲ / ବାଦ / ବିଲୋପ ଯୋଗୁଁ ସୃଷ୍ଟି ହୋଇଥିବା ଅସ୍ପଷ୍ଟତା ଦୂର କରିବା ପାଇଁ ଏୟାରକ୍ରାଫ୍ଟ ଆକ୍ଟକୁ ପୁନଃ ପ୍ରଣୟନ କରିବାକୁ ଏହି ବିଧେୟକର ଲକ୍ଷ୍ୟ ରହିଛି।

ଶୀତ ଅଧିବେଶନର ତୃତୀୟ ପର୍ଯ୍ୟାୟରେ ମୁଲତବୀ ଓ ହଟ୍ଟଗୋଳ ଯୋଗୁ ଲୋକସଭାର ୬୫ ଘଣ୍ଟା ନଷ୍ଟ ହୋଇଛି। ସେହିପରି ୩ଟି ଯାକ ଅଧିବେଶନରେ ଲୋକସଭା ୭୧ ଘଣ୍ଟାରୁ ଅଧିକ ସମୟ କୌଣସି କାମ କରିନାହିଁ।ଶୀତ ଅଧିବେଶନର ତୃତୀୟ ପର୍ଯ୍ୟାୟ ନଭେମ୍ବର ୨୫ରେ ଆରମ୍ଭ ହୋଇଥିବା ବେଳେ ଆଜି ଶେଷ ହୋଇଛି। ଡିସେମ୍ବର ୧୯ରେ ସଂସଦ ପରିସରରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ମାରପିଟ ହୋଇଥିଲା ଏହାକୁ ନେଇ ଆଜି ଉଭୟ ପକ୍ଷ ବିକ୍ଷୋଭ ପ୍ରଦର୍ଶନ କରିବାରୁ ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବୀ ଘୋଷଣା କରାଯାଇଛି।

ସରକାରୀ ତଥ୍ୟ ଅନୁସାରେ, ଶୀତ ଅଧିବେଶନରେ ଲୋକସଭାରେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି। ଏଥିଯୋଗୁ ଶୀତ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଲୋକସଭାର ୫ ଘଣ୍ଟା



୩୭ ମିନିଟ, ଦ୍ୱିତୀୟ ପର୍ଯ୍ୟାୟରେ ୧ ଘଣ୍ଟା ୫୩ ମିନିଟ ଓ ତୃତୀୟ ପର୍ଯ୍ୟାୟରେ ୬୫ ଘଣ୍ଟା ୧୫ ମିନିଟ ନଷ୍ଟ ହୋଇଛି।

ଲୋକସଭାରେ ବିତର୍କ ସମୟକୁ ବିଚାରକୁ ନେଲେ ପ୍ରଥମ ପର୍ଯ୍ୟାୟରେ ୩୪.୧୬ ଘଣ୍ଟା, ଦ୍ୱିତୀୟ ପର୍ଯ୍ୟାୟରେ ୧୧୫.୨୧ ଘଣ୍ଟା ବିଭିନ୍ନ ପ୍ରସଙ୍ଗରେ ବିତର୍କ ହୋଇଥିଲା। କିନ୍ତୁ ତୃତୀୟ ପର୍ଯ୍ୟାୟରେ ଗୃହ ଆଦୌ ଠିକ ଭାବେ ଚାଲି ପାରି ନାହିଁ ଏହି ପର୍ଯ୍ୟାୟରେ ମାତ୍ର ୬୨ ଘଣ୍ଟା ବିତର୍କ ହୋଇପାରିଛି।

ପ୍ରଥମ ପର୍ଯ୍ୟାୟରେ ୭ଟି, ଦ୍ୱିତୀୟ ପର୍ଯ୍ୟାୟରେ ୧୫ଟି ଓ ତୃତୀୟ ପର୍ଯ୍ୟାୟରେ ୨୦ଟି କାର୍ଯ୍ୟ ଦିବସ ରହିଥିଲା। ପ୍ରଥମ ପର୍ଯ୍ୟାୟରେ ସାଂସଦମାନେ ଅତିରିକ୍ତ ୭ ଘଣ୍ଟା କାମ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩୩ ଘଣ୍ଟା ଗୃହ କାର୍ଯ୍ୟରେ ସାମିଲ ହୋଇଥିଲେ। ତୃତୀୟ ପର୍ଯ୍ୟାୟରେ ସବୁଠାରୁ ଅଧିକ ହଟ୍ଟଗୋଳ ହୋଇଥିଲେ ହେଁ ସାଂସଦମାନେ ଅତିରିକ୍ତ ୨୧.୭ ଘଣ୍ଟା କାମ କରି ନଷ୍ଟ ହୋଇଥିବା ସମୟକୁ ପୂରଣ କରିବାକୁ ଚେଷ୍ଟା କରିଛନ୍ତି। ସରକାରଙ୍କ ପକ୍ଷରୁ ଶୀତ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ କୌଣସି ବିଲ୍ ଆଗତ କରାଯାଇ ନଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ବିଲ ଆଗତ କରାଯାଇଥିବା ବେଳେ ଲୋକସଭାରେ ୪ଟି ବିଲ ପାରିତ ହୋଇଛି। ତୃତୀୟ ପର୍ଯ୍ୟାୟରେ ସରକାର ମୋଟ ୫ଟି ବିଲ ଆଗତ କରିଥିଲେ ଏହା ମଧ୍ୟରୁ ୪ଟି ବିଲ୍ ଗୃହର ଅନୁମୋଦନ ହାସଲ କରିଛି।


ସମ୍ବିଧାନ ଗୃହୀତ ହେବାର ୭୫ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଡିସେମ୍ବର ୧୩ ଓ ୧୪ ତାରିଖରେ ଲୋକସଭାରେ ଏବଂ ଡିସେମ୍ବର ୧୬ ଓ ୧୭ ତାରିଖରେ ରାଜ୍ୟସଭାରେ 'ଭାରତୀୟ ସମ୍ବିଧାନର ୭୫ ବର୍ଷର ଗୌରବମୟ ଯାତ୍ରା' ଶୀର୍ଷକ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଲୋକସଭାରେ ହୋଇଥିବା ଆଲୋଚନାଟି ୧୫ ଘଂଟା ୪୩ ମିନିଟ୍ ଧରି ଚାଲିଥିଲା, ଯେଉଁଥିରେ ୬୨ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ଏହାର ଉତ୍ତର ରଖିଥିଲେ। ରାଜ୍ୟସଭାରେ ଏହି ଆଲୋଚନା ସମୁଦାୟ ୧୭ ଘଂଟା ୪୧ ମିନିଟ୍ ଧରି ଚାଲିଥିଲା, ଯେଉଁଥିରେ ୮୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ ଏବଂ ଗୃହମନ୍ତ୍ରୀ ଏହାର ଉତ୍ତର ରଖିଥିଲେ।

## ବଦଳିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଡିଜାଇନ୍

**ଭୁବନେଶ୍ୱର,୨୦।୧୨(ମହାଭାରତ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଡିଜାଇନ୍ ଖୁବ ଶୀଘ୍ର ପରିବର୍ତ୍ତନ ହେବା ନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ପୁରୁଣା ଡିଜାଇନ୍‌ରେ ଆଉ କିଛି ନବୀକରଣ କରାଯାଇ ଏକ ନୂତନ ଡିଜାଇନ୍ ହେବ। ବିଶେଷ କରି ବିଭିନ୍ନ ପ୍ରକାରର ଯଜ୍ଞ ମଣ୍ଡପ ପାଇଁ ବ୍ୟବସ୍ଥା କରାଯିବ। ଯେହେତୁ ଲୋକମାନଙ୍କର ଧାର୍ମିକ ଭାବନା ଏହି ପ୍ରକଳ୍ପ ସହିତ ଜଡିତ, ଏହି ବିଷୟରେ ଆଲୋଚନା ଚାଲିଛି। ଆଇନ ମନ୍ତ୍ରୀ କହିଛନ୍ତି ଯେ ଦୁଇରୁ ତିନି ମାସ ମଧ୍ୟରେ କାମ ଆରମ୍ଭ ହେବ।

ସେହିଭଳି ମନ୍ଦିରରେ ନୂତନ ବର୍ଷ ପାଇଁ ସ୍ୱତନ୍ତ୍ର ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରଭୁ ଜଗନ୍ନାଥଙ୍କୁ ନାଟ ମଣ୍ଡପରୁ ଗରୁଡ଼ ସ୍ତମ୍ଭ ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବରେ ଦର୍ଶନ ବ୍ୟବସ୍ଥା କରାଯାଇଛି। ସାଧାରଣ ଲୋକଙ୍କ ସହିତ ଏବଂ ବୟସ୍କ ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ।

ସୂଚନା ଅନୁଯାୟୀ ପରିକ୍ରମା ପ୍ରକଳ୍ପ ବ୍ୟତୀତ ଏହା ଉଲ୍ଲେଖଯୋଗ୍ୟ ଯେ ଓବିସିସି ଦ୍ୱାରା ହୋଇଥିବା ଅରଲୋଚନା ଅନୁଯାୟୀ ରାମ୍ପ ସିଷ୍ଟମ ନୂଆ। ବର୍ଷ ସୁଦ୍ଧା ଶେଷ ହେବ ସୂଚନା ଅନୁଯାୟୀ ଯଦିଓ ନୂତନ ଦର୍ଶନରଲାଗୁ ହେବାକୁ ଥିବା ନୂତନ ଦର୍ଶନ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଚିତ୍ର ପ୍ରକାଶ କରାଯାଇ ନାହିଁ, ସୂଚନା ଅନୁଯାୟୀ ଏକ ୬ ଲେନ ବିଶିଷ୍ଟ ବ୍ୟାରିକେଡ୍ ନିର୍ମାଣ କରାଯିବ ବ୍ୟାରିକେଡ୍ ଏବଂ ରାମ୍ପ କାଠରେ ତିଆରି ହେବ ପ୍ରଥମ ଧାଡି ଭିନ୍ନକ୍ଷମଙ୍କ ଦ୍ୱାରା ବ୍ୟବହୃତ ହେବ ଦ୍ୱିତୀୟ ଧାଡି ଶିଶୁ ଏବଂ ମହିଳାମାନଙ୍କ ଦ୍ୱାରା



ବ୍ୟବହୃତ ହେବ ପରବର୍ତ୍ତୀ ଧାଡି ବୟସ୍କ ନାଗରିକଙ୍କ ଦ୍ୱାରା ବ୍ୟବହୃତ ହେବ ଅବଶିଷ୍ଟ ଧାଡି ପୁରୁଷମାନଙ୍କ ଦ୍ୱାରା ବ୍ୟବହୃତ ହେବ।

ଅନ୍ୟପକ୍ଷରେ, ଯେଉଁମାନେ ଦର୍ଶନ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଗରୁଡ଼ ସ୍ତମ୍ଭ ପଛରେ ଏକ ସ୍ୱତନ୍ତ୍ର ରାମ୍ପ ନିର୍ମାଣ କରାଯାଉଛି ଅନ୍ୟପକ୍ଷରେ, ପୂର୍ବତନ ପରିଚାଳନା କମିଟି ସଦସ୍ୟ କହିଛନ୍ତି ଯେ ରାମ୍ପ ଏବଂ ବ୍ୟାରିକେଡ୍ ବ୍ୟବସ୍ଥାର ଆକାର କଣ ହେବ, କେତେ ଉଚ୍ଚ ହେବ ଏବଂ କିପରି ଏକ ଭୋଗ ମଣ୍ଡପ ନିର୍ମାଣ ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ଆବଶ୍ୟକ।

## ୫୦୫ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଜବତ : ଇଡି

**ଭୁବନେଶ୍ୱର,୨୦।୧୨(ମହାଭାରତ):** ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଭାଇ ତଥା ସମ୍ବଲପୁରର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ ବିଶ୍ୱ (ଭାରତ ଇଣ୍ଟିଗ୍ରେଟେଡ୍ ସୋସିଆଲ ୱେଲଫେୟାର ଏଜେନ୍ସି)ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସ୍ୱର୍ଗତ କ୍ଷୀରୋଦ ମଲ୍ଲିକଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢାଉରେ ପ୍ରାୟ ୫୦୫ ବେନାମୀ ବ୍ୟାଙ୍କ ଆକାଉଣ୍ଟ ମିଳିଛି। ଆଜି ଏ ସଂପର୍କରେ ପ୍ରକାଶିତ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଇଡି ପକ୍ଷରୁ ସୂଚନା ଦିଆଯାଇଥିଲା। ମନି ଲଣ୍ଡରିଂ ଆକ୍ଟ (ପିଏମ୍ଏଲଏ) ୨୦୦୨ ଅଧିନିୟମ କଅନୁଯାୟୀ ଇଡି ପକ୍ଷରୁ ଓଡିଶା ଏବଂ ନୂଆଦିଲ୍ଲୀର ଚାରୋଟି ଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନ୍ କରାଯାଇଥିଲା। ଏହି ସମୟରେ ୫୦୫ ଟି ଭିନ୍ନ ଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୭୨ ଲକ୍ଷରୁ ଅଧିକ ଟଙ୍କା ଫ୍ରିଜ୍ ହୋଇଛି ଏବଂ ୧୦ ଲକ୍ଷ ଟଙ୍କା ମୂଲ୍ୟର ସେୟାର ଜବତ କରାଯାଇଛି। ସେହିପରି ଚେକ୍ ବୁକ୍ ଏବଂ ଡିଜିଟାଲ୍ ଉପକରଣ ଭଳି ଅନେକ ଅପରାଧୀ ଦଲିଲ ଜବତ କରାଯାଇଛି।

ଏନଜିଓ ଫାର୍ମ ୨୦୦ କୋଟିରୁ ଅଧିକ ଟଙ୍କା ବ୍ୟାଙ୍କ ଋଣ ଠକେଇରେ ଜଡିତ ଥିବା ଜଣାପଡିଛି। ତଦନ୍ତ ସମୟରେ ସନ୍ଦିଗ୍ଧ ବ୍ୟକ୍ତି ତଥା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ୫୦୫ ବେନାମୀ ଆକାଉଣ୍ଟଏବଂ ସେମାନଙ୍କ ସମ୍ବନ୍ଧୀୟ ଦସ୍ତଖତ ଏବଂ ଦସ୍ତଖତ ହୋଇନଥିବା ଚେକ୍ ବୁକ୍ ଉଦ୍ଧାର କରାଯାଇଛି ବୋଲି ଇଡି ସୂତ୍ରରୁ ପ୍ରକାଶ।

## ଭୟଙ୍କର ବିସ୍ଫୋରଣରେ ଗଲା ୧୨ ମୃତ

**ଅଜମେର(ରାଜସ୍ଥାନ),୨୦।୧୨:** ରାଜସ୍ଥାନର ଜୟପୁର-ଆଜମେର ଜାତୀୟ ରାଜପଥ ନିକଟ ପେଟ୍ରୋଲ ପମ୍ପ ସାମ୍ନାରେ ଘଟିଥିବା ଭୟଙ୍କର ଦୁର୍ଘଟଣା ଘଟିଛି। ଏଥିରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ୪୦ରୁ ଅଧିକ ଗାଡ଼ି ଜଳିଯାଇଛି।ଭାନକ୍ରୋଟାସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଆଜି ଭୋରରୁ ଗୋଟିଏ ଏଲପିଜି ବୋଝେଇ ଟ୍ରକ୍ ଓ ଅନ୍ୟ ଗୋଟିଏ ସିଏନଜି ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରଥମେ କିଛି ସମୟ ଗ୍ୟାସ୍ ଲିକ୍ ହୋଇଥଲା। ଏହାପରେ ହୋଇଥିଲା ପ୍ରଚଣ୍ଡ ବିସ୍ଫୋରଣ। ଫଳରେ ପୂରା ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଥିଲା।



ଆଜି ସକାଳ ପ୍ରାୟ ୫ଟା ୩୦ରେ ଭାନକୋଟାରେ ଏକ ଏଲପିଜି ବୋଝେଇ ଟ୍ରକ୍ ଓ ଅନ୍ୟ ଏକ ସିଏନଜି ବୋଝେଇ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏହାପରେ ସିଏନଜି ଟ୍ୟାଙ୍କରରେ ଜୋରଦାର ବ୍ଲାଷ୍ଟ ହେବା ସହ ଆଖପାଖରେ ଥିବା ଗାଡ଼ିଗୁଡ଼ିକ ହୁତୁହୁତୁ ହୋଇ ଜଳି ଉଠିଥିଲା। ପାଖରେ ଥିବା ଏକ ଗାଡ଼ି ଗୋଦାମରେ ମଧ ନିଆଁ ଲାଗିଯାଇଥିଲା। ଗୋଟିଏ ଯାତ୍ରୀବାହୀ ବସରେ ନିଆଁ ଲାଗି ଯାଇଥିବା ବେଳେ ଯାତ୍ରୀମାନେ ପ୍ରାଣ ବିକଳରେ ଝରକା ଭାଙ୍ଗି ବାହାରକୁ ଡେଇଁ ପଡ଼ିଥିଲେ। ଏହି ଦୁର୍ଘଟଣାରେ ୪୦ରୁ ଅଧିକ ଗାଡ଼ି ଜଳି ଯାଇଥିବା ବେଳେ ଘଟଣାସ୍ଥଳରେ ୨୨ରୁ ଅଧିକ ଅଗ୍ନିଶମ ଗାଡ଼ି ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ସେମାନେ ବେଶ କିଛି ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଛନ୍ତି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅନେକ ଗାଡ଼ି ଦୀର୍ଘ ଘଣ୍ଟା ଯାଏ ରାସ୍ତାରେ ଅପେକ୍ଷା କାରି ରହିଥିଲେ।

## ସଂସଦ ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ସଂସଦରେ ଘଟିଥିବା ଠେଲାପେଲା ଘଟଣାର ଯାଞ୍ଚ ଏବଂ ତଦନ୍ତ କରିବ ଦିଲ୍ଲୀ ପୁଲିସ କ୍ରାଇମବ୍ରାଞ୍ଚ। ଏ ନେଇ ଉଭୟ ବିଜେପି ଏବଂ କଂଗ୍ରେସ ପକ୍ଷରୁ ସଂସଦ ମାର୍ଗ ଥାନାରେ ଏତଲା ଦିଆଯାଇଥିଲା। ଉଭୟ ଅଭିଯୋଗ ଉପରେ କ୍ରାଇମବ୍ରାଞ୍ଚ ତଦନ୍ତ କରିବ। ପୁଲିସ ପକ୍ଷରୁ ଏହାର ତଦନ୍ତ ଦାୟିତ୍ୱ ଶୁକ୍ରବାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିବା ପୁଲିସ ବିଭାଗ ପକ୍ଷରୁ କୁହାଯାଇଛି।

ଗତ ଗୁରୁବାର ଦିଲ୍ଲୀ ପୁଲିସ ପକ୍ଷରୁ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏକ ଏତଲା ରୁଜୁ କରାଯାଇଥିଲା। ବିଜେପି ପକ୍ଷରୁ ଏହି ଏତଲା ଦିଆଯାଇଥିଲା। ରାହୁଲଙ୍କ ବିରୋଧରେ ଠେଲାପେଲା ପାଇଁ ପ୍ରବର୍ତ୍ତାଇବା ଏବଂ ଶାରିରୀକ ଭାବେ ଆକ୍ରମଣ କରିବା ନେଇ ଏତଲାରେ ଅଭିଯୋଗ କରାଯାଇଥିଲା।

## ପ୍ରିୟଙ୍କାଙ୍କୁ ଅପରାଜିତାଙ୍କ ବ୍ୟାଗ୍ ଗିଫ୍ଟ

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ଚଳିତ ଥର ସଂସଦର ଶୀତକାଳୀନ ଅଧିବେଶନ ବେଶ ଚର୍ଚ୍ଚାରେ ରହି ଆସିଛି। କେବେ ମାରପିଟ୍ ତ କେବେ ବ୍ୟାଗ୍ ପଲିଟିକ୍ସ ଯାଏ ସବୁକିଛି ଦେଖିବାକୁ ମିଳିଛ। ପ୍ରତ୍ୟେହ ନୂଆ ବ୍ୟାଗ୍ ସହ ସଂସଦରେ ପହଞ୍ଚି ପ୍ରିୟଙ୍କା ଖବରରେ ରହୁଛନ୍ତି। ତାଙ୍କ ହାତରେ ପାଲେଷ୍ଟାଇନ, ବାଲାଂଦେଶ ଲେଖାଥିବା ବ୍ୟାଗ୍ ନଜର ଆସୁଛି, ଯାହାକୁ ନେଇ ରାଜନୈତିକ ବିତର୍କ ବଢ଼ୁଛି। ଏସବୁ ମଧ୍ୟରେ ଓଡ଼ିଶାର ଭାଜପା ଏମ୍ପି ଅପରାଜିତା ଷଡ଼ଙ୍ଗୀ ତାଙ୍କୁ ୧୯୮୪ ଲେଖା ଥିବା ବ୍ୟାଗ୍ ଭେଟି ଦେଇଛନ୍ତି। ପ୍ରିୟଙ୍କା ନିଜ ବ୍ୟାଗ୍ ଜରିଆରେ କିଛି ନା କିଛି ବାର୍ତ୍ତା ଦେଉଥିବାରୁ ଏମ୍ପିଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ଉକ୍ତ ବ୍ୟାଗ୍‌କୁ ପ୍ରସ୍ତୁତ କରାଯାଇଛି।



ଅପରାଜିତା ଦେଇଥିବା ବ୍ୟାଗରେ ୧୯୮୪ ଶିଖ୍ ବିରୋଧୀ ଆନ୍ଦୋଳନକୁ ଦର୍ଶାଇବା ଲାଗି ରକ୍ତର ଛିଟା ଥିଲା। ପ୍ରଥମେ ପ୍ରିୟଙ୍କା ଏହାକୁ ନେବାକୁ ଅସହଜ ହୋଇଥିଲେ। ପରେ ସେ ବ୍ୟାଗ୍‌କୁ ସ୍ୱୀକାର କରି ନେଇଥିଲେ।ତେବେ କଂଗ୍ରେସକୁ ତାର ଇତିହାସ ମନେ ପକାଇ ଦେବାକୁ ଏହି ବ୍ୟାଗ୍ ପ୍ରସ୍ତତ କରାଯାଇଥିବା ଅପରାଜିତା କହିଛନ୍ତି।

ଖବରଦାତାଙ୍କୁ ଅପରାଜିତା କହିଛନ୍ତି, ବର୍ତ୍ତମାନ ସମୟରେ କଂଗ୍ରେସର ସାର୍ଥକତା ଉପରେ ଲଗାତାର ପ୍ରଶ୍ନ ଉଠୁଛି ଦେଶର ଜନତା ଦଳକୁ ଖାରଜ କରୁଛନ୍ତି।କଂଗ୍ରେସ ନିକଟରେ ଶାହାଙ୍କ ଭାଷଣକୁ ଭିନ୍ନ ଅର୍ଥରେ ନେଇ ରାଜନୀତି କରିବା ଛଡ଼ା ଅନ୍ୟ ବିକଳ୍ପ ନାହିଁ।ଏଣୁ ତାଙ୍କୁ ଏଭଳି ବ୍ୟାଗ୍ ଉପହାର ଦିଆଯାଇଥିବା ସେ କହିଛନ୍ତି।କହିରଖୁଛୁ, ଡିସେମ୍ବର ୧୬ରେ ପ୍ରିୟଙ୍କା ସଂସଦରେ ପାଲେଷ୍ଟାଇନ ଲେଖାଥିବା ବ୍ୟାଗ ନେଇ ପହଞ୍ଚିଥିଲେ। ଭାଜପା ଏହାକୁ ନେଇ ପ୍ରଶ୍ନ ଉଠାଇଥିଲା। ସେହିଭଳି ଡିସେମ୍ବର ୧୭ରେ ସେ ବାଲାଂଦେଶର ହିନ୍ଦୁ ଏବଂ ଖ୍ରିଷ୍ଟିଆନଙ୍କ ସହ ଛିଡ଼ା ହୁଅ ଲେଖାଥିବା ବ୍ୟାଗ ଧରିଥିଲେ।

## କାରରୁ ୧୦ କୋଟି, ୫୫ କେଜି ସୁନା ଜବତ

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ମଧ୍ୟପ୍ରଦେଶ ଭୋପାଳର ଏକ ପରିତ୍ୟକ୍ତ କାରରୁ ୫୨ କିଲୋ ସୁନା ସହ ୧୦ କୋଟିରୁ ଅଧିକ ଟଙ୍କାର ନଗଦ ଟଙ୍କା ଜବତ କରିଛି ଆୟକରର ବିଭାଗ। ଭୋପାଳର ମନ୍ଦୋରା ଗାଁରୁ ଏହି ସୁନା ଓ ଟଙ୍କା ଜବତ କରାଯାଇଛି। ପୂର୍ବତନ ଆରଟିଓ କନଷ୍ଟେବଳ ସୋରଭ ଶର୍ମା ଏବଂ ତାଙ୍କ ସହଯୋଗୀ ଚନ୍ଦନ ସିଂ ଗୌରଙ୍କ ଘରେ ଲୋକାୟୁକ୍ତ ରେଡ ଲିଙ୍କ୍ ମାମଲାରେ ଆଇଟି ଚଢାଉ କରିଛି। ଗୁରୁବାର ଲୋକାୟୁକ୍ତ ରେଡ୍ କରି ଅଢେଇ କୋଟିର ନଗଦ ଟଙ୍କା ସହ ସୁନା ଓ ରୁପା ଜବତ କରିଥିଲା। ବର୍ଷଟେ ପୂର୍ବରୁ ସୌରଭ ଶର୍ମା ପରିବହନ ବିଭାଗରୁ ସ୍ୱେଚ୍ଛାକୃତ ଭାବେ ଅବସର ନେଇଥିଲେ। ଏବେ ସେ ରିୟଲି ଷ୍ଟେଟ କାର୍ଯ୍ୟ କରୁଛନ୍ତି। ସୌରଭଙ୍କ ବହୁ ସ୍ଥାନରେ ପ୍ଲଟ, ହୋଟେଲ, ସ୍କୁଲ ଖୋଲିଛନ୍ତି। ତାଙ୍କ ବିରୋଧରେ ଅଭିଯୋଗ ପରେ ପ୍ରଥମେ ଲୋକାୟୁକ୍ତ ପରେ ଆଇଟି ରେଡ କରିଛି। ବାପାଙ୍କ ମୃତ୍ୟୁ ପରେ ତାଙ୍କ ପଦବୀରେ ନିଯୁକ୍ତ ହୋଇଥିଲେ ସୌରଭ ଶର୍ମା।

## ବର୍ଷାରେ ଭିଜୁଛି ପାଚିଲା ଧାନ

**ଭୁବନେଶ୍ୱର,୨୦।୧୨(ମହାଭାରତ)** ବଙ୍ଗୋପସାଗରରେ ଲଘୁଚାପ ଯୋଗୁଁ ସୃଷ୍ଟି ହୋଇଥିବା ବର୍ଷା ଉପକୂଳ ଓଡ଼ିଶା ସମେତ ରାଜ୍ୟର ଅନେକ ସ୍ଥାନରେ ଚାଷୀ ମାନଙ୍କର ହୋସ ଉଡାଇ ଦେଇଛି। ପାଚିଲା ଧାନ ବିଲରୁ ଏ ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ ଅମଳ ହୋଇ ନଥିବାରୁ ଏହି ବର୍ଷା ଦାଉରୁ କିଭଳି ସୁନାର ଫସଲକୁ ଉଦ୍ଧାର କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ।

ଆଜିସକାଳୁ ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ପୁରୀ, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା ପ୍ରଭୃତି ଜିଲ୍ଲାରେ ଝିପି ଝିପି ଲଗାଣ ବର୍ଷା ହେବା ଫଳରେ ପାଚିଲା ଧାନ ସବୁ ବିଲରେ ଶୋଇ ଯାଇଛି। ଏହି ବର୍ଷା ଯୋଗୁ ବିଭିନ୍ନ ସହରରେ କାଲୁଆ ପାଗ ସାଙ୍ଗକୁ ଶୀତର ପ୍ରକୋପ ମଧ୍ୟ ବୃଦ୍ଧି ପାଇଛି। ଯେଉଁ ଚାଷୀ ମାନେ ବିଲରୁ ପାଚିଲା ଧାନ କାଟି ଆଣିଛନ୍ତି ଅଥଚ ଅମଳ ହୋଇ ନାହିଁ ତାକୁ କିପରି ବର୍ଷା ଦାଉରୁ ରକ୍ଷା କରିବେ ସେ ନେଇ ବିବ୍ରତ ହୋଇ ପଡ଼ିଛନ୍ତି। ଅନେକ ସ୍ଥାନରେ ଚାଷୀ ମାନେ ଧାନ କିଆରିରେ ଓ ଖଳାରେ ପାଲ ପକାଇ ଧାନକୁ ଜଗି ବସିଛନ୍ତି। ଯେଉଁ ଅଳ୍ପ କିଛି ସ୍ଥାନରେ ଧାନ ଅମଳ ହୋଇଛି ସେ ସବୁ ସ୍ଥାନରେ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲି ନଥିବାରୁ ସେ ମଧ ଚାଷୀ ମାନଙ୍କର ରକ୍ତଚାପ ଆହୁରି ବଢ଼ାଇ ଦେଇଛି।

## ପଶ୍ଚିମବଙ୍ଗ ପଳାଇଲା ଜିନ୍ନତ

**ବାରିପଦା,୨୦।୧୨(ମହାଭାରତ):** ଶିମିଳିପାଳ ଅଭୟାରଣ୍ୟର କୋର ଏରିଆ ଭିତରୁ ବାଘୁଣୀ ଜିନ୍ନତ୍ ଖସି ଯାଇ ଏବେ ପଶ୍ଚିମବଙ୍ଗରେ ପହଞ୍ଚିଛି। ଶିମିଳିପାଳରୁ ଖସିଯାଇ ଝାଡ଼ଖଣ୍ଡରେ ୧୩ ଦିନ ରହିବା ପରେ ବାଘୁଣୀ ପୁଣି ନିଜର ଠିକଣା ବଦଳାଇଛି। ବନ ବଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜିନ୍ନତ୍ ଏବେ ଝାଡ଼ଖଣ୍ଡ ଛାଡ଼ିପଶ୍ଚିମବଙ୍ଗର ଝାଡ଼ଗ୍ରାମ ଜିଲ୍ଲାର ବେଲପାହାଡ଼ି ଜଙ୍ଗଲରେ ବିଚରଣ କରୁଛି। ସୁରକ୍ଷା ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଟିମ୍ ଜିନ୍ନତ୍ ଉପରେ ନଜର ରଖିଛି ତାକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରହିଛି।




ବନ ବିଭାଗର ଜଣେ ଅଧିକାରୀ ସୂଚନା ଦେଇ କହିଛନ୍ତି, ଶିମିଳିପାଳ ଅଭୟାରଣ୍ୟରୁ ପଳାୟନ କରିବା ପରେ ଜିନ୍ନତ୍ ସିଧାସଳଖ ଯାଇ ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ବନଖଣ୍ଡ ଚାକୁଲିଆ ରେଞ୍ଜ ଚିଆବାନ୍ଦୀ ଜଙ୍ଗଲରେ ପହଞ୍ଚି ଥିଲା। ସେଠାରେ ସେ ବୁଲାବୁଲି କରିବା ପରେ ପୁଣି ଶିମିଳିପାଳକୁ ଫେରିଆସିନାହିଁ।

ମହାରାଷ୍ଟ୍ରରୁ ଆସିଥିବା ବାଘୁଣୀ ଜିନ୍ନତ୍ ଏବେ ଓଡ଼ିଶା ଓ ଝାଡ଼ଖଣ୍ଡ ଛାଡ଼ି ପଶ୍ଚିମବଙ୍ଗର ଜଙ୍ଗଲରେ ବୁଲୁଛି। ଏହି ବାଘୁଣୀକୁ ଧରିବା ପାଇଁ ବନ ବିଭାଗ ଶତଚେଷ୍ଟା କରୁଛି ଝାଡ଼ଖଣ୍ଡ ଜଙ୍ଗଲରେ ଧରିବା ପାଇଁ ତାକୁ ମଇଁଷି ଥୋପ ଦେଇଥିଲା ଉଦ୍ଧାର ପାଇଁ ବନ ବିଭାଗ ତରଫରୁ ଜୋରଦାର ଉଦ୍ୟମ ଜାରି ରହିଥିଲେ ସୁଦ୍ଧା ଜିନ୍ନତ୍ ଖସିଯାଉଛି ବାଘୁଣୀ ପଳାଇ ପରେ ବ୍ୟାଘ୍ର ପ୍ରକଳ୍ପ ନେଇ ପଶୁପ୍ରେମୀଙ୍କ ନାନା ପ୍ରଶ୍ନ ଉଙ୍କି ମାରୁଛି।ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ଛଡ଼ାଯାଇଥିବା ଜିନ୍ନତ୍ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲାର ଚାକୁଲିଆ ଜଙ୍ଗଲରୁ ଅତିକ୍ରମ କରି ଭାତକୁଣ୍ଡା ପଞ୍ଚାୟତର ଚିୟାବାନ୍ଧୀର ସିଦ୍ଧୋ-କାହ୍ନୋ ଛକ ନିକଟସ୍ଥ ଜଙ୍ଗଲରେ ପହଞ୍ଚି ଥିଲା ସେଠାରେ ଥିବା ନେଇ ଜଣା ପଡ଼ିଲା ପରେ ଓଡ଼ିଶା ଓ ଚାକୁଲିଆର ବନ ବିଭାଗ ମିଳିତ ଭାବେ ଉଦ୍ଧାର ପାଇଁ ଉଦ୍ୟମ କରାଯାଇଥିଲା କିନ୍ତୁ ସେଠାରୁ ମଧ ଜିନ୍ନତ୍ ଖସିଯିବାରେ ସଫଳ ହୋଇଥିଲା।

## ୧୧୦ ଜଣଙ୍କୁ ରେଳ ସେବା ପୁରସ୍କାର

**ନୂଆଦିଲ୍ଲୀ,୨୦।୧୨(ପିଆଇବି):** ଭାରତୀୟ ରେଳବାଇ ପ୍ରତି ଉଲ୍ଲେଖନୀୟ ଅବଦାନ ଲାଗି ୧୦୧ ଜଣ ସମର୍ପିତ କର୍ମଚାରୀଙ୍କୁ ୬୯ତମ ଅତି ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୪ରେ ସମ୍ମାନିତ କରାଯିବ । ନୂଆଦିଲ୍ଲୀର ଭାରତ ମଣ୍ଡପରେ ଆସନ୍ତାକାଲି ର ଏକ ଉତ୍ସବରେ ଏହି ପୁରସ୍କାର ଦିଆଯିବ । ମେ ହୁଁ ଭାରତୀୟ ରେଳ ନାମରେ ଏହି ପୁରସ୍କାର ଉତ୍ସବକୁ ନାମିତ କରାଯାଇଛି । କେନ୍ଦ୍ର ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପୁରସ୍କାର ବିତରଣ କରିବେ। ଏହି ଉତ୍ସବରେ ରେଳ ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି.ସୋମନ୍ନା, ରେଳ ଓ ଖାଦ୍ୟ ପ୍ରକ୍ରିୟାକରଣ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂ, ରେଳବାଇ ବୋର୍ଡ ସିଇଓ ସତୀଶ କୁମାର, ବୋର୍ଡର ବିଭିନ୍ନ ସଦସ୍ୟ, ରେଳ ଜୋନ ଓ ପ୍ରଡକ୍ସନ ୟୁନିଟଗୁଡିକର ମହାପ୍ରବନ୍ଧକମାନେ ଯୋଗ ଦେବେ ।

ପୁରସ୍କାର ଲାଗି ବିଭିନ୍ନ ବିଭାଗରୁ ୧୦୧ ଜଣ କର୍ମଚାରୀଙ୍କୁ ମନୋନୀତ କରାଯାଇଛି । ଉତ୍ପାଦନରେ ବିକାଶଠାରୁ ଆରମ୍ଭ କରି ରାଜସ୍ୱ ବୃଦ୍ଧି, ସୁରକ୍ଷା, ନିରାପତା, ପ୍ରକଳ୍ପ ସମ୍ପାଦନ ଓ ସ୍ପୋର୍ଟସ ପରି ବିଭିନ୍ନ କ୍ଷେତ୍ରରୁ କର୍ମଚାରୀମାନେ



ମନୋନୀତ ହୋଇଛନ୍ତି । ଚାଳନାଗତ ଦକ୍ଷତା, ଆମଦାନୀ ନିର୍ଭରଶୀଳତା ହ୍ରାସ, ନିଜସ୍ୱ ଯାନ୍ତ୍ରିକ କାରିଗରୀ ପରି ବିଭିନ୍ନ ଦିଗ ଲାଗି ୧୫ ଜଣ ରେଳବାଇ କର୍ମଚାରୀ ଓ ଅଧିକାରୀଙ୍କୁ ପୁରସ୍କାର ମିଳିବ ।

ରେଳବାଇର ଧନଜୀବନ ରକ୍ଷା ସହ ଅନ୍ୟର ଜୀବନ ରକ୍ଷା ଦିଗରେ ୧୬ ଜଣ ରେଳବାଇ କର୍ମଚାରୀ ଓ ଅଧିକାରୀଙ୍କୁ ବି ଏହି ପୁରସ୍କାର ମିଳିବ ।ରେଳବାଇର ରାଜସ୍ୱ ବୃଦ୍ଧି, ବିନା ଟିକେଟରେ ରେଳ ଯାତ୍ରା ହ୍ରାସ ଓ ଚୋରି ପରି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ୧୭ ଜଣ କର୍ମଚାରୀ ଓ ଅଧିକାରୀଙ୍କୁ ପୁରସ୍କୃତ କରାଯିବ ।

ରେଳ ଅପରେସନ, ସୁରକ୍ଷା, ନିରାପତା ଓ ରେଳବାଇ ସମ୍ପତି ରକ୍ଷା ଦିଗରେ ୨୨ ଜଣ କର୍ମଚାରୀ ଓ ଅଧିକାରୀଙ୍କୁ ପୁରସ୍କାର ଦିଆଯିବ ।ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ବିଭିନ୍ନ ରେଳବାଇ ପ୍ରକଳ୍ପ ସମାପନ ଦିଗରେ କାମ କରିବା ଲାଗି ୧୬ ଜଣ କର୍ମଚାରୀ ଓ ଅଧିକାରୀଙ୍କୁ ପୁରସ୍କାର ମିଳିବ ।ଜାତୀୟ ଓ ଅନ୍ତର୍ଜାତୀୟ ଖେଳ ପ୍ରତିଯୋଗିତାରେ ଭାରତୀୟ ରେଳବାଇକୁ ଉଚ୍ଚକିତ କରିଥିବା ୨ ଜଣ ସ୍ପୋର୍ଟସ ମ୍ୟାନଙ୍କୁ ଅତି ବିଶିଷ୍ଟ ରେଳ ସେବା ପୁରସ୍କାରରେ ସମ୍ମାନିତ କରାଯିବ ।ମେଡିକାଲ, ଟ୍ରାକ ମରାମତି ସହ ଅନ୍ୟାନ୍ୟ ବିଭାଗରେ ଭାରତୀୟ ରେଳବାଇ ପ୍ରତି ଉଲ୍ଲେଖନୀୟ ଅବଦାନ ଲାଗି ୧୩ ଜଣ କର୍ମଚାରୀ ଓ ଅଧିକାରୀଙ୍କୁ ବି ପୁରସ୍କାର ମିଳିବ ।

ବ୍ୟକ୍ତିଗତ ପୁରସ୍କାର ଛଡା ବିଭିନ୍ନ ବିଭାଗରେ ଭିନ୍ନ ଭିନ୍ନ ରେଳବାଇ ଜୋନକୁ ୨୨ଟି ସିଲଡ ବି ମିଳିବ ।ଯାତ୍ରୀ ପରିବହନ କ୍ଷେତ୍ରରେ ଭାରତୀୟ ରେଳବାଇକୁ ଏକ ଦକ୍ଷ, ସୁରକ୍ଷିତ ଓ ସୁଲଭ ପରିବହନ ମାଧ୍ୟମ ଭାବରେ ଉଚ୍ଚକିତ କରିଥିବା ଲାଗି ବିଭିନ୍ନ ରେଳବାଇ କର୍ମଚାରୀ ଓ ଅଧିକାରୀଙ୍କୁ ପୁରସ୍କୃତ କରିବା ପାଇଁ ଏହା ଏକ ପ୍ରକୃଷ୍ଟ ମଂଚ ବୋଲି କୁହାଯାଇଛି ।

## 'ପଞ୍ଚସଖା ଶିକ୍ଷା ସେତୁ' ଯୋଜନା ପାଇଁ ହେବ କମିଟି

**ଭୁବନେଶ୍ୱର.୨୦।୧୨(ମହାଭାରତ):** ରାଜ୍ୟରେ 'ପଞ୍ଚସଖା ଶିକ୍ଷା ସେତୁ' ଯୋଜନା ଲାଗୁ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଏନେଇ ବିଜ୍ଞପତି ଜାରି ହୋଇଛି। ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନକୁ ବଦଳାଇ 'ପଞ୍ଚସଖା ଶିକ୍ଷା ସେତୁ ସଂଗଠନ' ନାମରେ ନାମିତ କରାଯାଇଛି। 'ମୋ ସ୍କୁଲ ଅଭିଯାନ' ପରିଚାଳନା ସଂଗଠନର ସମସ୍ତ ଅଧିକାର ଏବଂ ପାଣ୍ଠି ଓ କର୍ମଚାରୀଙ୍କୁ ପଞ୍ଚସଖା ଶିକ୍ଷା ସେତୁ ସଂଗଠନକୁ ଆଇନ ଗତ ଭାବେ ହସ୍ତାନ୍ତର କରାଯିବ। ଏହି ସଂଗଠନର ମୁଖ୍ୟ ରହିବେ ମୁଖ୍ୟ ଶାସନ ସଚିବ। କମିଟିର ପରିଚାଳନା ପାଇଁ ଏକ କମିଟି ଗଠନ ହେବ। ଶିକ୍ଷାବିତ, ଜନ ପ୍ରତିନିଧି, ବୈଜ୍ଞାନିକ, ପ୍ରତିଷ୍ଠିତ ବ୍ୟକ୍ତି, କ୍ରୀଡ଼ା, ସାହିତ୍ୟ ଓ ସଂସ୍କୃତି ଏବେ ଚଳଚିତ୍ର କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ରାଜ୍ୟସ୍ତରୀୟ କମିଟି ହେବ।

ରାଜ୍ୟସ୍ତରୀୟ କମିଟିରେ ଗଣ ଶିକ୍ଷା ବିଭାଗର ସଚିବ ନିଯୁକ୍ତି ହେବେ। ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ କମିଟି ଗଠନ ହେବ। ଦୁଇଟି ଉତ୍ସରୁ ପାଣ୍ଠି ଆସିବୟ ଦାତା ଏବଂ ସରକାର ଅର୍ଥ ଦେବେ। ଦାତାଙ୍କ ଦୁଇ ଗୁଣା ଦେବେ ସରକାର। ଦାତାଙ୍କ ଠାରୁ ସର୍ବାଧିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଗ୍ରହଣ କରାଯିବ। ପରିଷ୍କାର, ପରିଛନ୍ନତା ଏବଂ ରକ୍ଷଣାବେକ୍ଷଣ ପାଇଁ ନୂଯୁକ୍ତି ବ୍ୟବସ୍ଥା ରହିବ।



ରାଜ୍ୟରେ ସରକାର ବଦଳିବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ 'ମୋ ସ୍କୁଲ ଅଭିଯାନ' ନାଁ ବଦଳାଇଛି। ୨୦୧୭ରୁ ଆରମ୍ଭ ହୋଇଥିବା 'ମୋ ସ୍କୁଲ ଅଭିଯାନ' ନାଁ ବଦଳି ଏବେ 'ପଞ୍ଚଶଖା ଶିକ୍ଷା ସେତୁ' ହୋଇଛି। ଏନେଇ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନକୁ ଗଣଶିକ୍ଷା ବିଭାଗ ଚିଠି ଲେଖିଛି। ଚଳିତ ବର୍ଷ ପୂର୍ଣ୍ଣାଙ୍ଗ ବଜେଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମୋ ସ୍କୁଲ ନାଁ'କୁ ବଦଳରେ ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ ହେବ ବୋଲି ଘୋଷଣା କରିଥିଲେ। ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ ପାଇଁ ବଜେଟରେ ୩୩୨ କୋଟି ବ୍ୟୟବରାଦ ହୋଇଥିଲା।

ସେହିପରି ଅର୍ଥ ବଦଳରେ ଦାତା ସ୍କୁଲ ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକୀୟ ସାମଗ୍ରୀ ଦେଇପାରିବେ। ପଞ୍ଚସଖା ଶିକ୍ଷା ସେତୁ ପାଇଁ ଆର୍ଥିକ ଅବଦାନ ଚେକ, ୱେବସାଇଟ ଏବଂ ଅନଲାଇନ ମାଧ୍ୟମରେ ସଂଗ୍ରହ କରାଯିବ। ଦାନ ପାଇଁ ଆଧାର ଏବଂ ପାନ ନଂ ପ୍ରଦାନ କରିବାକୁ ପଡ଼ିବ। ପ୍ରବାସୀ ଭାରତୀୟମାନେ ପାସପୋର୍ଟର ବିବରଣୀ ଦେଇ ଅର୍ଥ ପ୍ରଦାନ କରିବେ। ଏକକାଳୀନ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ପ୍ରଦାନ ପାଇଁ ଜିଲ୍ଲା ସ୍ତରୀୟ କମିଟି ସହ ପରାମର୍ଶ କରିବାକୁ ପଡ଼ିବ। ଏକ ବର୍ଷ ସରିବାର ଛଅ ମାସ ମଧ୍ୟରେ ଗଣଶିକ୍ଷା ବିଭାଗକୁ କମିଟି ରିପୋର୍ଟ ଦେବ।

## ବେସନ ବର୍ଫି

**ଆବଶ୍ୟକ ସାମଗ୍ରୀ:** ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହାପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



..... ପରଦା ଖବର .....

## ୧୫୦୦କୋଟି କ୍ଲବରେ ଏଣ୍ଟ୍ରି ମାରିଲା 'ପୁଷ୍ପା-୨'




ଆଇକନ ଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ ଫିଲ୍ମ 'ପୁଷ୍ପା ୨ । ଦି ରୁଲ୍' ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ଥିଲା। ଗତ ତିନିବର୍ଷ ଧରି ନିର୍ମାଣ ହେଉଥିବା ଏହି ଆକ୍ସନ୍ ଥ୍ରୀଲର ଫିଲ୍ମ ଶେଷରେ ଡିସେମ୍ବର ୫ରେ ସାରା ବିଶ୍ୱରେ ରିଲିଜ୍ ହୋଇଥିଲା। ସୁକୁମାରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ଟିଜର, ଟ୍ରେଲର ଏବଂ ଗୀତ ଦର୍ଶକଙ୍କ ଉତ୍ସାହକୁ ଖୁବ ବଢାଇଥିଲା।ଏହି କାରଣରୁ ଫିଲ୍ମଟି ଆଡଭାନ୍ସ ବୁକିଂରୁ ହିଁ କୋଟି କୋଟି ଟଙ୍କା ଆୟ କରିଥିଲା। ଏବେ ଫିଲ୍ମ ରିଲିଜ୍ ହେବାର ୧୫ଦିନ ହୋଇସାରିଥିବା ବେଳେ ଫିଲ୍ମଟି ଭାରତରେ ୧୦୦୦କୋଟିରୁ ଅଧିକ ଟଙ୍କା ଆୟ କରିସାରିଛି। ଏହା ସହ ସାରା ବିଶ୍ୱରେ ଫିଲ୍ମଟି ୧୫୦୦କୋଟି ଟଙ୍କାର କ୍ଲବରେ ଏଣ୍ଟ୍ରି ମାରିଥିବା ଜଣାଯାଇଛି।ବିଶ୍ୱବ୍ୟାପୀ ଫିଲ୍ମ କରିଥିବା ଆୟ ବିଷୟରେ ଜଣାଇ ପ୍ରଡକ୍ସନ୍ ହାଉସ୍ ଏକ ପୋଷ୍ଟ କରିଥିବା ଦେଖାଯାଇଛି। ପୋଷ୍ଟରେ ଲେଖାଯାଇଛି ଯେ, ପୁଷ୍ପା-୨ ସାରା ବିଶ୍ୱରେ ୧୫୦୮କୋଟି ଟଙ୍କା ରୋଜଗାର କରିଛି। ଏହି ସଂଖ୍ୟାରେ ପହଞ୍ଚିବାରେ ଦ୍ରୁତତମ ଭାରତୀୟ ଚଳଚ୍ଚିତ୍ର ହୋଇପାରିଛି ପୁଷ୍ପା-୨।

## ଶୁଭ ବୃକ୍ଷ



ଗୃହର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବୃକ୍ଷ ଲଗାଇଲେ ଧନ ଏବଂ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ପରିବାରରେ ଶାନ୍ତି ବିରାଜମାନ କରିଥାଏ। ଉତ୍ତରପୂର୍ବ ଦିଗରେ ତୁଳସୀ ଗଛ ଲଗାଇଲେ ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି । ପୂର୍ବ ଦିଗରେ ଫୁଲ ଗଛ, ସବୁଜ ଘାସ, ମୌସୁମୀ ଗଛ ଲଗାଇବା ଦ୍ୱାରା ପରିବାର ଲୋକେ ରୋଗରୁ ମୁକ୍ତ ହୋଇଥାନ୍ତି । ପାନ, ଚନ୍ଦନ, ହଳଦୀ, ଲେମ୍ବୁ ଆଦି ଗଛ ପଶ୍ଚିମ-ଉତ୍ତରକୋଣରେ ରଖିଲେ ପରିବାର ଲୋକଙ୍କ ମଧ୍ୟରେ ସ୍ନେହ ବୃଦ୍ଧି ହୋଇଥାଏ । ଦକ୍ଷିଣ-ପଶ୍ଚିମ କୋଣରେ କୁଣ୍ଡରେ କୌଣସି ଭାରୀ ଗଛ ଲଗାଇଲେ ଘରେ ସକାରାତ୍ମକ ବୃଦ୍ଧି ହେବା ସହ ଗୃହକର୍ତ୍ତା ଦୁଃଖରୁ ମୁକ୍ତି ପାଇଥାନ୍ତି । ପଳାସ, ନାଗକେଶକର, ଅରିଷ୍ଟ, ସମୀ ଆଦି ବୃକ୍ଷ ଲଗାଇବା ଦ୍ୱାରା ଘରେ ଶୁଭତା ବିରାଜମାନ କରିଥାଏ । ଘରୁ ବାହାରିବା ସମୟରେ ଡାହାଣ ପାର୍ଶ୍ୱରେ ସମୀ ଗଛ ଦେଖି କାର୍ଯ୍ୟାରମ୍ଭ କରିବା ଶୁଭ ଫଳ ପ୍ରାପ୍ତି ହୋଇଥାଏ । ଘରେ କୁଣ୍ଡରେ ଚମ୍ପା, ଜର୍ସ୍ମିନ୍, ଗୋଲାପ ଆଦି ବୃକ୍ଷ ଲଗାଇବା ଦ୍ୱାରା ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ । ହେଲେ ଘର ଭିତରେ କଳା ଗୋଲାପ କିମ୍ବା ଲାଲ୍ ଗେଣ୍ଡୁ ଲଗାଇବା ଉଚିତ୍ ନୁହେଁ । ଅଧ୍ୟୟନ କକ୍ଷରେ ଧଳା ରଙ୍ଗର ଫୁଲ ଗଛ ଲଗାଇଲେ ସ୍ମରଣ ଶକ୍ତିରେ ବୃଦ୍ଧି ହୋଇଥାଏ । ଶୟନ କକ୍ଷରେ କୌଣସି ଗଛ ଲଗାଇବା ଉଚିତ୍ ନୁହେଁ ।

## କଳିଯୁଗ ଆରମ୍ଭ ବେଳେ ବିଚିତ୍ର ସ୍ଥିତ

ଦେବଲୋକରେ ଆଲୋଚନା ହେଲା, ସୃଷ୍ଟିର ନିର୍ମାଣ ତ' ସରିଗଲା ଏବେ ସୃଷ୍ଟି ହୋଇଥିବା ଜୀବଙ୍କ ବିନାଶ କିପରି ସମ୍ଭବ ହେବ । କୋଟି କୋଟି ପ୍ରକାରର ଜୀବଜନ୍ତୁ, ବୃକ୍ଷ-ବନସ୍ପତି, ଭୂମି, ପର୍ବତ, ନଦୀ, ପୁଷ୍କରିଣୀ, ଗ୍ରହ-ନକ୍ଷତ୍ର, ତାରା ଏବଂ ଜ୍ଞାତଅଜ୍ଞାତ ବସ୍ତୁର ନିର୍ମାଣ ଶେଷ ହୋଇସାରିଛି। ତେବେ ଏସବୁର ବିନାଶ କିପରି ହେବ ? ବିନାଶ ନହେଲେ ନବନିର୍ମାଣ ହେବା ସମ୍ଭବପର ନୁହେଁ । ତେବେ କୌଣସି ଶକ୍ତି ବିନାଶର ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥିଲେ । ଶେଷରେ କାଳଙ୍କୁ ଏହାର ଉପାୟ ବାହାର କରିବାକୁ କୁହାଗଲା । କାଳ ଶେଷରେ ପାପକୁ ଏହି ଦାୟିତ୍ୱ ଦେଲେ । ଚାରିଟି ଯୁଗ ମଧ୍ୟରୁ ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗ ପାପକୁ ପ୍ରଶୟ ଦେବାକୁ ମନା କରି ଦେଲେ । କିନ୍ତୁ କଳିଯୁଗ ଏଥିପାଇଁ ଉତ୍ସୁକତା ପ୍ରକାଶ କଲା । ଏହାର ପ୍ରୟୋଗ କରିବା ଲାଗି କଳିଯୁଗ ପାପକୁ ଦୁଇ ବନ୍ଧୁଙ୍କ ଘର ଦେଖାଇଲା । ପୃଥିବୀରେ ରହୁଥିବା ଏହି ଦୁଇ ବନ୍ଧୁଙ୍କ ଘରେ ଅନ୍ନର ଅଭାବ ରହିଥିଲା । ଅନେକ ଦିନ ହେବ ଏମାନଙ୍କ ସନ୍ତାନମାନେ ଭୋକରେ ରହୁଥିଲେ । ସେଥିପାଇଁ ଦୁଇ ବନ୍ଧୁ ଶିକାର ନିମନ୍ତେ ଜଙ୍ଗଲକୁ ଗଲେ । ରାତିରେ ଏକ ଶିକାର ସେମାନଙ୍କୁ ମିଳିଗଲା । ମୃତ ଜୀବ ପାଖରେ ଏକ ମୁଦ୍ରା ପଡ଼ିଥିଲା । ଶିକାର ଏବଂ ମୁଦ୍ରା ପ୍ରାପ୍ତ କରି ଦୁଇ ବନ୍ଧୁଙ୍କ ଚେହେରା ଚମକି ଉଠିଲା । ଜଣେ କହିଲା, ଏହି ମୁଦ୍ରାରେ ବଜାରରୁ କିଛି ଖାଇବା ନେଇ ଆସ, ଯଦ୍ୱାରା ଆମର ଭୋକ ଦୂର ହୋଇପାରିବ । ଜଣେ ବଜାର ଚାଲିଗଲା ଓ ଅନ୍ୟ ଜଣେ ଜଙ୍ଗଲରେ ଗଛ ତଳେ ପଡ଼ିଥିବା ଶିକାର ନିକଟରେ ବସିଗଲା । ପ୍ରଥମ ବନ୍ଧୁ ବଜାରରୁ ଲଡ୍ଡୁ କିଣିଲା । ତତ୍‌କ୍ଷଣାତ୍ ସେ ଭାବିଲା, ଯଦି ମୁଁ ମୋ ସାଙ୍ଗକୁ ମାରି ଦିଏ, ଶିକାର ଏବଂ ମୁଦ୍ରା ମୋର ହୋଇଯିବ । ଏହା ଭାବି ସେ ଲଡ୍ଡୁରେ ବିଷ ମିଶାଇ ଦେଲା । ଦ୍ୱିତୀୟ ସାଙ୍ଗ ଭାବିଲା, ବଜାରରୁ ଆସୁଥିବା ସାଙ୍ଗକୁ ହତ୍ୟା କଲେ କିପରି ହେବ । ଏହାପରେ ସବୁକିଛି ମୋର ହୋଇଯିବ । ସେ ନିଜ ବନ୍ଧୁକୁ ଆସୁଥିବା ଦେଖି ତୀର ଚଳାଇଲା । ବନ୍ଧୁ ସେଇଠି ମରିଗଲା । ବନ୍ଧୁ ମରିଯିବା ପରେ ସେ ଲଡ୍ଡୁ ଖାଇବାକୁ ଆରମ୍ଭ କରିବା ମାତ୍ରେ ସେଇଠି ହିଁ ମୃତ୍ୟୁବରଣ କଲା । ଏହିପରି କଳିଯୁଗର ଆରମ୍ଭ ପୃଥିବୀରେ ହୋଇଗଲା ।



## ରକ୍ତଚାପ ଏବଂ ମଧୁମେହକୁ ନିୟନ୍ତ୍ରଣ କରିବାକୁ ସେବନ କରନ୍ତୁ ଏହି ୩ଟି ପତ୍ର

ବିଶ୍ୱବ୍ୟାପି ଲକ୍ଷ ଲକ୍ଷ ଲୋକେ ମଧୁମେହ ଏବଂ ରକ୍ତଚାପରେ ପୀଡ଼ିତ ଅଛନ୍ତି। ଏହି ଦୁଇଟି ଏପରି ରୋଗ ଯାହା ଅନେକ ରୋଗକୁ ଜନ୍ମ ଦେଇଥାଏ। ଏଥିପାଇଁ ଏହି ରୋଗରୁ ନିସ୍ତାର ପାଇବା ଅତ୍ୟନ୍ତ ଜରୁରୀ। ମଧୁମେହ ଏବଂ ରକ୍ତଚାପ ଜୀବନଶୈଳୀ ପାଇଁ ରୋଗ, ଯାହା ପ୍ରତ୍ୟେକ ବୟସର ଲୋକଙ୍କୁ ହୋଇଥାଏ। ଏହି ରୋଗଗୁଡ଼ିକ କାବୁରେ ରଖିବା ପାଇଁ ଆପଣଙ୍କୁ ନିୟମିତ ଔଷଧ ଖାଇବାକୁ ପଡ଼ିବ। ଆପଣ ଏହା ଜାଣିଛନ୍ତି କି ଔଷଧ ବ୍ୟତୀତ ଆପଣ ଔଷଧୀୟ ଗୁଣରେ ଭରପୂର ତୁଳସୀ, ନିମ ପତ୍ର, ଭୃଷୁଙ୍ଗ ପତ୍ର ସେବନ କଲେ ମଧ୍ୟ ମଧୁମେହ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରି ପାରିବେ। ଆସନ୍ତୁ ଜାଣିବା କିପରି ଏହି ପତ୍ରଗୁଡ଼ିକ ମଧୁମେହ ଏବଂ ରକ୍ତଚାପକୁ ନର୍ମାଲ ରଖିବାରେ ଲାଭଦାୟକ ହୋଇଥାଏ।



୧. ତୁଳସୀ ପତ୍ର : ତୁଳସୀକୁ ଆୟୁର୍ବେଦର ରାଣୀ କୁହାଯାଏ। ଏହା ଆମ ଶରୀରକୁ ଅନେକ ରୋଗରୁ ଦୂରେଇ ରଖିଥାଏ। ଅନେକ ଗବେଷଣାରୁ ଜଣା ଯାଇଛି ଯେ ଖାଲି ପେଟରେ ତୁଳସୀ ପତ୍ର ସେବନ କଲେ ଟାଇପ ୨ ମଧୁମେହରେ ପୀଡ଼ିତ ଲୋକଙ୍କ ଶର୍କରା ସ୍ତର କମିଥାଏ। ରକ୍ତଚାପକୁ କମ୍ କରିବାରେ ଏବଂ ହୃଦରୋଗରୁ ବର୍ତ୍ତିବା ପାଇଁ ତୁଳସୀ ପତ୍ର ଲାଭଦାୟକ ହୋଇଥାଏ।

୨. ଭୃଷୁଙ୍ଗ ପତ୍ର : ଭୃଷୁଙ୍ଗ ପତ୍ରକୁ ମିଠା ନିମ ମଧ୍ୟ କୁହାଯାଇଥାଏ। ଭୃଷୁଙ୍ଗ ପତ୍ର ଭାରତୀୟ ଖାଦ୍ୟରେ ଅଧିକ ବ୍ୟବହାର କରାଯାଇଥାଏ। ଭୃଷୁଙ୍ଗ ପତ୍ର କେବଳ ଆପଣଙ୍କ ଖାଦ୍ୟକୁ ସୁଗନ୍ଧିତ କରିନଥାଏ ବରଂ ଏହାର ବିଭିଉ ସ୍ୱାସ୍ଥ୍ୟଦାୟକ ଗୁଣ ମଧ୍ୟ ରହିଛି। ଭୃଷଙ୍ଗ ପତ୍ର ନିୟମିତ ସେବନ କରିବା ଦ୍ୱାରା ଇନସୁଲିନ୍ ପ୍ରସ୍ତୁତ କରୁଥିବା କୋଶିକାକୁ ଷ୍ଟିମ୍ୟୁଲେଟ୍ କରିବାରେ ସାହାଯ୍ୟ ମିଳିଥାଏ। ଏହି କୋଶିକାଗୁଡ଼ିକ ରକ୍ତ ଶର୍କରାର ସ୍ତରକୁ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ।

୩. ନିମ ପତ୍ର : ନିମ ପତ୍ର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ନିମ ପତ୍ର ପ୍ରତିଦିନ ସକାଳେ ସେବନ କରିବା ଦ୍ୱାରା ରକ୍ତ ଶର୍କରାର ସ୍ତର କମ୍ ହୋଇଥାଏ। ନିମ ପତ୍ରର ଆଣ୍ଟିହିଷ୍ଟାମାଇନ୍ ପ୍ରଭାବ ରକ୍ତବାହିକାକୁ ପତଳା କରିପାରେ। ଏହି କାରଣ ଯୋଗୁଁ ଏହି ପତ୍ର ରକ୍ତଚାପକୁ କମ୍ କରିବାରେ ସାହାଯ୍ୟ କରିଥାଏ।

## ଶେଷଥର ପାଇଁ ଲକ୍ଷ୍ମଣ ତପସ୍ୟା କରିଥିବା ସ୍ଥାନ

ରକ୍ ବେଦରେ ଉତ୍ତରାଖଣ୍ଡକୁ ଦେବଭୂମି ରୂପେ ଉଲ୍ଲେଖ କରାଯାଇଛି। ଏହି ପବିତ୍ର ଭୂମିକୁ ମନୁଷ୍ୟଙ୍କ ପୂର୍ଣ୍ଣ କର୍ମ ଭୂମି କୁହାଯାଇଛି। କଣ ଆପଣ ଜାଣିଛନ୍ତି କି ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ରାମଙ୍କ ସାନ ଭାଇ ଭଗବାନ ଲକ୍ଷ୍ମଣଙ୍କର ମଧ୍ୟ ଉତ୍ତରାଖଣ୍ଡ ସହ ସଂଯୋଗ ରହିଥିଲା। ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଦେବଭୂମି ଉତ୍ତରାଖଣ୍ଡରେ କରିଥିଲେ। ଭଗବାନ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଉତ୍ତରାଖଣ୍ଡର ଗଢ଼ୱାଲରେ କରିଥିଲେ। ମାନ୍ୟତା ଅନୁଯାୟୀ ଲକ୍ଷ୍ମଣ ନିଜର ଶେଷ ତପସ୍ୟା ଟିହରୀ ଗଢ଼ୱାଲର ତପୋବନରେ କରିଥିଲେ। ଯଦି ଆପଣ କେବେ ଉତ୍ତରକାଶୀ ଯାଇଥିବେ ତେବେ ଏହି ତପୋବନ ବିଷୟରେ ନିଶ୍ଚିନ୍ତ ଶୁଣିଥିବେ। ଏଠାରେ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ। ଏହି ତପୋବନ ବରଫାବୃତ ଗଙ୍ଗୋତ୍ରୀ ନଦୀ ଠାରୁ ୬ କିଲୋମିଟର ଦୂରରେ ଅବସ୍ଥିତ। ଏଠାର ଅଦ୍ଭୁତ ଦୃଶ୍ୟ ପର୍ଯ୍ୟଟକଙ୍କ ମନ କିଣିନେଇଥାଏ। ଏହି ତପୋବନକୁ ନନ୍ଦନୱନ ମଧ୍ୟ କୁହାଯାଇଥାଏ। ଏଠାରେ ପର୍ବତାରୋହଣ ପାଇଁ କ୍ୟାମ୍ପିଂଗ କରାଯାଇଥାଏ। ନନ୍ଦନୱନ ଠାରୁ ଶିବଲିଙ୍ଗ, ଭାଗୀରଥୀ, କେଦାର ଡ୍ୟାମ ଏବଂ ସୁଦର୍ଶନ ଭଳି ଶିଖରର ଚମତ୍କାର ଦୃଶ୍ୟ ଦେଖାଯାଇଥାଏ। ପର୍ଯ୍ୟଟକମାନେ ଏଠାରେ ସାତାପନ୍ତ, ଖାରକୁଣ୍ଡ, କାଳିନ୍ଦୀ କାଲ, ମେରୁ ଏବଂ କେଦାର ଡମ୍‌ରେ କ୍ୟାମ୍ପିଂ କରିଥାନ୍ତି। ଟ୍ରାକିଂ ବ୍ୟତୀତ ପର୍ଯ୍ୟଟକ ପର୍ବତ ଚଢିବାକୁ ପସନ୍ଦ କରିଥାନ୍ତି। ଏଠାର ସବୁଜିମାରେ ପରିପୂର୍ଣ୍ଣ ଦେବଦାରୁ ବୃକ୍ଷ ପର୍ଯ୍ୟଟକଙ୍କ ମନ ମୋହିଥାଏ।



# ହିତାଧିକାରୀଙ୍କୁ ପ୍ରତି ମାସରେ ମିଳିବ ରାସନ

**ଭୁବନେଶ୍ୱର,୨୦।୧୨ (ମହାଭାରତ):** ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିଭାଗର ବିଭିନ୍ନ କାର୍ଯ୍ୟଧାରା ଉପରେ ଆଜି ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ରାଜ୍ୟ ଖାଦ୍ୟଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶୁଭମ୍‌ସକସେନାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ବୈଠକରେ ଆଲୋଚନା ହେବାକୁ ଥିବା ବିଭିନ୍ନ ପ୍ରସଙ୍ଗ ସଂପର୍କରେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ଅବଗତ କରାଇଥିଲେ। ଚଳିତ ଖରିଫ୍ ଋତୁରେ ଧାନକିଣା ପ୍ରକ୍ରିୟାକୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି। ଚାଷୀମାନଙ୍କ ହିତକୁ ଅଗ୍ରାଧିକାର ଦେବା ସହ ସେମାନଙ୍କ ସମସ୍ୟାକୁ ଗୁରୁତର ଭାବେ ବିଚାର କରି ତ୍ୱରିତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ କହିଛନ୍ତି। କୌଣସି ଅନିୟମିତତାର ଅଭିଯୋଗ ଆସିଲେ ସ୍ଥଳ ବିଶେଷରେ ଏହାର ସମାଧାନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କୌଣସି ପଞ୍ଜୀକୃତ ଚାଷୀ ଧାନକିଣାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଏଣିକି ଆସନ୍ତା ଜାନୁଆରୀ ମାସରୁ ମାସିକିଆ ରାସନ ପ୍ରଦାନ କରାଯିବ। ପ୍ରତ୍ୟେକ ମାସର ରାସନ ପୂର୍ବ ମାସର



ଶେଷ ସପ୍ତାହ ସୁଦ୍ଧା ପ୍ରଦାନ କରାଗଲେ ହିତାଧିକାରୀମାନେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ସ୍ଥଳ ବିଶେଷରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୁଇମାସିଆ ରାସନ ମଧ ପ୍ରଦାନ କରାଯିବ। ଏଥି ନିମନ୍ତେ ଡିଲରମାନେ ଠିକଣା ସମୟରେ ସାଧାରଣ ବଣ୍ଟନ ସାମଗ୍ରୀ ଉଠାଣ କରିବା ଏବଂ ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଶେଷ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଅବଗତ କରିବା ପାଇଁ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ସୁଦ୍ଧା ୮୪ ପ୍ରତିଶତ ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇଛି। ଏଥି ସହ ଖାଉଟିମାନଙ୍କ ହିତକୁ ଦୃଷ୍ଟିରେ ରଖି ଦରଦାମ ନିୟନ୍ତ୍ରଣ ଉପରେ ତୀକ୍ଷ୍ ?ଣ ନଜର ରଖିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅନାବଶ୍ୟକ ଭାବେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି କରୁଥିବା ବ୍ୟବସାୟୀମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଚଢ଼ାଉ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବାକୁ ପଡିବ। ଏତଦ୍ ବ୍ୟତୀତ ଖାଉଟିମାନଙ୍କ ଅବଗତି ନିମନ୍ତେ ବିଭିନ୍ନ ସ୍ତରରେ ବିଭାଗ ପକ୍ଷରୁ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ବୈଠକରେ ଆଲୋଚନା ହୋଇଛି। ଜିଲ୍ଲାଗୁଡ଼ିକରେ ଖାଲି ପଡ଼ିଥିବା କଞ୍ଜୁମର ଫୋରମ୍ ରେ ପଦବୀ ପୂରଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉଭୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ରାଜ୍ୟ ଖାଦ୍ୟଯୋଗାଣ ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ‘ଉତ୍କର୍ଷ ଓଡିଶା ୨୦୨୫’ ପାଇଁ ବିଲ୍ଡ -ଅପ୍ ଇଭେଣ୍ଟ

**ଭୁବନେଶ୍ୱର,୨୦।୧୨ (ମହାଭାରତ):** ଷ୍ଟାର୍ଟ ଅପ୍ ଓଡିଶା ଦ୍ୱାରା ଆସନ୍ତା ବର୍ଷ ଜାନୁଆରୀ ମାସରେ ଆୟୋଜିତ ହେବାକୁ ଥିବା ‘ଉତ୍କର୍ଷ ଓଡିଶା -୨୦୨୫’ ନିମନ୍ତେ ଏକ ‘ବିଲ୍ଡ ଅପ୍ ଇଭେଂଟ୍ ‘ ବୁଧବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଅଟଳ ଇନ୍‌କ୍ୟୁବେସନ୍ ସେଂଟରରେ ଆୟୋଜିତ ହୋଇଯାଇଛି। ଉତ୍କର୍ଷ ଓଡିଶା ୨୦୨୫ ସଚେତନତା କାର୍ଯ୍ୟକ୍ରମର ଏହା ଏକ ଅଂଶ ହୋଇଥିବା ବେଳେ ଶିଳ୍ପ କ୍ଷେତ୍ରର ନେତୃବର୍ଗ, ରାଜନେତା, ଶିକ୍ଷାବିତ୍ ଏବଂ ସୋଆର ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଯୁବ ଉଦ୍ୟୋଗୀମାନଙ୍କୁ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମାଇକ୍ରୋ, ସ୍ମଲ୍ ଆଣ୍ଡ ମିଡିୟମ୍ ଏନ୍‌ଟରପ୍ରାଇଜେସ୍ (ଏମ୍‌ଏସ୍‌ଏମ୍‌ଇ) ବିଭାଗର ଯୁଗ୍ମ ସଚିବ ତଥା ଷ୍ଟାର୍ଟଅପ୍ ଓଡ଼ିଶାର ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର କମଲଜୀତ ଦାସ ଯୋଗ ଦେଇ ଷ୍ଟାର୍ଟଅପ୍ ଓଡ଼ିଶା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଷ୍ଟାର୍ଟଅପ୍ ଓଡ଼ିଶାର ନଲେଜ ପାର୍ଟନର ସୌମ୍ୟ ରଞ୍ଜନ ପଣ୍ଡା ଷ୍ଟାର୍ଟଅପ୍ ଗୁଡ଼ିକୁ ସହଯୋଗ କରିବା ନେଇ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିବା ବେଳେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସ୍‌ର ଚିଫ୍ ଅପରେଟିଂ ଅଫିସର ଡକ୍ଟର ନିବେଦିତା ଜେନା ଓଡ଼ିଶାରେ ଶିଳ୍ପ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକର ଉନ୍ନତି କ୍ଷେତ୍ରରେ ଶିକ୍ଷାନୁଷ୍ଠାନ ଗୁଡ଼ିକର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଟେଲିକମ୍ୟୁନିକେସନ୍ ବିଭାଗର ନିର୍ଦ୍ଦେଶକ (ଟେକ୍ନୋଲୋଜି) ସୁବ୍ରତ ପୃଷ୍ଟି ଓଡିଶାର ସାଂସ୍କୃତିକ ପରମ୍ପରା କିଭଳି ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛି ସେ ବିଷୟରେ ଆଲୋଚନା କରିଥିଲେ। ବିକଶିତ ଭାରତ ମିଶନ୍ ଅଧିନରେ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା



ନେଇ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ପକ୍ଷରୁ ଏକ ବିବରଣୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଟ୍ରାକ୍‌ର ୩ ଜଣ ଲେଖାଏଁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଆଇସି-ସୋଆ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ୍ ପୁରସ୍କାର ପ୍ରଦାନ କରିଥିଲେ।

# ଓଡ଼ିଶା ଖଦି ମେଳା ଉଦଯାପିତ

**ଭୁବନେଶ୍ୱର,୨୦।୧୨ (ମହାଭାରତ):** ଉଦଯାପିତ ହୋଇଯାଇଛି ଓଡ଼ିଶା ଖଦି ମେଳା-୨୦୨୪। ଉଦଯାପନୀ ସଂଧ୍ୟାରେ ଖଦି



ଓ ଗ୍ରାମୋଦ୍ୟୋଗ ଆୟୋଗ (ପୂର୍ବାଞ୍ଚଳ)ର ସଦସ୍ୟ ମନୋଜ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହି ମେଳା ମାଧ୍ୟମରେ ଗ୍ରାମାଞ୍ଚଳର ପ୍ରଗତି ଓ ଗ୍ରାମ୍ୟ କାରିଗରମାନଙ୍କର ଆର୍ଥିକ ସମୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପ୍ରଦର୍ଶନୀରେ ପ୍ରାୟ ଦୁଇ କୋଟି ଟଙ୍କାରୁ ଅଧିକ କାରବାର ହୋଇଛି। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ଚଳିତଥର ସମୁଦାୟ ୧୦୦ଗୋଟି ଷ୍ଟଲର ଆୟୋଜନ କରାଯାଇଥିଲା ଓ ସେଥି ମଧ୍ୟରୁ ୩୨ ଗୋଟି ଖଦି, ୬୩ ଗୋଟି ଗ୍ରାମୋଦ୍ୟୋଗ ଓ ୫ ଗୋଟି ଖାଦ୍ୟ ଷ୍ଟଲ ଖୋଲା ଯାଇଥିଲା ଓ ଚଳିତବର୍ଷ ଡିସେମ୍ବର ୧୦ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ମେଳାରେ ଡେମନଷ୍ଟ୍ରେସନ ଷ୍ଟଲରେ କାରିଗରମାନେ ତାଙ୍କ ହସ୍ତର ନିପୁଣତା ପ୍ରଦର୍ଶନ କରି ଯୁବପିଢିଙ୍କୁ ଆକୃଷ୍ଟ କରିଥିଲେ ଓ ପ୍ରତ୍ୟେକ ଦିନ ଅପରାହ୍ନ ୩ ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଷ୍ଟଲ ଖୋଲା ଯାଉଥିଲା ଓ ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ଜାମ୍ମୁକାଶ୍ମିର୍ ରାଜ୍ୟର କୁଶଳୀ କାରିଗରମାନେ ଏହି ମେଳାରେ ଅଂଶ ଗ୍ରହଣକରି ସେମାନଙ୍କ ସାମଗ୍ରୀଗୁଡ଼ିକ ବିକ୍ରୟ କରିଥିଲେ ଓ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉଦଯାପନୀ ସଂଧ୍ୟାରେ ସମ୍ମାନନୀୟ ଅତିଥି ଭାବେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବିଭୂତି ଭୂଷଣ ଦାସ, ଖଦି ଗ୍ରାମଦ୍ୟୋଗ ଆୟୋଗର ରାଜ୍ୟ ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ଛେତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

# ଆଧୁନିକ ଜ୍ଞାନକୌଶଳକୁ ଉପଯୋଗ କରି ବିକଶିତ ଭାରତ ଗଠନ ସମ୍ଭବପର

**ଭୁବନେଶ୍ୱର,୨୦।୧୨ (ମହାଭାରତ):** ବର୍ତ୍ତମାନର ଯୁଗ ହେଉଛି ଟେକ୍ନୋଲୋଜିର ଯୁଗ। ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ଭାରତ ଆଜି ସମଗ୍ର ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଆମେ ବିକଶିତ ଭାରତର ସ୍ୱପ୍ନ ଦେଖୁଥିବାବେଳେ ସାମାଜିକ ସଶକ୍ତିକରଣ, ଶିଳ୍ପ ପ୍ରତିଷ୍ଠା ଏବଂ ବୈଷୟିକ ଜ୍ଞାନର ଭରପୁର ଉପଯୋଗ ଉପରେ ଆମେ ପ୍ରାଧାନ୍ୟ ଦେବାର ସମୟ ଆସିଛି ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଟ୍ରିପୁଲ୍ ଆଇଟି, ଗୋଠପାଟଣା ପକ୍ଷରୁ ଆଡଭାନସେସ୍



ଇନ୍ ସିଗ୍ନାଲ ପ୍ରୋସେସିଂ, ପାୱାର, କମ୍ୟୁନିକେସନ ଏବଂ କମ୍ପୁଟିଂ ଶୀର୍ଷକ ଅନ୍ତର୍ଜାତୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ହରିଚନ୍ଦନ କହିଲେ ଯେ, ବର୍ତ୍ତମାନ ଓଡ଼ିଶା ସମେତ ସାରା ଦେଶ ଦ୍ରୁତ ପ୍ରଗତି ପଥରେ ଆଗକୁ ଅଗ୍ରସର ହେଉଥିବା ବେଳେ ଏ ଦିଗରେ ଶକ୍ତି, ଯୋଗାଯୋଗ ଏବଂ ଆଧୁନିକ ଜ୍ଞାନକୌଶଳର ପ୍ରମୁଖ ଭୂମିକା ରହିଛି। ତେଣୁ ଆଜିର ଏହି କର୍ମଶାଳା ମାନବ ସମାଜକୁ ଆଗକୁ ଯିବାରେ ନୂଆ ମାର୍ଗ ପ୍ରଦାନ କରିବ।

ଦେଶ ତଥା ରାଜ୍ୟକୁ ଆଗକୁ ନେବାରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାକୁ ଦୃଷ୍ଟିରେ ରଖୁ ଆଧୁନିକ ଜ୍ଞାନକୌଶଳର ଭରପୁର ଉପଯୋଗ କରି ଟେକ୍‌ନୋଲୋଜି କ୍ଷେତ୍ରରେ ଆଗକୁ ନେବା ଲାଗି ଅଧିକ ଗବେଷଣାର ଆବଶ୍ୟକ ରହିଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଆମର ଯୁବପିଢ଼ି ଟେକ୍ନୋଲୋଜି କ୍ଷେତ୍ରରେ ସଶକ୍ତ ହୋଇପାରିଲେ ବିକଶିତ ଓଡ଼ିଶା ଓ ଭାରତ ଗଠନ ନେଇ ଆମର ସ୍ୱପ୍ନ ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ମତ ରଖୁଥିଲେ। ବୈଠକରେ ପ୍ରଫେସର ରାମବିଳାସ ପାଚେରୀଙ୍କ ସମେତ ଆଇଆଇଟି ନିର୍ଦ୍ଦେଶକ ଆଶିସ ଘୋଷ ଏବଂ ପ୍ରଦ୍ୟୁତ୍ କୁମାର ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ପରିବହନ ଏବଂ ସହଯୋଗ ବୃଦ୍ଧି ପାଇଁ ରେଳପଥ ପକ୍ଷରୁ କର୍ମଶାଳା

**ଭୁବନେଶ୍ୱର,୨୦।୧୨ (ମହାଭାରତ):** ଇସ୍ପାତ ଶିଳ୍ପର ଦକ୍ଷତା ଏବଂ କାର୍ଯ୍ୟରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ, ପୂର୍ବତଟ ରେଳପଥ (ଇକୋର) ଇସ୍ପାତ କ୍ଷେତ୍ରର ବିକାଶମୂଳକ ଆବଶ୍ୟକତାକୁ ଆକଳନ କରିବା ପାଇଁ ୧୯ ତାରିଖରେ ଏହାର ମୁଖ୍ୟାଳୟ, ରେଳ ସଦନ ଠାରେ ଏକ ବ୍ୟାପକ କର୍ମଶାଳା ଆୟୋଜନ କରିଥିଲା। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଇସ୍ପାତ ଉତ୍ପାଦନକାରୀଙ୍କ ପ୍ରତିନିଧୀ, ଲଜିଷ୍ଟିକ୍ ବିଶେଷଜ୍ଞ ଏବଂ ରେଳ ବୋର୍ଡ ଏବଂ ଅନୁସନ୍ଧାନ ଡିଜାଇନ୍ ଏବଂ ମାନକ ସଂଗଠନ (ଆରଡିଏସଓ) ର ପ୍ରତିନିଧୀମାନେ ଯୋଗ ଦେଇଥିଲେ



ପରିବହନ ସାମଗ୍ରୀ ସହିତ ଜଡିତ ଆହ୍ୱାନର ମୁକାବିଲା, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଇସ୍ପାତ ପରିବହନ ସାମଗ୍ରୀର ସୁରକ୍ଷାକୁ ବୃଦ୍ଧି କରାଇବା ପାଇଁ ଇସ୍ପାତ ଶିଳ୍ପ ଏବଂ ରେଳବାଇ ମଧ୍ୟରେ ଘନିଷ୍ଠ ସହଯୋଗ ବୃଦ୍ଧି କରିବାକୁ ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ପୂର୍ବତଟ ରେଳପଥ ଇସ୍ପାତ କ୍ଷେତ୍ରର କାର୍ଯ୍ୟକ୍ଷମ ଆବଶ୍ୟକତା ପୂରଣ କରିବା ଏବଂ ଭିିତ୍ତିଭୂମି ବିକାଶ ତଥା ଦକ୍ଷ ପରିବହନ ସମାଧାନ ମାଧ୍ୟମରେ ଏହାର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଉତ୍ସର୍ଗୀକୃତ। ପୂର୍ବତଟ ରେଳପଥର ଏକ ସହଯୋଗୀ ତଥା ସ୍ୱଚ୍ଛ ପରିବେଶ ସୃଷ୍ଟି ପାଇଁ ଚାଲିଥିବା ପ୍ରୟାସରେ ଏହି କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଚିହ୍ନିତ ହୋଇଛି ଯାହା ଉଭୟ ରେଳ ଏବଂ ଇସ୍ପାତ କ୍ଷେତ୍ର ପାଇଁ ଲାଭଦାୟକ ଅଟେ ଅଭିନବ ସମାଧାନ ଏବଂ ନିରନ୍ତର ସଂଳାପ ମାଧ୍ୟମରେ ଇସ୍ପାତ ଶିଳ୍ପର ଆବଶ୍ୟକତାକୁ ସମାଧାନ କରି ପୂର୍ବ ତଟ ରେଳ ଏହି ଅଂଚଳରେ ଭବିଷ୍ୟତର ଅଭିବୃଦ୍ଧି ଏବଂ ସଫଳତା ପାଇଁ ମଂଚ ସ୍ଥିର କରୁଛି। ପୂର୍ବତଟ ରେଳପଥ ଭାରତର ୧୭ ଟି ରେଳ ଜୋନ୍ ମଧ୍ୟରୁ ଅନ୍ୟତମ, ଯାହା ପୂର୍ବାଂଚଳରେ ଟ୍ରେନ୍ ଏବଂ ସାମଗ୍ରୀ ପରିବହନ ପାଇଁ ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରୁଅଛି ପରିବହନ ସେବାରେ ଉନ୍ନତି ଆଣିବା, ନିରାପତ୍ତାକୁ ବୃଦ୍ଧି କରାଇବା ଏବଂ ସାମଗ୍ରୀର ଦକ୍ଷ ତଥା ସମୟାନୁବର୍ତ୍ତୀ ପରିବହନ ସୁନିଶ୍ଚିତ କରିବା ପାଇଁ ଏହା ପ୍ରତିବଦ୍ଧ, ବିଶେଷକରି ଇସ୍ପାତ ପରି କ୍ଷେତ୍ରଗୁଡିକ ଯାହା ଏହି ଅଂଚଳର ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ।

# ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଆକ୍ରମଣ ଘଟଣାକୁ ମନମୋହନଙ୍କ ନିନ୍ଦା

**ଭୁବନେଶ୍ୱର,୨୦।୧୨ (ମହାଭାରତ):** ବିଜେପିର ବରିଷ୍ଠ ନେତା ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସଂସଦରେ ରାହୁଲ ଗାନ୍ଧୀ ଧକ୍କା ମାରି ଆହତ କରିବା ଘଟଣାକୁ ସାରାଦେଶ ନିନ୍ଦା କରୁଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏଭଳି ଗୁଣ୍ଡାଗର୍ଦ୍ଦି ଅତ୍ୟନ୍ତ ଲଜ୍ଜାଜନକ। ସଂସଦୀୟ ଗଣତନ୍ତ୍ରରେ ଆଜି ଏକ ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ ଦିନ। ଗଣତନ୍ତ୍ରକୁ ସଭିଏଁ ସମ୍ମାନ ଦେବା ଉଚିତ। ଏଠାରେ ହିଂସାର କୌଣସି ସ୍ଥାନ ନାହିଁ। ଦାୟିତ୍ୱ ସମ୍ପନ୍ନ ଦଳର ବିରୋଧୀ ଦଳ ନେତା ବୋଲି ଦାବି କରୁଥିବା ରାହୁଲ ଗାନ୍ଧୀ ଯେଉଁ ଭଳି ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାହାକୁ ୧୪୦କୋଟି ଭାରତୀୟ ନିନ୍ଦା କରୁଛନ୍ତି। ଏହାଦ୍ୱାରା ଭାରତର ୭୫ ବର୍ଷ ଗଣତନ୍ତ୍ରର ଛବି ଆଜି ସାରା ବିଶ୍ୱରେ ଖରାପ ହୋଇଛି। ଏହାକୁ ଯେତେ ନିନ୍ଦା କଲେ କମ୍ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ଜଣେ ନିର୍ବାଚିତ ପ୍ରତିନିଧି ହୋଇ ମଧ ରାହୁଲ ଗାନ୍ଧୀ ଯେଉଁଭଳି ଗୁଣ୍ଡାଗର୍ଦ୍ଦି କଲେ, ଜଣେ ମାନସିକ ସନ୍ତୁଳନ ଥିବା ବ୍ୟକ୍ତି ଏଭଳି ବ୍ୟବହାର କେବେ କରିବେ ନାହିଁ। ସାଂସଦ ହେବା ପରେ ଉଚ୍ଚାରଣ, ଆଚରଣ ଓ ସ୍ୱଭାବରେ ପରିବର୍ତ୍ତନ ଆବଶ୍ୟକ। ରାହୁଲଙ୍କ ଗୁଣ୍ଡାଗର୍ଦ୍ଦିରେ ଆହତ ହୋଇ ଚିକିତ୍ସାଧୀନ ଥିବା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଶୀଘ୍ର ଆଶୁଆରୋଗ୍ୟ କାମନା କରୁଛି। କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ କ୍ଷମତା ଶୂନ୍ୟ କଂଗ୍ରେସ ନେତା ବିଚଳିତ ହୋଇ ଏଭଳି କାଣ୍ଡ କରିଛନ୍ତି। ୫୬ ବର୍ଷ ଧରି କ୍ଷମତାରେ ରହିବା ପରେ, କଂଗ୍ରେସ ଦଳର ନେତାମାନେ ଏହାକୁ ସହ୍ୟ କରି ନ ପାରି ଏଭଳି ଆଚରଣ କରୁଛନ୍ତି। ଏଭଳି ହିଂସ୍ର ଆଚରଣ ପ୍ରଦର୍ଶନ କରିବା ହେଉଛି କଂଗ୍ରେସ ପରିବାରର ପରମ୍ପରା। କଂଗ୍ରେସ ଅନେକ ସମୟରେ ଗଣତନ୍ତ୍ରକୁ ହତ୍ୟା କରିଥିବା ପୂର୍ବରୁ ନଜୀର ରହିଛି। ଇନ୍ଦିରା ଗାନ୍ଧୀଙ୍କ ଜରୁରୀକାଳିନ ପରିସ୍ଥିତିଠାରୁ ଆରମ୍ଭ କରି ଆଜି ରାହୁଲ ଗାନ୍ଧୀଙ୍କ ଦ୍ୱାରା ସଂସଦରେ ବରିଷ୍ଠ ନେତାଙ୍କୁ ଅସମ୍ମାନ ଓ ଆକ୍ରମଣ କରିବା ଘଟଣା ହେଉଛି ଏହାର ବଳିଷ୍ଠ ଉଦାହରଣ ବୋଲି ଶ୍ରୀ ସାମଲ କହିଛନ୍ତି।

# ସରକାରୀ ଚାକିରୀ ଆବେଦନ ସର୍ବୋଚ୍ଚ ବୟସ ସୀମା ୪୩ ବର୍ଷକୁ ବୃଦ୍ଧି ଦାବି

**ଭୁବନେଶ୍ୱର,୨୦।୧୨ (ମହାଭାରତ):** ସରକାରୀ ଚାକିରିରେ ଆବେଦନର ବୟସ ସୀମା ସ୍ଥାୟୀ ଭାବେ ୪୩ବର୍ଷକୁ ବୃଦ୍ଧି କରିବା ପାଇଁ ରାଜ୍ୟରେ ଯୁବକମାନଙ୍କର ବହୁ ଦିନର ଦାବୀ ହୋଇ ଆସୁଅଛି। ପୂର୍ବ ସରକାର ସର୍ବୋଚ୍ଚ ବୟସ ସୀମାକୁ ୩୨ବର୍ଷରୁ ୩୮ବର୍ଷକୁ ମାତ୍ର ୩ବର୍ଷ ପାଇଁ ଅସ୍ଥାୟୀ ଭାବେ ବୃଦ୍ଧି କରିଥିଲେ। କିନ୍ତୁ ନିୟମିତ ବ୍ୟବଧାନରେ ନିଯୁକ୍ତି ପ୍ରକ୍ରିୟା ତ୍ୱାରାନିତ ନହେବା କାରଣରୁ ରାଜ୍ୟର ଯୁବକମାନଙ୍କୁ ଏହାର ସୁଫଳ ସଠିକ ଭାବେ ମିଳିପାରି ନଥିଲା। ଏବେ ଏହି ସମୟ ସୀମା ଅତିକ୍ରାନ୍ତ ହେବାକୁ ଥିବା ବେଳେ ଚଳିତ ସରକାର ଏ ଦିଗରେ ନିରବଦ୍ରଷ୍ଟା ସାଜି ଥିବାରୁ ପୁନର୍ବାର ଏହି ବୟସ ସୀମା ୩୨ବର୍ଷରେ ସୀମିତ ହେବାକୁ ଯାଉଛି। ଯାହା ଫଳରେ ରାଜ୍ୟର ବହୁ ମେଧାବୀ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହେବାକୁ ଯାଉଛି। ଆଜି ଓଡ଼ିଶା ଯୁବ କଂଗ୍ରେସର ପୂର୍ବତନ ରାଜ୍ୟ ସଭାପତି ତଥା ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଡ.ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଓଡ଼ିଶା ସରକାରଙ୍କର ମୁଖ୍ୟ ଶାସନ ସଚୀବ ଶ୍ରୀଯୁକ୍ତ ମନୋଜ ଆହୁଜାଙ୍କୁ ରାଜ୍ୟ ଲୋକସେବା ଭବନରେ ଭେଟି ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ। ସରକାରୀ ଚାକିରିରେ ଆବେଦନର ସର୍ବୋଚ୍ଚ ବୟସ ସୀମା ୪୩ ବର୍ଷକୁ ସ୍ଥାୟୀ ଭାବେ ବୃଦ୍ଧି କରିବା ପାଇଁ ପ୍ରତିନିଧି ଦଳ ଦାବୀ ପତ୍ର ପ୍ରଦାନ କରିଥିଲେ। ଦେଶର ଅନ୍ୟ ରାଜ୍ୟ ଯଥା ଗୋଆରେ ୪୫ବର୍ଷ, ତେଲେଙ୍ଗାନାରେ ୪୪ବର୍ଷ, ଉତରପ୍ରଦେଶ ଓ ରାଜସ୍ଥାନର ୪୦ ବର୍ଷ, ଆସାମରେ ୪୪ବର୍ଷ, ଆନ୍ଧ୍ରପ୍ରଦେଶରେ ୪୨ବର୍ଷ ଥିବା ସ୍ଥଳେ ଓଡ଼ିଶା ସରକାର ଏ ନେଇ କାହିଁକି ସ୍ଥାୟୀ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି ବୋଲି ଡ. ଲେଙ୍କା ଦାବି କରିଥିଲେ।

# କିଟ୍ ନଲେଜ୍ ଟ୍ରି ବକ୍ତୃତାମାଳା

**ଭୁବନେଶ୍ୱର,୨୦।୧୨ (ମହାଭାରତ):** କିଟ୍ ନଲେଜ୍ ଟ୍ରି ବକ୍ତୃତାମାଳାରେ ଆଜି ସ୍ଲୋଭାକିଆର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଏଡ୍‌ୱାର୍ଡ ହେଗର ବକ୍ତୃତା ପ୍ରଦାନ କରି କିଟ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ନୈତିକତା ଓ ସମାଜ ପ୍ରତି ପ୍ରତିବଦ୍ଧତା ରଖିବାକୁ ପରାମର୍ଶ ଦେଇଥିଲେ। ସେ କହିଲେ, ଆଜିର ଯୁଗରେ ଶିକ୍ଷା ହିଁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ଶାନ୍ତି ଆଣିପାରେ। ଶିକ୍ଷା ଗୋଟିଏ ଦେଶକୁ ପରିବର୍ତ୍ତନ କରିପାରେ ଏବଂ ଶିକ୍ଷା ଜଣକ ଜୀବନରେ ସମୃଦ୍ଧି ଆଣିଥାଏ। ଛାତ୍ରଛାତ୍ରୀମାନେ କେବଳ ଶିକ୍ଷା ଗ୍ରହଣ କରି ନିଜେ କିପରି ପ୍ରତିଷ୍ଠିତ ହେବେ ସେ ବିଷୟରେ ଚିନ୍ତା ନ କରି ନିଜ ପରିବେଶ, ସମାଜ, ରାଜ୍ୟ ଓ ଦେଶରେ କିପରି ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭ୍ରାତୃତ୍ୱଭାବ ବଜାୟ ରହିବ ସେ ଦିଗରେ ନିଜ ଜ୍ଞାନ ଓ ଦକ୍ଷତାର ବିନିଯୋଗ



କରିବା ଉଚିତ। କେବଳ ପ୍ରତିଷ୍ଠା ଏବଂ ଅର୍ଥ ବଳରେ ଜୀବନରେ ଶାନ୍ତି ଆସିପାରେ ନାହିଁ। ସମାଜ ପ୍ରତି ପ୍ରତିଦାନରେ ପ୍ରକୃତ ଶାନ୍ତି ମିଳିଥାଏ। ସମାଜ ପ୍ରତି ପ୍ରତିବଦ୍ଧତା ଓ ପ୍ରତିଦାନର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଅଚ୍ୟୁତ ସାମନ୍ତ ବୋଲି ସେ କହିଥିଲେ। ସେ କହିଲେ ଉତ୍ତମ ଚରିତ୍ରର ବ୍ୟକ୍ତି ଜଣେ ଭଲ ନେତା ହୋଇପାରେ। ନୈତିକତା ଓ ମୂଲ୍ୟବୋଧ ସହ ନେତାମାନେ ଅନ୍ୟମାନଙ୍କ ପାଇଁ ରୋଲ ମଡେଲ୍ ହୋଇପାରିବେ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଅନ୍ୟମାନଙ୍କ ପ୍ରତି ସର୍ବଦା ନମ୍ର ଓ ଦୟାଶୀଳ ହେବା ଉଚିତ। ଆମର ପୂର୍ବଜଙ୍କଠାରୁ ଜ୍ଞାନ ଆହରଣ କରି ତାହାକୁ ସମାଜସେବା ଓ ଦେଶକୁ ନେତୃତ୍ୱ ଦେବାରେ ବିନିଯୋଗ କରିବା ଉଚିତ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦାହରଣ ଦେଇ ସେ କହିଲେ ଯେଉଁମାନଙ୍କର ସାହସ ଓ ଉତ୍ସର୍ଗୀକୃତ ମନୋଭାବ ରହିଛି ସେମାନେ ସମାଜରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିପାରିବେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।


## ଜିଲ୍ଲା ଶିଳ୍ପ କେନ୍ଦ୍ର

### ଗଜପତି, ପାରଳାଖେମୁଣ୍ଡି

ଜିଲ୍ଲା ସ୍ତରରେ ଉଦ୍ୟୋଗ ଓ ଶିଳ୍ପ ଗୁଡିକର ଅଭିବୃଦ୍ଧିକୁ ପ୍ରୋତ୍ସହିତ କରିବାରେ ଜିଲ୍ଲା ଶିଳ୍ପ କେନ୍ଦ୍ର (DIC) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ଉଦ୍ୟୋଗୀ ମାନଙ୍କ ପାଇଁ ସିଙ୍ଗଲ ୱିଣ୍ଡୋ ସୁବିଧା ଭାବରେ କାର୍ଯ୍ୟ କରେ। ବ୍ୟବସାୟ ସ୍ଥାପନ, ପରିଚାଳନା ଓ ସଂପ୍ରସାରଣ ପାଇଁ ମାର୍ଗ ଦର୍ଶନ ସମର୍ଥନ ଓ ବ୍ୟାଙ୍କ ଋଣ ପାଇଁ ସହାୟତା ପ୍ରଦାନ କରେ। ଉଦ୍ୟୋଗୀ ମାନଙ୍କୁ ଉଦ୍ୟୋଗ ସ୍ଥାପନ ପାଇଁ ନିମ୍ନ ପ୍ରଦତ୍ତ ଯୋଜନା ମାନ ଅଣୁ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ବିଭାଗ ଭାରତ/ଓଡ଼ିଶା ସରକାର ଅନୁମୋଦନ କରିଛନ୍ତି।

୧.ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (କେତେକ ନୂତନ ଉଦ୍ୟୋଗ ସ୍ଥାପନ ପାଇଁ) (PMEGP)
୨. ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟା ସଂଯୋଗୀ କରଣ ଯୋଜନା (PMFME)
୩. ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା (କେବଳ ୧୮ ପ୍ରକାର ପାରମ୍ପରିକ କାରିଗର ମାନଙ୍କ ପାଇଁ)
୪. ଓଡ଼ିଶା ଶିଳ୍ପ ନିତୀ ୨୦୨୨

ବିସ୍ତୃତ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ।
ଜିଲ୍ଲା ଶିଳ୍ପ କେନ୍ଦ୍ର ଗଜପତି, ପାରଳାଖେମୁଣ୍ଡି
ସାଧାରଣ ପରିଚାଳକ – ୭୦୦୮୫୦୧୯୧୨
ସହକାରୀ ଶିଳ୍ପ ଅଧିକାରୀ- ୮୭୬୩୬୪୧୬୫୦,
୮୭୬୩୫୧୧୪୮୭

## ବିଜେପି ହାତରେ ମଙ୍ଗ

ଫଡ଼ନାବିସ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ପ୍ରଥମ ଥର ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୯ରେ ତାଙ୍କ ନେତୃତ୍ୱରେ ଏନଡିଏ ପୁନର୍ବାର ବିଜୟୀ ହୋଇଥିଲା। କିନ୍ତୁ ଶିବସେନାର ଧୋକ୍କାବାଜି ହେତୁ ଏନଡିଏ ସରକାର ଗଠନ କରିପାରିଲା ନାହିଁ। ମଝିରେ ଅଜିତ ପାୱାରଙ୍କ ସମର୍ଥନରେ ଫଡ଼ନାବିସ ମାତ୍ର ୩ ଦିନ ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ସଂଖ୍ୟାର ଖେଳରେ ସ ହାରି ଯାଇଥିଲେ। ଏବେ ସେ ବସ୍ତୁତଃ ଦ୍ୱିତୀୟ ଥର ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏଥର ସେ ୨୦୧୪ ତୁଳନାରେ ଅଧିକ ଶକ୍ତିଶାଳି ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୮୮ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ମହାୟୁତି ୨୩୫ ଆସନ ଜିତିଛି। ବିଜେପି ଏକାକି ।୧୪୮ ଆସନରେ ପ୍ରାର୍ଥୀ ଦେଇ ୧୩୨ ଆସନରେ ସଫଳତା ହାସଲ କରିଛି। ମ୍ୟାଜିକ ନମ୍ବରଠାରୁ ଏହା ମାତ୍ର ୧୩ ପଛରେ ରହିଛି। ଅନ୍ୟ ପକ୍ଷରେ ସହଯୋଗୀ ଦଳ ଅଜିତ ପାୱାରଙ୍କ ଏନସିପି ୪୧ ଏବଂ ଏକନାଥ ସିନ୍ଦେଙ୍କ ଶିବସେନା ୫୭ ଆସନରେ ଜିତିଛି। ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳର ସମର୍ଥନ ଯଥେଷ୍ଟ। ସେଥିପାଇଁ ବିଜେପି ବିନା ଚାପରେ ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କଲା। ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବାକୁ ଆଗ୍ରହୀ ଥିଲେ। କିନ୍ତୁ ବିଜେପି ଏହାକୁ ଗ୍ରହଣ କଲାନାହିଁ। ସିନ୍ଦେଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏନସିପି ନେତା ଅଜିତ ପାୱାର ତତ୍କାଳ ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ଫଡ଼ନାବିସଙ୍କୁ ସମର୍ଥନ ଘୋଷଣା କଲେ। ତେଣୁ ସିନ୍ଦେଙ୍କ ଦାବିର ଆଉ କିଛି ମୂଲ୍ୟ ରହିଲା ନାହିଁ। ଗୁରୁବାର ମୁମ୍ବାଇର ଆଜାଦ ମଇଦାନରେ ଅନୁଷ୍ଠିତ ଶପଥ ଗ୍ରହଣ ସମୟରେ ଫଡ଼ନାବିସଙ୍କ ସହ ସିନ୍ଦେ ଓ ପାୱାର ଶପଥ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ପରେ ଫଡ଼ନାବିସ କହିଛନ୍ତି ଯେ, ତାଙ୍କ ସରକାର ଏହାର ୫ ବର୍ଷିଆ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିବେ। ମଝିରେ କିଛି ଅଘଟଣର ସମ୍ଭାବନା ନାହିଁ। ଫଡ଼ନାବିସଙ୍କ ଏହି ମନ୍ତବ୍ୟରୁ ତାଙ୍କ ଗଭୀର ଆତ୍ମବିଶ୍ୱାସ ଏବଂ ବିଜେପିର ଶକ୍ତି ପ୍ରମାଣିତ କରୁଛି। ବିଧାନସଭାରେ ବିଜେପିର ସଦସ୍ୟ ସଂଖ୍ୟା ୧୩୨। ଏନସିପି ଓ ଶିବସେନାର ୯୮ ସଦସ୍ୟଙ୍କୁ ବାଦ ଦେଲେ ଅନ୍ୟ ୫ଜଣ ସଦସ୍ୟ ମଧ୍ୟ ବିଜେପିକୁ ସମର୍ଥନ କରୁଛନ୍ତି। ହୁଏତ କିଛି ମାସ ମଧ୍ୟରେ ବିଜେପିର ବିଧାୟକଙ୍କ ସଂଖ୍ୟା ୧୪୫ ଟପିଯାଇପାରେ। କଂଗ୍ରେସ, ଉଦ୍ଧବ ଠାକରେଙ୍କ ଶିବସେନା ଏବଂ ଶରଦ ପାୱାରଙ୍କ ଏନସିପିର ବହୁ କମ ବିଧାୟକ ଅଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଦଳବଦଳ କରି ବିଜେପିରେ ସାମିଲ ହୋଇପାରନ୍ତି। ଯାହା ବି ହେଉ ବିଜେପିର ସଂଖ୍ୟା ଯାହା ବି ରହିଛି ସେଥିରେ ଫଡ଼ନାବିସ ନିଜ ଆସନ ବେଶ ସୁଦୃଢ଼ ବୋଲି କହିପାରିବେ। ମହାରାଷ୍ଟ୍ରରେ ବିଜେପିର ଜବରଦସ୍ତ ସଫଳତା ପଛରେ ଫଡ଼ନାବିସଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ନିର୍ବାଚନରେ ବିଜେପିକୁ ଆରଏସଏସର ସହଯୋଗ ଏବଂ ସମର୍ଥନ ପଛରେ ଫଡ଼ନାବିସଙ୍କ ଭୂମିକା ଥିଲା। ସେ ହିଁ ମୋହନ ଭାଗବତଙ୍କୁ ଭେଟି ଏଥିପାଇଁ ଅନୁରୋଧ କରିଥିଲେ। ଫଡ଼ନାବିସଙ୍କ ପଛରେ ଆରଏସଏସର ଦୃଢ଼ ସମର୍ଥନ ରହିଛି। ଆରଏସଏସର ମୁଖ୍ୟାଳୟ ନାଗପୁରରେ ସେ ଥିଲେ ମେୟର। ଫଡ଼ନାବିସଙ୍କ ପ୍ରତି ବିଜେପି ହାଇକମାଣ୍ଡ ପୁନର୍ବାର ଆସ୍ଥା ଏବଂ ବିଶ୍ୱାସ ସ୍ଥାପନ କରିବାର ମୁଖ୍ୟ କାରଣ ହେଲା ଦଳ ପ୍ରତି ତାଙ୍କର ଆନୁଗତ୍ୟ ଏବଂ ଶୃଙ୍ଖଳା। ୨୦୨୨ରେ ଉଦ୍ଧବ ଠାକରେଙ୍କୁ ବିଦା କରି ଏନଡିଏ ଯେତେବେଳେ କ୍ଷମତାକୁ ଫେରିଲା ସେତେବେଳେ ମେଣ୍ଟର ସ୍ୱାର୍ଥ ପାଇଁ, ଦଳର ସ୍ୱାର୍ଥ ପାଇଁ ଫଡ଼ନାବିସ ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ କରି ଉପ-ମୁଖ୍ୟମନ୍ତ୍ରୀ ହୋଇଥିଲେ।

# ବାଇଶି ପାହାଚେ ଖେଳିବ ମୀନ

॥ ଅଜୟ କୁମାର ବେହେରା ॥

> ;ମୋର ଜଣେ ଅତି ସମ୍ମାନନୀୟ ହାଇସ୍କୁଲର ଶିକ୍ଷକ ଥିଲେ। ତାଙ୍କର ଭଉଣୀ ବିବାହକୁ ଆମର କେତେକୁ ଛାତ୍ରଙ୍କୁ ବିବାହ କାର୍ଯ୍ୟରେ କିଛି କର୍ମୀ ଭାବରେ ସାହାଯ୍ୟ କରିବାକୁ ନିମନ୍ତେ ସେ ମହାଶୟ ପୂର୍ଣ୍ଣ ଦୀକ୍ଷିତ ବୈଷ୍ଣବ। ମତ୍ସ୍ୟ ମାଂସ ପିଆଜ ରସୁଣ ତାଙ୍କର ବର୍ଜନ ସେ ତାଙ୍କ ସ୍ତ୍ରୀଙ୍କୁ କିଛି କାମ ଥିଲେ ଡାକନ୍ତି ହରିବୋଲ ତାଙ୍କ ଭଉଣୀ ବିବାହରେ ଯାତ୍ରୀଙ୍କୁ ନିରାମିଷ ଭୋଜନରେ ଆପ୍ୟାୟିତ ପାଇଁ ରାଜି କରାଇଥିଲେ ହେଲେ ଏକ ସମସ୍ୟା ଥିଲା ବରଘର ବହନିଭାରରେ ମାଛ ଦହି ବ୍ୟବସ୍ଥା କଣ କରାଯାଇପାରିବ। ମୁଁ ତାଙ୍କର ନିକୃଷ୍ଟ ଛାତ୍ରଟିଏ ମୋର ବାପାଙ୍କ ସହିତ ତାଙ୍କର ପିଲାକାଳର ପରିଚୟ।

ମହାପୁରୁଷଙ୍କ ଭାଷା ସାଙ୍କେତିକ ଭାଷା। ଯବନ, ଅବିଶ୍ୱାସ, ଶାସ୍ତ୍ରଜ୍ଞାନକୁ ଅବଖ୍ୟା କରିବା ବେଳେ ପ୍ରଚାର କରି ତାଙ୍କ ଜ୍ଞାନରେ ଅର୍ଥ କରି ଶସ୍ତା ପନ୍ଥୀ ବୋଲାଇବା ଆଉ ଦଳେ ପ୍ରଚାର କରି ଗୁପ୍ତଜ୍ଞାନକୁ ନଜାଣି ଛପାଇ ପ୍ରବଚନ ଦେଇ ରୋଜଗାର କରିବା ଲୋକଙ୍କୁ ଭୟାଳୁ କଥା କହି ନିଜର ମୂଲ୍ୟ ବଢ଼ାଇବା ଏମିତି କେତେ ଫନ୍ଦା ଖୋଲି ଯାଉଛି ବା ମେଲିଯାଉଛି। ମୀନ ଶବ୍ଦ ଉଠିଲେ ଭଗବାନ ମୀନ ଅବତାର ପ୍ରଥମେ ହୋଇଥିଲେ। ସେ ଭକ୍ତଙ୍କୁ ପ୍ରତ୍ୟକ୍ଷ ଉଦ୍ଧାର ତତ୍ତ୍ୱ ଅବତାରରେ ନକଲେ ବି ଭକ୍ତ ସମୁହ ରକ୍ଷା କରିବା ପାଇଁ ରକ୍ଷା ସମ୍ବିଧାନ ଶାସ୍ତ୍ରକୁ ଉଦ୍ଧାର କରିଥିଲେ। ଜଗନ୍ନାଥଙ୍କ ଚକ୍ଷୁ ତ ମୀନର ଚକ୍ଷୁ ସ୍ଥିତି ଦେଖିଲେ ଠିକ ସେପରି ଅଛି। ତାଙ୍କର ଅଙ୍ଗର ଛବି ଅଦ୍ଭୁତ। ମାଛ ନିପାୟା, କୋଉ ପାଦ ଜଗନ୍ନାଥ ତାଙ୍କର ଅଛି କି? ସେ ବାଇଶି ବାଟେ ହିଁ ନବକଳେବର ଧାରଣ ଠାରୁ ରଥ ପାଇଁ ଏଇ ବାଇଶି ପାହାଚ ବାଟେ ସିଂହଦ୍ୱାର ଦେଇ ଓହ୍ଲାନ୍ତି, ଅନ୍ୟ ଚାରିଦ୍ୱାରରେ ସେ ଓହ୍ଲାନ୍ତି ନାହିଁ କି ଅନ୍ୟ ପଟରେ ଏପରି ବାଇଶି ପାହାଚ ନାହିଁ। ଅଦିନରେ ଠାକୁର ବାଇଶି ପାହାଚରେ ଓହ୍ଲାଇ ପାରନ୍ତି ଏହା ଏକ ସଙ୍କେତ ଏଥିରୁ ମିଳୁଛି। ମାଛଙ୍କର ଦୁଇ ପ୍ରକାର ଗତି ଓହ୍ଲାଇବା ଚଢ଼ିବା ଅଛି, ବର୍ଷାଦିନେ ନୂଆ ପାଣି ବର୍ଷା ହେଲେ ପଙ୍କୁଆ ମାଛଙ୍କ ସହିତ ପକ୍ଷୀ ମାଛ ବି ଜଳ ଆସୁଥିବା ଉଚ୍ଚ ସ୍ଥାନରୁ ଦିଗକୁ ଉଠନ୍ତି। ପୁଣି କାର୍ତ୍ତୀକ ନିଗିଡ଼ା ବେଳେ ମାଛ ମାନେ ଜଳର ରହିଲେ ଦିଗକୁ ଭାଦ୍ରବ ଖରା ତାପରେ ଅସହ୍ୟ ତାପ ସହିବା ପରେ ପାଣି ଦିଗକୁ ଗତି କରନ୍ତି। ଯେଉଁମାନେ ପୂର୍ବରୁ ଅନ୍ଧୁଲ ବସାଇ ମାଛ ଧାନ ବିଲରୁ ଧରନ୍ତି ସେ ଏକଥା ନିଷ୍ଟେ ଜାଣନ୍ତି।

ବେଳେ ବେଳେ ଦୁଇ ଗଭୀର ଜଳରେ ମାଛ ବାସ ଓ ବେଳେ ବେଳେ ତୁଠ ତଟରେ ମାଛ ରହିବାକୁ ଭଲ ପାଆନ୍ତି। ଏ ମଧରେ ଶ୍ରୀମନ୍ଦିର ଏକ ବିଡ଼ ଅଞ୍ଚଳରେ ପୂର୍ଣ୍ଣ ପକା ଚଟାଣରେ ମନ୍ଦିର ମାନଙ୍କ ସହିତ ରହିଛି। ତା ମଧରେ ବର୍ଷା ହେଲେ ଜଳ ବଡ଼ଦାଣ୍ଡକୁ ସିଂହଦ୍ୱାର ବାଇଶ ପାହାଚ ବାଟେ କିଛି ବୋହି ଆସେ ମନ୍ଦିର ମଧରେ ମାଛ କେବେ ପ୍ରବେଶ ନାହିଁ ମାଛର ଡିମ୍ବ ଶୁଷ୍କ ହୋଇ ଆକାଶରେ ଉଡି ଏଠାରେ ଜଳର ପ୍ରାବଲ୍ୟ ଜମି ନରହିବାର ଡିମ୍ବରୁ ଛୁଆ ଓ ବଡ଼ ହୋଇନପାରନ୍ତି। ଅତଏବ ଏଇଜଳ ଭିତରେ ମୀନ ରହିବା ସମ୍ଭବ ନୁହେଁ। ଏଣୁ ଏଠାରେ ଉପରୁ ତଳକୁ ଗଡ଼ିବା ହେଉନାହିଁ। ବାକି ରହିଲା ତଳୁ ଉପରକୁ ଉଠିବା ପୂର୍ବେ ପ୍ରାକୃତିକ ନଦୀ ମଙ୍ଗଳା ନଦୀ ବଡ଼ଦାଣ୍ଡ ବଡ଼ଶଙ୍ଖରେ ସମୁଦ୍ରଗାମୀ ବହୁଥିଲା ସେ ବଡ଼ଦାଣ୍ଡର ଜଳ ସମୁଦ୍ରକୁ ନେଇ ଯାଉଥିଲା ଏ ସମୟରେ ବଡ଼ଦାଣ୍ଡ ପକ୍କା କଡ଼ରେ ବଡ଼ ବଡ଼ ନିର୍ମାଣ ସବୁର ବର୍ଷା ଜଳ ସହିତ ବଡ଼ଦାଣ୍ଡ ବର୍ଷାଜଳ ସହିତ ମନ୍ଦିର ଭିତର ବର୍ଷାଜଳ ମିଶି ଜଳପ୍ଲାବନ ବର୍ଷା ଦିନରେ ଜମି ରହୁଛି। ଅନ୍ୟ ଦିନେ ସବୁ ଘରର ବର୍ଷାଜଳ ଡ୍ରେନରେ ଯାଉଛି। ଏ ବର୍ଷା ଦିନେ ଡ୍ରେନ ସହିତ ବଡ଼ଦାଣ୍ଡର ଜଳ ମିଶି ଏକାକାର ଅତଏବ ଡ୍ରେନରେ ପଙ୍କୁଆ ମାଛ ବଢ଼ି ପାରନ୍ତି ପୁଣି ପଙ୍କୁଆ ସ୍ଥାନର ଜଳ ମୁଖ୍ୟ ଡ୍ରେନରେ ପଡୁଛି ତାହା କୌଣସି ବଡ଼ ଜଳଧାରକୁ ବି ଯାଉଛି। ଏହି ଜଳ ଧାରରୁ ଅନେକ ମାଛ ଏଇ ଡ୍ରେନକୁ ଆସି ବାସ କରୁଛନ୍ତି। ପୋକଜୋକ ଆଦି ଖାଇ ବଞ୍ଚୁଛନ୍ତି। ଏ ଜଳର ଉସ୍ମ ବେଳେ ଏମାନେ ବାଇଶିପାହାଚ ଜଳରେ ଯେ ଅଧିକ ବର୍ଷା ହେଲେ ଉଠି ସଡ ସଡ଼ ହୋଇ ଖୋଲି ଡେଇଁ ଡେଇଁ ଉପରକୁ କାହିଁକି ବା ନ ଉଠିବେ ଏଥିରେ କଉ ଗଡ଼ିଶା ମାଗୁର ରଡା ପରି ମାଛ ହୋଇପାରନ୍ତି। ସେତେବେଳେ ମହାପୁରୁଷ ଲେଖିଥିଲେ ସେତେ କୁଡ଼ିଆ ଚାଙ୍ଗେର ଥିଲା ଜଳ ପ୍ଲାବନ ଏପରି ନଥିଲା କି ଏପରି ହୋଇନଥିଲା ନଳା କୁମ୍ଭାର ଘରୁ ଅଣାଯାଇ ଉଚ୍ଚରୁ ଢ଼ାଲୁ କରି ତଳକୁ ତଳ ଖଞ୍ଜାଯାଇ ବାହାରେ ଜଳ କୌଣସି ମତେ ଦୁର୍ଗନ୍ଧ ବା ପ୍ଲାବନ କରୁନଥିଲା। ମହାପୁରୁଷ କଳ୍ପନା କରିଛନ୍ତି ଲୋକ ଶ୍ରୀକ୍ଷେତ୍ରରେ ଅବେଳ ବଢ଼ିବେ ଏପରି ହେବ ମନ୍ଦିର ବର୍ଷାଜଳ କୋଠ ମାନଙ୍କର ବର୍ଷାଜଳ ବଡ଼ଦାଣ୍ଡରେ ଲହଡି ଭାଙ୍ଗିବ, ଲହଡ଼ି ଭାଙ୍ଗିଲେ ବାଇଶ ପାହାଚରେ ଉଠା ମାଛ ଉଠି ଖେଳିବେ। ତାପରେ ପାଞ୍ଚଟା ବୈଷ୍ଣବ ବିରୁଦ୍ଧାଚାରୀ ମାୟାବୀ ବୈଷ୍ଣବୀ ଲୀଳା ଶ୍ରୀ ମହାପ୍ରସାଦକୁ ଅପବିତ୍ର କରିବାକୁ ଏପରି ଜୀବନ୍ତ ମତ୍ସ୍ୟ ବାଇଶ ପାହାଚରେ ଗୁପ୍ତରେ ଛାଡ଼ି ହାଲ୍ଲା କରି ଏକ ଧର୍ମୀୟ ପରମ୍ପରାରେ ବିଶ୍ୱାସ ହାନୀ କରାଇପାରନ୍ତି।

ମାଛ ହାଟ ଶୁଖୁଆ ହାଟରେ ଅନେକ ଶବ୍ଦ ଲୋକେ ଶବ୍ଦରେ ଅତିଷ୍ଟ ଯେଉଁଠି କେବଳ ପ୍ରଭୁ ଚିନ୍ତା ସେଠାରେ ବହୁଦର୍ଶନାର୍ଥୀ ଯେଉଁମାନେ ଦେଖାସିଖା ଭକ୍ତରେ ଆସିଛନ୍ତି ଏକ ପ୍ରକାର ଜିଜ୍ଞାସୁ ସାଜି କିଛି ବୃଥା ଦର୍ଶନକୁ ଆସିଛନ୍ତି ବା ଯାତ୍ରୀ ସାଜି ମନ୍ଦିରର ସାଜସଜା ମୂର୍ତ୍ତି ଦେଖା ବିଭିନ୍ନ ମହାପ୍ରସାଦ ସେବନ କରିବାକୁ ଆସୁଛନ୍ତି ଏମାନେ ନୀରବ ଭଙ୍ଗ କରି ମଣିମା ମଣିମା ଡାକରେ ବୃଥା ଶବ୍ଦ ମାନ ଯୋଡୁଛନ୍ତି ବାଇଶ ପାହାଚରେ ହୈଚୈ ଲାଗୁଛି ଏହାବି ମାଟ ହାଟ ପରି ବ୍ୟବସ୍ଥା ବୁଝାପଡୁଛି ପୁଣି ଲୋକେ କିଛି ପାଇଯିବେ ବୋଲି କିଛି ଶ୍ରୀଜଗନ୍ନାଥଙ୍କ ନାମରେ ଯାତ୍ରୀଙ୍କୁ ଭଣ୍ଡାନ୍ତି ଏଇ ବାଇଶ ପାହାଚରେ ଚଢ଼ା ବା ଓହ୍ଲାଇ ବେଳେ ଅଣ୍ଡା ତୁଳସୀ ଚନ୍ଦନ କର୍ପୂର ଫୁଲହାର ଦେଇ ବିଶ୍ୱାସ ଜନ୍ମାଇ ଅପରିଚିତ ଯାତ୍ରୀଙ୍କୁ ଏଠାରେ ଠକାଯିବାର ନଜିର ଏପର୍ଯ୍ୟନ୍ତ ଯାଇନାହିଁ ଏବି ମାଛ ହାଟର ଦୃଶ୍ୟ। ଏଇ୨୨ରେ ଅଛି ୨୨ ଥାଟ ଓ ୨୨ ତନ୍ତ୍ରର ସନ୍ଥ ମୂର୍ତ୍ତ ମନ୍ତ୍ର ଚଣ୍ଡୀ ପାଠକ ଏଇ ୨୨ ତନ୍ତ୍ର ସହିତ ନମସ୍ତେ କହି ପଢ଼ନ୍ତି। ୨୨ଥାଟ ସଙ୍ଗୀତ ସାଧନଙ୍କର କଣ୍ଠରେ ସାଧନା ତନ୍ତ୍ର ବି ଏକ ସାଧନା, ଚଣ୍ଡୀପାଠ ସାଧନ ଭ୍ରାନ୍ତି ନାମ ଓ ବିଷ୍ଣୁମାୟା ଏ କ୍ଷେତ୍ରରେ ପୂର୍ବେ ଉଚ୍ଚାରଣରେ ସାଧନା ସୋନ ଉଠନ୍ତି। ଏ ମଧରେ ମୀନ ଦର୍ଶନ ଅର୍ଥ କୁଣ୍ଡଳନୀ ଠିକ କାର୍ଯ୍ୟ ନକଲେ ଦୁଇ ସାଧନା ଭ୍ରଷ୍ଟ ହୁଏ। କୁଣ୍ଡଳନୀରେ ଅଛି ମୀନ ଯେ ସୁଷୁମ୍ନା। ଶିଶୁ ମନା ସାଧକ ବିଦ୍ୟାର ଅଛି। ଏଇ ବିଯୋଗୀର ବିଦ୍ୟା। ମୀନ ଆମ ରାଜ୍ୟର ଶୁଭ ଦ୍ରବ୍ୟ। ଦଧି ମତ୍ସ୍ୟ ଶୁଭ ସଙ୍କେତ ହେଲେ ମତ୍ସ୍ୟ ମଧରେ ମନା, ମତ୍ସ୍ୟ ଏକ ତାମସିକ ଖାଦ୍ୟ, ଏଇ ତାମସିକ ଦ୍ରବ୍ୟମାନ ଏଇ ୨୨ ପାହାଚରେ ଚଢ଼ିବା ବେଳେ ଜଗୁଆଳୀ ଧରି କାଢ଼ି ଦିଅନ୍ତି ଯଥା ଗୁଟୁଖା, ସିଗାରେଟ, ବିଡ଼ି, ଦିଆସିଲି ବାହାର ଦ୍ରବ୍ୟ ମନ୍ୟ ପରି ଦ୍ରବ୍ୟକୁ ବିଧର୍ମୀ ହୋଇ ମନ୍ଦିର ପ୍ରବେଶ ପାଇଁ ଚିହ୍ନଟ ହେବା କାର୍ଡ଼ରେ ଧରାପଡ଼ି ସେ ପାହାଚ ଚଢ଼ି ଆଗକୁ ନଯାଇପାରନ୍ତି। ଏବେ ବସ ନଡ଼ିଆ ପରି ଦେଖା ଯିବାରୁ ବାଇଶ ପାହାଚରେ ନଡ଼ିଆ ବି ଧରପଗଡ଼। ଧରା ପଡ଼ିଲାଣି ଫୁଲ ଫଳ ମଧରେ ଲୁଚାଇ ବମ ମନ୍ଦିରକୁ ପ୍ରବେଶ ହୋଇପାରେ ଏହାକି ବହୁ କଡ଼ାକଡ଼ି ଏବି ୨୨ ପାହାଚରେ ଧରାପଡୁଛି। ଏସବୁ ଜଳପରି ପବିତ୍ର ସିନ୍ଦୁର ଦ୍ରବ୍ୟ ବି ଏଠାରେ ଧରପଗଡ଼ ଅବଶ୍ୟ ପିଇବା ପାଣି ଉଡାଜାହାଜରେ ଯାଇ ହେବନାହିଁ ଶ୍ରୀମନ୍ଦିରରେ ବାରଣ କରାଯାଇନାହିଁ। ମାଛ ପରି ଏସବୁ ମନ୍ଦିରରେ ୨୨ ପାହାଚରେ ଧରପଗଡ଼ ଓ ରନ୍ଧି ମାଛପରି ଏ ଡେଇଁ ଡେଇଁ ହାତ ବଦଳାଇ ଭିତରକୁ ଯାଇପାରିବ ନାହିଁ ଗଲେ ବାଇଶ ପାହାଚରେ ପରିତ୍ୟକ୍ତ ହେବ।

ମୋର ଜଣେ ଅତି ସମ୍ମାନନୀୟ ହାଇସ୍କୁଲର ଶିକ୍ଷକ ଥିଲେ। ତାଙ୍କର ଭଉଣୀ ବିବାହକୁ ଆମର କେତେକୁ ଛାତ୍ରଙ୍କୁ ବିବାହ କାର୍ଯ୍ୟରେ କିଛି କର୍ମୀ ଭାବରେ ସାହାଯ୍ୟ କରିବାକୁ ନିମନ୍ତେ ସେ ମହାଶୟ ପୂର୍ଣ୍ଣ ଦୀକ୍ଷିତ ବୈଷ୍ଣବ। ମତ୍ସ୍ୟ ମାଂସ ପିଆଜ ରସୁଣ ତାଙ୍କର ବର୍ଜନ ସେ ତାଙ୍କ ସ୍ତ୍ରୀଙ୍କୁ କିଛି କାମ ଥିଲେ ଡାକନ୍ତି ହରିବୋଲ ତାଙ୍କ ଭଉଣୀ ବିବାହରେ ଯାତ୍ରୀଙ୍କୁ ନିରାମିଷ ଭୋଜନରେ ଆପ୍ୟାୟିତ ପାଇଁ ରାଜି କରାଇଥିଲେ ହେଲେ ଏକ ସମସ୍ୟା ଥିଲା ବରଘର ବହନିଭାରରେ ମାଛ ଦହି ବ୍ୟବସ୍ଥା କଣ କରାଯାଇପାରିବ। ମୁଁ ତାଙ୍କର ନିକୃଷ୍ଟ ଛାତ୍ରଟିଏ ମୋର ବାପାଙ୍କ ସହିତ ତାଙ୍କର ପିଲାକାଳର ପରିଚୟ। ମୋ ବାପା ଏପରି ସଂସ୍କାର ପ୍ରିୟ ଥିଲେ। ଏ ଲାଗି ମୋତେ ପଚାରିଥିଲେ ଏପରି ସ୍ଥିତିରେ କଣ କରଯାଇପାରିବ? ମୋ ବୁଦ୍ଧିରେ ତତକାଳ ମୁଁ କହିଲି ସାର ଏକ ଜୀବନ୍ତ ମାଛକୁ ଏକ ବଡ଼ ଘଡ଼ିରେ ଜିବାଇ ତା ମୁହଁରେ ଦହି ହାଣ୍ଡି ପରି କଦଳୀ ପତ୍ର ଢ଼ଙ୍କଣା ଦେଇ କଣ କାମ ଚଳାଯିବ ତାପରେ ମାଛଟିକୁ କୌଣସି ଜଳାଶୟରେ ଛଡ଼ାଯାଇ ପାରିବ ନାହିଁ। ସେ ମୋତେ ସାବାସ କହି ତାହା ହିଁ କରିଥିଲେ। ମାଛର ଅପବିତ୍ରତାକୁ କଣ ଆମେ ପବିତ୍ରତାରେ ପରିଣତ କରିବା ଅସମ୍ଭବ। କୂଅ, ପୋଖରୀରେ ମାଛ ଅଛନ୍ତି। ସେ ମାଛ ଥିବା ବାସ୍ଥାନ ପାଣିରେ କଣ ଆମେ ସ୍ନାନ କରୁନାହୁଁ। କୂପରେ ପୋଖରୀରେ ବି ମାଛଡିମ୍ବ ଦି ନାଶ ପାଣି ଆମେ ଗଡ଼ିଶା ମାଛ କୂଅରେ ଛାଡୁଛେ ହେଲେ କୂଅ ପାଣି କଣ ଅପବିତ୍ର। କୂଅ ଉଝାଳିବା ବେଳେ ଲୋକେ କୂଅରେ କିଛି ତାଙ୍କର ଶରୀରର ଡବୁଳେ କଣ ଓଝଳା ସମ୍ପୂର୍ଣ୍ଣ ହୁଏ କି ଅତଏବ ଅନେକ ଚଳନୀୟ ମାତ୍ର ଦେବ ମନ୍ଦିର ବିଦୋଷ କରି ଶୁଦ୍ଧି ବୈଷ୍ଣବ ପରିବେଶ ଅଞ୍ଚଳରେ ମାଛ ପ୍ରବେଶ ନିଷେଧ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ପ୍ରେମର ଅନୁଶୀଳନ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଅତି ଦୁଃଖର କଥା ଯେ ଏହି ଦେଶ, ଯେଉଁଠି ମନୁଷ୍ୟର ଦିବ୍ୟତ୍ୱ ଏବଂ ସେହି ଦିବ୍ୟତ୍ୱର ପୁନଃ ପ୍ରାପ୍ତି ଉପାୟ ଆବିଷ୍କୃତ ହୋଇଥିଲା, ଯେଉଁ ଦେଶରେ ମୁନିଋଷିମାନଙ୍କର ଅବିରତ ପ୍ରବାହ ମନୁଷ୍ୟକୁ ଭଗବତ ଅଭିମୁଖୀ ଯାତ୍ରାରେ ତାହାର ଭୂମିକା ସ୍ମରଣ କରାଇ ଦେଇଆସିଛି, ସେହି ଦେଶରେ ଲୋକମାନେ ଶିକ୍ଷାର ଅଧଃପତନ ଏବଂ ଅଭ୍ୟାସର ମଳିନତା ପାଇଁ ସୁଯୋଗ ଦେଉଅଛନ୍ତି। ଏହି ମଧୁର ଜ୍ଞାନରେ ସିକ୍ତ ହୃଦୟ ବିଷ ପାତ୍ରରେ ପରିଣତ ହୋଇଅଛି। ଘୃଣା ସେମାନଙ୍କୁ କଠୋର କରି ଦେଉଛି, ଲୋଭ ସେମାନଙ୍କୁ ଧୂର୍ତ୍ତ କରି ଦେଇଛି; ଗର୍ବ ସେମାନଙ୍କୁ କଳୁଷିତ କରିଛି। ପୁନର୍ବାର ତା ଭିତରେ ଅନ୍ତର୍ନିହିତ ଆନନ୍ଦର ଝରଣା ସମ୍ପର୍କରେ ମନୁଷ୍ୟକୁ ସଚେତନ କରାଇବାକୁ ପଡ଼ିବ, ଯଦ୍ୱାରା ସେସୁଖୀ ହୋଇ ପାରିବ ଏବଂ ଉତ୍‌କଣ୍ଠାରେ ଉତ୍ତୋଜିତ ହେବନାହିଁ। ମାନବୀୟ ଆଦର୍ଶରେ ଏତେ ଅଧଃପତନ ଘଟିଛି ଯେ ମନୁଷ୍ୟ ଅବତାରମାନଙ୍କର ସୌନ୍ଦର୍ଯ୍ୟ, ଜ୍ଞାନ ଓ ଶକ୍ତିକୁ ଚିହ୍ନିବା ପାଇଁ ଅସମର୍ଥ ହୋଇପଡ଼ିଛି। ସେମାନେ ନିଜେ ଅଂଶ ବିଶେଷ ହୋଇ ଥିବା ଗୌରବ ଓ ଐଶ୍ୱର୍ଯ୍ୟର ସହଜାତ ଅନୁଭୂତି ପାଇଁ ଅଭିଳାଷ କରୁନାହାନ୍ତି। ଅନାଦି ଓ ଅନନ୍ତ ଶକ୍ତି ଭଗବାନଙ୍କ ଚିନ୍ତନରୁ ପ୍ରବାହିତ ଆନନ୍ଦର ଧାରାରେ ସେମାନେ ନିଜକୁ ହଜାଇ ଦେଉନାହାଁନ୍ତି' - ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଉପରୋକ୍ତ ବାଣୀ ଗୁଡ଼ିକ ଆମ ପାଇଁ ପ୍ରଦାନ କରିବା ସହ ଏହା ମଧ କହିଛନ୍ତି ଆଜି ଆମେ କୃଷ୍ଣଙ୍କର ଜନ୍ମଦିନ ପାଳନ କରୁଛେ। ଏହାକୁ ସେହି ଆନନ୍ଦର ପ୍ରାପ୍ତି ନିମନ୍ତେ ତୁମ ଜୀବନକୁ ପୁନଃ ଉତ୍ସର୍ଗୀକୃତ କରିବାରେ ସଦୁପଯୋଗ କର। କୃଷ୍ଣ ଶବ୍ଦର ତିନୋଟି ପୃଥକ୍ ଅର୍ଥ ଅଛି। (୧) 'କର୍ଷ' ଧାତୁରୁ ଏହି ଶବ୍ଦର ବ୍ୟୁତ୍ପତ୍ତି ହୋଇଛି। ଏହାର ଅର୍ଥ ଯାହା ଆକର୍ଷଣ କରେ। କୃଷ୍ଣ ତାଙ୍କର ଲୀଳା ଖେଳା, ଆସୁରିକ ଶକ୍ତି ଉପରେ ଅଲୌକିକ ବିଜୟ, ମନମୁଗ୍ଧକାରୀ ବାର୍ତ୍ତାଳାପ ତାଙ୍କର ଜ୍ଞାନ, ତାଙ୍କର ମୋହନୀୟ ରୂପ ବଳରେ ସମସ୍ତ ହୃଦୟକୁ ଆକର୍ଷଣ କରନ୍ତି। (୨) ଏହି ଶବ୍ଦ 'କୃଷ୍' ସହିତ ମଧ ସମ୍ବନ୍ଧିତ। ଏହାର ଅର୍ଥ ଶସ୍ୟ ଉତ୍ପାଦନ ନିମନ୍ତେ ଭୂମିକୁ କର୍ଷଣ କରିବା। କୃଷ୍ଣ ଶବ୍ଦର ଅର୍ଥ ଯାହା ମନୁଷ୍ୟର ହୃଦୟରୁ ଅନାବରା ଗଛ ସଫାକରେ ଏବଂ ବିଶ୍ୱାସ, ସାହସ ଓ ଆନନ୍ଦର ବୀଜ ବପନ କରେ। (୩) ଏହା 'କୃଷ୍' ଧାତୁ ଅର୍ଥାତ୍ ତିନିଗୁଣ ଓ ତିନିକାଳର ଅତୀତ, ସହିତ ମଧ ସମ୍ବନ୍ଧିତ। 'ନ' ଅର୍ଥ ସତ୍-ଚିତ୍-ଆନନ୍ଦ। ଭାଗବତରେ ବର୍ଣ୍ଣିତ ହୋଇଛି ଯେ କୃଷ୍ଣ ତାଙ୍କର ଲୀଳା ଓ ମହିମା ବଳରେ ମାନବ ଜାତିର ପ୍ରେମକୁ ଆକର୍ଷଣ କରନ୍ତି, ତାଙ୍କର ଭକ୍ତମାନଙ୍କ ହୃଦୟରେ ଆନନ୍ଦର ଫସଲ ଉତ୍ପାଦନ କରନ୍ତି ଏବଂ ତାଙ୍କ ସତ୍-ଚିତ୍-ଆନନ୍ଦ ଭାବ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରନ୍ତି।'

ଆମେମାନେ ଭାଗ୍ୟବାନ। କାରଣ, ଆମେ ଭଗବାନଙ୍କ ଶକ୍ତିର ଅନେକ ଅଭିବ୍ୟକ୍ତି ଦେଖି ଅଛୁ। କିନ୍ତୁ ସେଗୁଡ଼ିକ ଅଭିବ୍ୟକ୍ତ ହେବାକୁ ଥିବାରୁ ଅଭିବ୍ୟକ୍ତ ହୋଇଅଛି; ଭଗବାନଙ୍କ ଏହା ପ୍ରତିଭାର ପ୍ରଦର୍ଶନ ନୁହେଁ ବା ପେଷାଦାରୀ ଯୋଗସୂତ୍ର ପ୍ରତିଷ୍ଠା ନିମନ୍ତେ ନୁହେଁ। ଇଚ୍ଛାଶକ୍ତିର ଆବଶ୍ୟକତା ପଡ଼ିଲେ ସେ ଗୁଡ଼ିକ ସ୍ୱାଭାବିକ ଭାବେ ଅଭିବ୍ୟକ୍ତ ହୁଏ, ଆପେ ଆପେ ଅନ୍ୟ ଶାରୀରିକ କାର୍ଯ୍ୟ ପରି। ବାବା ଆହୁରି ମଧ କହିଛନ୍ତି 'ମୁଁ ସତ୍ୟର ସତ୍ୟ, ମୁଁ ସତ୍ୟ ଆଡ଼କୁ ଦିଗ ଦର୍ଶନ କରାଏ। ମୁଁ ସତ୍ୟ ପରିପ୍ରକାଶ କରେ ମନୁଷ୍ୟ ଯେତେବେଳେ ସତ୍ୟର ଉପଲବ୍ଧି କରେ ସେ ମୋତେ ଉପଲବ୍ଧି କରେ। ରସୋ ବୈସଃ। ସେ ହିଁ ରସ। ସେହିପରି ତାଙ୍କର ସୃଷ୍ଟି, ଜଗତକୁ ଯେଉଁମାନେ ତାଙ୍କର ହସ୍ତକର୍ମ ରୂପେ ଗ୍ରହଣ କରନ୍ତି, ସେମାନଙ୍କ ପାଇଁ ବିଶ୍ୱ ରସ ବିନା ଆଉ କିଛି ହୋଇନପାରେ। ଭଗବାନଙ୍କର ଐଶ୍ୱର୍ଯ୍ୟ ଓ ଶକ୍ତି ସମ୍ବନ୍ଧରେ ଶିକ୍ଷା ଦେବା ପାଇଁ ଜଗତକୁ ପ୍ରୟୋଗ କରିବାକୁ ହେବ। ଏହାଦ୍ୱାରା ତୁମେ ତାଙ୍କର ଅନ୍ୱେଷଣ କରି ପାରିବ ଓ ତାଙ୍କ ପାଖରେ ପହଞ୍ଚିପାରିବ। ଏହି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚାରୋଟି ସୋପାନ ଅଛି। ପ୍ରତ୍ୟେକକୁ ଲୋକ ବୋଲି କୁହାଯାଏ। ପ୍ରଥମଟି ଅବିଦ୍ୟା ଲୋକ। ଏହି ଅଜ୍ଞାନ ଓ ମୋହ ଲୋକରେ ଦୁଃଖ ଓ ସନ୍ତାପ ଦ୍ୱାରା ପ୍ରେରିତ ହୋଇ ତୁମେ ଯାତ୍ରା ଆରମ୍ଭ କରିଥାଅ। ଦ୍ୱିତୀୟଟି ବିଦ୍ୟାଲୋକ। ଏଠାରେ ତୁମେ ବିଜ୍ଞାନମୟ କୋଷ ଉପରେ ଅଭିନିବେଶ କର ଏବଂ ସତ୍ୟ ଓ ମିଥ୍ୟା, ଧାନ ଓ ଅଗାଡ଼ି ଭିତରେ ପ୍ରଭେଦ କରିବାକୁ ସମର୍ଥ ହୁଏ। ତୃତୀୟଟି ଆନନ୍ଦ ଲୋକ। ଏଠାରେ ତୁମେ ଶକ୍ତି ଓ ଶାନ୍ତିର ଚିରନ୍ତନ ଉତ୍ସଙ୍କର ଝଲକ ପାଇ ଆନନ୍ଦରେ ନିମଜ୍ଜିତ ହୁଏ। ଶେଷରେ ଗୋଲୋକ। ଏଠାରେ ଗୋପାଳ ଶାସନ କରନ୍ତି। ଏଠାରେ ସମସ୍ତେ ଗୋ (ଜୀବ, ଦିବ୍ୟତ୍ୱର ସ୍ଫୁଲିଙ୍ଗ, ପ୍ରେମ ସାଗରର ତରଙ୍ଗ) ଅତ୍ୟୁଲ୍ଲାସ ଓ ଅତି ଔଜ୍ଜଲ୍ୟ ସ୍ଥିତିରେ ଏକ ହୁଅନ୍ତି। ତୁମ ପାଖରେ ପ୍ରେମ ନଥିଲେ ତୁମେ ଭଗବତ୍ ପ୍ରେମୀ ମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରିବନାହିଁ। କେବଳ ବାହ୍ୟାଚାରର ନିର୍ଭୁଲ ପାଳନ, ଆଡ଼ମ୍ବର ପୂର୍ଣ୍ଣ ଅର୍ଚ୍ଚନା ବା ଉଚ୍ଚସ୍ୱରରେ ଜୟଧ୍ୱନି କଲେ ଗୋଲୋକର ଫାଟକରେ ତୁମେ ପ୍ରବେଶ କରି ପାରିବନାହିଁ। ଏଗୁଡ଼ିକ ପ୍ରେମର ରତ୍ନ ସିନ୍ଧୁକ ଆଗରେ ଟିଣ ଡବା ସଦୃଶ। ପ୍ରେମ ଜନ୍ମରୁ ଅମରତ୍ୱ ଆଡ଼କୁ ଏବଂ ମୃତ୍ୟୁରୁ ଅଜାତତ୍ୱ ଆଡ଼କୁ ଯିବା ପାଇଁ ସେତୁ ସଦୃଶ। ତୁମେ ଜୀବ ଭାବରୁ ଦେବ ଭାବକୁ ଉନ୍ନୀତ ହେଲେ ଆଉ ଜନ୍ମ ବା ମୃତ୍ୟୁ ରହିବା ନାହିଁ। ତୁମେ ଯେତେବେଳେ ପ୍ରତ୍ୟେକ ଜୀବକୁ ଏତେ ପ୍ରଗାଢ଼ ଭାବରେ ଭଲ ପାଅ ଯେ ତୁମକୁ ସବୁ କେବଳ ଏକ ପରି ଲାଗେ ସେତେବେଳେ ହିଁ ମୋକ୍ଷ ପ୍ରାପ୍ତି ହୁଏ। ହୃଦୟକୁ ପ୍ରେମରେ ଆର୍ଦ୍ରକର, କର୍ମକୁ ଧର୍ମରେ ଆର୍ଦ୍ରକର, ବାସନାକୁ ଦୟାରେ ଆର୍ଦ୍ରକର, ତେବେ ତୁମେ ଅତି ଶୀଘ୍ର ଭଗବାନଙ୍କୁ ଲାଭ କରିପାରିବ।'

ପ୍ରେମ ସ୍ୱରୂପ କୃଷ୍ଣଙ୍କ ଧାନ କରି ଆମେମାନେ ପ୍ରେମରେ ବିକଶିତ ହେବା ଉଚିତ। ଜୀବନ ବିକଳ କ୍ରନ୍ଦନରେ, ପୀଡ଼ିତର ଆବିସ୍ମିକ ଆଦେଶରେ, କ୍ଷୁଧାର୍ତ୍ତର ଆର୍ତ୍ତନାଦରେ ଆମର ହୃଦୟ ଦ୍ରବୀଭୂତ ଓ କୋମଳ ନ ହେବା ପର୍ଯ୍ୟନ୍ତ, ସେଥିରେ ଥିବା ପ୍ରେମର ନିର୍ଝରିଣୀ ଗର୍ବରତପ୍ତ କିରଣରେ ଅବରୁଦ୍ଧ ଥିବାଯାଏଁ କୃଷ୍ଣ ଆମ୍ଭ ମାନଙ୍କ କାମରେ ବଂଶୀ ବଜାଇବେ ନାହିଁ, ଆମେ ଗୀତା ଓ ଭାଗବତରେ ପଣ୍ଡିତ ହୋଇପାରୁ କିନ୍ତୁ ଆମେ କୃଷ୍ଣଙ୍କ ସେବାରେ କେତେ ଦଶନ୍ଧି ବିତାଇ ଦେଇଛେ ବୋଲି ଦାବି କରିପାରିବା? କିନ୍ତୁ ପ୍ରେମର ଚାବି ବିନା ଆମେ ତାଙ୍କର ନିବାସ ସ୍ଥଳ ଗୋଲକ ଭିତରକୁ ପ୍ରବେଶାନୁମତି ପାଇ ପାରିବ ନାହିଁ। ଆମେ ବହୁ ବର୍ଷ ଧରି ପ୍ରଶାନ୍ତି ନିଳୟମ୍‌ରେ ଥାଇପାର ଏବଂ ସ୍ୱାମୀଙ୍କ ପାଖରେ ଓ ନିକଟରେ ଅଛ ବୋଲି ଦାବି କରିପାରୁ, କିନ୍ତୁ ସେବା ମାଧ୍ୟମରେ ଅଭିବ୍ୟକ୍ତ ପ୍ରେମର ଅନୁଶୀଳନ ବିନା ଆମେମାନେ ଭଗବାନଙ୍କୁ ଜାଣିପାରିବା ନାହିଁ।

ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫

# ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ତ୍ୟାଗର ପ୍ରତୀକ

॥ ତପସ୍ୱିନୀ ପଟ୍ଟନାୟକ ॥

କିଏ ତାଙ୍କୁ ସଂଗ୍ରାମୀ କହନ୍ତି ତ ଆଉ କିଏ କୁହନ୍ତି ସତ୍ୟାଗ୍ରହୀ, ଭୂଦାନକର୍ମୀ। କିଏ କୁହେ ଘରଜଗୁଆ ତ କିଏ କୁହେ ମୁଖିଆ। କେତେବେଳେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ତ କେବେ ପୁଣି ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଆଉ ମା'ରମାଦେବୀଙ୍କ ନିଶା ନିବାରଣ ଅଭିଯାନରେ ସିଏ ଥିଲେ ସକ୍ରିୟ। ଦେଶମାତୃକା ପାଇଁ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିବା ଏହି ମହାନ ବ୍ୟକ୍ତି ଗୁଣନିଧି ମହାନ୍ତିଙ୍କ ତ୍ୟାଗର ଗାଥା ବହନ କରୁଛି ଥୋରିଆ ସାହିସ୍ଥିତ ଗୁଣନିଧି ଭବନ।

୪୨ ମୌଜା ଦେଉଳି ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ଗୁଣନିଧି ମହାନ୍ତିଙ୍କ ଜନ୍ମ। ଜନ୍ମ ତାରିଖ ବିଷୟରେ କିଛି ପ୍ରମାଣ ନଥିଲେ ମଧ ଗୁଣନିଧି ୧୮୮୫ ମସିହାରେ ଜନ୍ମ ହୋଇଥିବା ଜଣାଯାଏ। ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସରକାରୀ ଚାକିରୀ ଛାଡ଼ି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲବଣ ସତ୍ୟାଗ୍ରହ ପାଇଁ ସ୍ୱାକ୍ଷର କରିଥିବା ୨୦ଜଣ ଓଡ଼ିଆଙ୍କ ମଧରୁ ସେ ଥିଲେ ଅନ୍ୟତମ। ୧୯୩୪ ମସିହାରେ ବାଲେଶ୍ୱର ଇଞ୍ଚୁଡିରୁ ଆରମ୍ଭ ହୋଇଥିବା ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ କଥା ବୁଝିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା। ସ୍ୱାଧୀନତା ସଂଗ୍ରାମ ସମୟରେ ଅନ୍ନପୂର୍ଣ୍ଣା ମହାରଣା, ମଙ୍ଗଳା ମାଉସୀଙ୍କ ସହିତ ମିଶି ଗୁଣନିଧି ବାବୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆଦାୟକ କରି ସଂଗ୍ରାମୀଙ୍କ ଖାଦ୍ୟପେୟ କଥା ବୁଝୁଥିଲେ। ସ୍ୱାଧୀନତା ପରେ ୧୯୫୦ରେ ଆଚାର୍ଯ୍ୟ ବିନୋବା ଆରମ୍ଭ କରିଥିବା ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ହୋଇଥିଲେ। ୧୯୫୫ ମସିହାରେ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ଭୂଦାନ ପଦଯାତ୍ରାରେ ସଂଗ୍ରାମୀ ମହାନ୍ତିଙ୍କ ଉଲ୍ଲେଖନୀୟ ଭୂମିକା ଥିଲା। ଏହା ପୂର୍ବରୁ ବକ୍ସିବଜାର ଥୋରିଆସାହିସ୍ଥିତ ତାଙ୍କ ପୈତୃକ ସମ୍ପତ୍ତିକୁ ସର୍ବୋଦୟ କର୍ମୀଙ୍କ ପାଇଁ ଅର୍ପଣ କରିଥିଲେ। ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏହି ଜମିକୁ ଶ୍ରୀ ମହାନ୍ତି ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଗୋପବନ୍ଧୁ ଦାସଙ୍କ ନାମରେ ଦାନ କରିଦେଇଥିଲେ। ଗୁଣନିଧି ଭବନ ନାମରେ ପରିଚିତ ଏହି ଘର ଅନେକ ଦଶନ୍ଧି ଧରି ଜନସେବାର ପ୍ରାଣକେନ୍ଦ୍ର ଥିଲା। ଏଇଠି ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ବହୁ ଦିନ ଧରି ରହିଥିଲେ। ଗୁଣନିଧିଙ୍କ କର୍ମମୟ ଜୀବନ ଏଇଠି ଅତିବାହିତ ହୋଇଥିଲା। ଗୁଣନିଧି କମ୍ ବୟସରୁ ବିପତ୍ନୀକ ହୋଇ ଯାଇଥିଲେ। ସେ ଦେଉଳିସ୍ଥିତ ପୈତୃକ ସମ୍ପତ୍ତିକୁ ଦୁଇ ପୁତୁରାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ଶେଷରେ ଡିସେମ୍ବର ୧୭ ତାରିଖ ୧୯୬୧ ମସିହାରେ ଗୁଣନିଧିଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା। ଏବେ ତାଙ୍କ ପ୍ରଦତ୍ତ ଗୁଣନିଧି ଭବନ ଦିନ, ଦୁଃଖୀଙ୍କ ସହାୟତାର କେନ୍ଦ୍ର ପାଲଟିଛି। ଖାଲି ସେତିକି ନୁହେଁ ଏଠାରେ ଉତ୍କଳ ସେର୍ବାଦୟ ମଣ୍ଡଳ, ଉତ୍କଳ ଖଦୀ ମଣ୍ଡଳ, ସର୍ବୋଦୟ ରିଲିଫ୍ କମିଟି, ରମାଦେବୀ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଭଳି ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି। ଗୁଣନିଧି ମହାନ୍ତିଙ୍କ ସଂପର୍କରେ ସୁମିତ୍ରା ଚୌଧୁରୀ ସ୍ୱର୍ଗତଃ ମନମୋହନ ଚୌଧୁରୀଙ୍କ ପତ୍ନୀ କହନ୍ତି ଯେ ବରୀ ଛାଡ଼ିବା ପରେ ସେ ପରିବାର ସହ ଥୋରିଆସାହି ଗୁଣନିଧି ଭବନରେ ରହୁଥିଲେ। ସେଠାରେ ଗୁଣନିଧି ବାବୁ ମଧ ରହୁଥିଲେ। ଗୁଣନିଧି ବାବୁ ଥିଲେ ଅତ୍ୟନ୍ତ ମଜାଳିଆ ଲୋକ। ରମାଦେବୀ, ଆଚାର୍ଯ୍ୟ ମହାଶୟ, ଗୋପବନ୍ଧୁ ଚୌଧୁରୀ, ଭୁବନାନନ୍ଦ, ବିଚିତ୍ରାନନ୍ଦ ପ୍ରମୁଖ ଖୁବ୍ ଘନିଷ୍ଠ ଥିଲେ। ଗୁଣନିଧି ଖୁବ୍ ଖାଦ୍ୟ ପ୍ରିୟ ଥିଲେ। ବରା ତାଙ୍କର ପ୍ରିୟ ଖାଦ୍ୟ ଥିଲା। ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ଭଲ ପାଉଥିଲେ। ସର୍ବୋପରି ସେ ଜଣେ ମୂଲ୍ୟବୋଧସଂପନ୍ନ ମଣିଷ ଥିଲେ ବୋଲି କହନ୍ତି ସୁମିତ୍ରା ଚୌଧୁରୀ। ଗୁଣନିଧି ମହାନ୍ତି ତାଙ୍କ ନାମର ସାର୍ଥକତା ପ୍ରତିପାଦନ କରିଛନ୍ତି। ତାଙ୍କର ତ୍ୟାଗ ଓ ବହୁମୁଖୀ ପ୍ରତିଭା ପାଇଁ ଏବେ ବି ଝୁରୁଛି ଥୋରିଆ ସାହିଘର, କଟକ ମାଟି, ସର୍ବୋଦୟ ମଣ୍ଡଳ।

ଶିକ୍ଷାବିତ୍, ମହାନଦୀ ବିହାର, କଟକ

# ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ 'କିଶୋରୀ ଏକ୍ସପ୍ରେସ'ର ଶୁଭାରମ୍ଭ



ଯୋଡ଼ା – ବଡ଼ବିଲ (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଫାଉଣ୍ଡେସନ ପକ୍ଷରୁ 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ'ର ଶୁଭାରମ୍ଭ ହୋଇଛି ।ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଡ଼ା ମଣ୍ଡଳ ଖଣି ଉପ ନିର୍ଦ୍ଦେଶକ ଶ୍ରୀ ଦୀନେଶ ଅଗ୍ରୱାଲ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କାଶିଆ ମାଇନ୍ସ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର, ଭଦ୍ରାସାହି ସରପ□ ଶ୍ରୀମତୀ ପ୍ରମିଳା ନାଏକ, ଏବଂ ଏମଡିଓ ହେଡ୍ ଶ୍ରୀ ଏଚଏନ୍ ସିଂହ ପ୍ରମୁଖ ଯୋଗଦେଇଥିଲେ ।ଅତିଥିମାନେ ପତାକା ଦେଖାଇ 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' ଭ୍ୟାନର ଶୁଭାରମ୍ଭ କରିଥିଲେ । ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏହି ଅତ୍ୟାଧୁନିକ ଭ୍ୟାନରେ ରକ୍ତ ପରୀକ୍ଷଣ ବ୍ୟବସ୍ଥା, ଔଷଧ, ସାନିଟାରି ପ୍ୟାଡ଼ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସରଞ୍ଜାମ ଉପଲବ୍ଧ ରହିଛି । ଏହି ଭ୍ୟାନ ଗାଁ ଗାଁ ବୁଲି ସଚେତନ କରିବା ସହ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ସେବା ଯୋଗାଇବ । ଜିନ୍ଦଲ ଫାଉଣ୍ଡେସନର ଏହି ପଦକ୍ଷେପକୁ ମୁଖ୍ୟ ଅତିଥି ଶ୍ରୀ ଅଗ୍ରୱାଲ ପ୍ରଶଂସା କରିଥିଲେ । ଆଗକୁ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ କିଶୋରୀଙ୍କ ସ୍ୱାସ୍ଥ୍ୟକୁ ଉତ୍ତମ ରଖିବାରେ ସହାୟକ ହେବା ସହ ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ନିଶ୍ଚିତ ଭାବେ ମାର୍ଗଦର୍ଶକ ହେବ ବୋଲି ସେ କହିଥିଲେୟ ଯୋଡ଼ା-ବଡ଼ବିଲ ଅଞ୍ଚଳର କିଶୋରୀମାନଙ୍କୁ ଆନେମିଆମୁକ୍ତ କରିବା ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଅଭିଯାନରେ ଯୋଡ଼ା ଓ ବଡ଼ବିଲ ଅ□ଳର ୧୯ଟି ପଞ୍ଚାୟତ ଅଧୀନ ୧୨୦ଟି ଗ୍ରାମର ପ୍ରାୟ ୯୦୦୦ କିଶୋରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ । ଅଙ୍ଗନବାଡ଼ି ଓ ସ୍କୁଲରେ 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସଂଗିନୀମାନେ ସହଯୋଗ କରିବେ । କିଶୋରୀମାନଙ୍କୁ ଲୌହସାରର ଅଭାବ ଓ ଏହାର ଅସୁବିଧା ସମ୍ପର୍କରେ ଅବଗତ କରାଯିବ । ସେମାନଙ୍କ ହିମୋଗ୍ଲୋବିନ ପରୀକ୍ଷଣ କରାଯାଇ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ସେବା ଯୋଗାଇଦିଆଯିବ । ପରିଛନ୍ନତା ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପ୍ରସ୍ତୁତ ସାନିଟାରୀ ନାପକିନ୍ 'ଶୁଭାଙ୍ଗୀ' ବିତରଣ କରାଯିବ । ଆନେମିଆ ଓ ଅତି ଗୁରୁତର ଆନେମିଆ ରୋଗୀଙ୍କୁ ପୋଷଣ ସହାୟତା ଏବଂ ମଲ୍ଟି ଭିଟାମିନ ପ୍ରଦାନ କରାଯିବ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ, ଜେଏସପିଏଲର ଅଧିକାରୀ ଓ ଜିନ୍ଦଲ ଫାଉଣ୍ଡେସନର ସଦସ୍ୟମାନେ ଉପସ୍ଥିତ ଥିଲେ ।ଏଠାରେ ସୂଚନା ଯୋଗ୍ୟ, ଜିନ୍ଦଲ ଫାଉଣ୍ଡେସନର 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' ଓଡ଼ିଶା, ଝାଡ଼ଖଣ୍ଡ ଓ ହରିୟାଣାରେ ସଫଳ ସାବ୍ୟସ୍ତ ହୋଇଛି । ଏହି ପଦକ୍ଷେପ ପାଇଁ ଦେଶର ୭.୫ଲକ୍ଷ କିଶୋରୀ ଆନେମିଆମୁକ୍ତ ହୋଇସାରିଛନ୍ତି । ଅନୁଗୁଳରେ 'କିଶୋରୀ ଏକ୍ସପ୍ରେସ ପ୍ଲସପ୍ଲସ' ପାଇଁ ୫୩୭ ଗ୍ରାମର କିଶୋରୀ ଆନେମିଆମୁକ୍ତ ହୋଇସାରିଛନ୍ତି ।

# ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ



କପ୍ତିପଦା -(ମହାଭାରତ ): କପ୍ତିପଦା – ଗତକାଲି ସଂସଦରେ ରାହୁଲ ଗାନ୍ଧୀ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଙ୍କୁ ଠେଲି ଦେବା ଦ୍ୱାରା ମୁଣ୍ଡରେ ଗଭୀର ଆଘାତ ହେବା ଫଳରେ ସେ ମେଡିକାଲ ରେ ଚିକିତ୍ସାଧୀନ ଥିଲେ ତେବେ ଗଣତନ୍ତ୍ରରେ ଏଭଳି ଅଶୋଭନୀୟ ଘଟଣାକୁ ନେଇ ସାରା ଭାରତ ବର୍ଷରେ ରାହୁଲ ଗାନ୍ଧୀଙ୍କୁ ବି ଜେ ପି ତୀବ୍ର ନିନ୍ଦା କରିଛି ରାହୁଲ ଗାନ୍ଧୀ ଗଣତନ୍ତ୍ରର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥିବାରୁ ସାରା ଭାରତ ବର୍ଷ ରେ ତାଙ୍କର କାର୍ଯ୍ୟ ଧାରାକୁ ନିନ୍ଦା କରିବା ସହ ସାଂସଦ ପଦରୁ ଇସ୍ତଫା ସହ ସାଂସଦ ପ୍ରତାପ ଷଡ଼ଙ୍ଗୀ ଙ୍କୁ ଭୁଲ ମାଗିବା ପାଇଁ ଦାବି କରିଛି ବି ଜେ ପି ତେବେ ଏହି ଘଟଣାକୁ ନିନ୍ଦା କରିବା ସହ ମୟୁରଭଞ୍ଜ ଜିଲ୍ଲା ଉଦଳା ନିର୍ବାଚନ ମଣ୍ଡଳୀର ବି ଜେ ପି ର ତୁଙ୍ଗ ନେତା ଓ ବି ଜେ ପି ର ଯୁବ ମୋର୍ଚ୍ଚା ର କର୍ମୀ ମାନେ ଆଜି ଉଦଳା ଜଗଦ୍ଧାତ୍ରୀ ଛକ ନିକଟରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ସ୍ଲୋଗାନ ଦେଇ କୁଶପୁ□ଳିକା ଦାହ କରିଥିଲେ ତେବେ ରାହୁଲ ଗାନ୍ଧୀ ଯଦି କ୍ଷମା ପ୍ରାର୍ଥନା ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଉଦଳା ବି ଜେ ପି ଚେତାବନୀ ଦେଇଛି ।

# ଦାଉ ସାଧୁଛି ଲଘୁଚାପ ବର୍ଷା ଚାଷୀ ଆଖିରୁ ଲୁହ ଝରୁଛି



ଆସିକା(ମହାଭାରତ): ଗତ କାଲି ଠାରୁ ଲଘୁଚାପ ଜନିତ ଲଗାଣ ବର୍ଷା ସାଂଗକୁ କୋହଲା ପବନ କୁ ନେଇ ଆସିକା ବ୍ଲକ ର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଚଳିତ ବର୍ଷ ଅଭାବୀ ବର୍ଷା ଯୋଗୁଁ ଖରିଫ ଋତୁର ଧାନ ରୁଆ ବିଳମ୍ବ ରେ ଆରମ୍ଭ ହୋଇଥିଲା ।ଯେଉଁ ଅଞ୍ଚଳରେ ଜଳ ସେଚନର ସୁବିଧା ରହିଛି ସେଠାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଅ□ଳରେ ଧାନ ଫସଲ ନଷ୍ଟ ହୋଇଯାଇଥିଲା ବର୍ତ୍ତମାନ ଦାଉ ସାଧୁଛି ଲଗାଣ ବର୍ଷାୟ କମ ସଂଖ୍ୟକ ଚାଷୀ ପାଚିଲାଧାନ ଅମଳ କରିସାରିଥିବା ବେଳେ ବର୍ତ୍ତମାନ ଜମିରେ ପାଚିଲା ଧାନ ଲହଡ଼ି ମାରୁଛି । ଅଧିକାଂଶ ଜମିରେ ବର୍ଷ ସାରା ପରିଶ୍ରମ କରି ଆଦାୟ କରିଥିବା କଟାଧାନ କଲେଇ ପଡ଼ି ଓ ଖଳା ରେ ଧାନ ପଡି ବର୍ଷା ରେ ଭିଜୁଛି। ଏହା ମଧ୍ୟରେ ଯୋଗାଣ ବିଭାଗ ପକ୍ଷରୁ ଆସନ୍ତା ୨୩ ତାରିଖ ଠାରୁ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ନିଷ୍ପତି ହୋଇଛି । ଆସିକା ବ୍ଲକରେ ୩୨ଟି ମଣ୍ଡି ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ସ୍ଥିର କରାଯାଇଛି ।ଚାଷୀଙ୍କ ପାଇଁ ସରକାର ସମସ୍ତ ନୀତି ନିୟମ ଧାର୍ଯ୍ୟ କରିଥିଲେ ମଧ ଲଘୁଚାପ ଜନିତ ବର୍ଷା ମନୋବଳକୁ ଦୋହଲାଇ ଦେଇଛି। ଏଣୁ ଆଶା ଓ ଆଶଙ୍କାରେ ଚାଷୀ।

# ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ନେଇ ପ୍ରସ୍ତୁତି ବୈଠକ

ସମ୍ବଲପୁର ; (ମହାଭାରତ):ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ନେଇ ପ୍ରସ୍ତୁତି ବୈଠକ ଅତିରକ୍ତ ଜିଲ୍ଲାପାଳଙ୍କ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଶ୍ରୀ ଅଜାମ୍ବର ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନୂଆଦିଲ୍ଲୀରେ ଜାରି କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅନ୍ତର୍ଗତ ଏବେ ସମ୍ବଲପୁରରୁ ପୂର୍ଣ୍ଣ ଚାଲୁ ସମୟ ସୂଚୀ ସ୍ଥିର କରାଯାଇଛି। ଏହା ଅନୁଯାୟୀ ୭ ଫେବ୍ରୁଆରୀରୁ ୧୨ ଫେବ୍ରୁଆରୀ ପର୍ଯ୍ୟନ୍ତ କୋଲକାତା-କାମାକ୍ଷା ଏବଂ ୨୯ ମାର୍ଚ୍ଚରୁ ୩ ଏପ୍ରିଲ ପର୍ଯ୍ୟନ୍ତ ଅଯୋଧ୍ୟା-ବାରଣାସୀ ଯାତ୍ରା ପାଇଁ ବିଶେଷ ପରିକଳ୍ପନା କରାଯାଇଛି ।ସମ୍ବଲପୁରରୁ ୭୭୫ ଯାତ୍ରୀଙ୍କ ଯାତ୍ରା ପାଇଁ ଆଶ୍ରୟସ୍ଥଳ ର ବ୍ୟବସ୍ଥା କରାଯାଇଛ। ଏଥିରେ ସମସ୍ତ ଜିଲ୍ଲାର ତଥ୍ୟ ହେଉଛି:- ସମ୍ବଲପୁର: ୮୯,ବରଗଡ଼: ୧୨୭,ଦେଓଗଡ଼: ୨୭, ଝାରସୁଗୁଡ଼ା:୫୦ , ସୁନ୍ଦରଗଡ଼: ୧୮୦,ବୋଲାଙ୍ଗିର:୧୪୧,ସୁବର୍ଣ୍ଣପୁର: ୫୨,ଅନୁଗୁଳ: ୧୦୯ୟ ଉକ୍ତ ବୈଠକ ରେ ତୀର୍ଥ ଯାତ୍ରୀଙ୍କ ରହିବା ସ୍ଥାନ ଚୟନ, ଖାଇବା ବ୍ୟବସ୍ଥା, ତୀର୍ଥଯାତ୍ରୀଙ୍କ ପରିବହନ, ରେଳ ଷ୍ଟେସନରେ ଲଜିଷ୍ଟିକ୍ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶ୍ରଦ୍ଧାଳୁଙ୍କ ଡାକ୍ତରୀ ଯାଞ୍ଚ□ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ପାତ୍ର , ଉପଜିଲ୍ଲାପାଳ ଡ଼ ପୁଷ୍ପାଞ୍ଜଳି ପଣ୍ଡା, ସମ୍ବଲପୁର ଶ୍ରୀ ରାମଦାସ ଟୁଡୁ ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ବୈଠକକୁ ପର୍ଯ୍ୟଟନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ଦଳେଇ ପରିଚାଳନା କରିଥିଲେ । ସୂଚନା ଅନୁଯାୟୀ ଏହି ତୀର୍ଥ ଯାତ୍ରାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ଶ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ ।

# ଝିପିଝିପି ବର୍ଷା ରେ ଚାଷୀ ମନ ରେ ଛନକା

କପ୍ତିପଦା -(ମହାଭାରତ ): କପ୍ତିପଦା ଲଘୁଚାପ ର ପ୍ରଭାବ ରେ ଝିପିଝିପି ବର୍ଷା ଚାଷୀ ଙ୍କୁ ଚିନ୍ତା ଘାରିଛି ।ମୟୁରଭଞ୍ଜ ଜିଲ୍ଲା ରେ ଉଦଳା ରେ ଆଜି ସକାଳୁ ସକାଳୁ ଝିପିଝିପି ବର୍ଷା ଆରମ୍ଭ ହୋଉଛି। ଆକାଶ ମେଘୁଆ ସାଙ୍ଗ କୁ ଝିପିଝିପି ବର୍ଷ ରେ ବର୍ଷ ର ଅମଳ କୁ କିପରି ସାଇତି ରଖିବେ ଚାଷୀ ସେଥିପାଇଁ ତରବରିଆ ଭାବେ ଧାନ କୁ କାଟି ଘର କୁ ନେଇଛନ୍ତି। କିଏ ଟ୍ରାକଟର ରେ ଧାନ କଲେଇ କୁ ନେଉଛି ତ ଆଉ କିଏ ଧାନ କ୍ଷେତ ରେ ପୁଞ୍ଜି ମାରି ରଖୁଛି ।ତେବେ ପାଣିପାଗ ର ସୂଚନା ଅନୁଯାୟୀ ୨୨ ତାରିଖ ପର୍ଯ୍ୟନ୍ତ ବର୍ଷା ଥିବା ବେଳେ ଚାଷୀ କେମିତି ବର୍ଷ ର ଅମଳ କୁ ସାଇତି ରଖିବ ତାହା କୁ ଚିନ୍ତା ପ୍ରକଟ କରିଛି। ତେବେ ଅଧିକ ବର୍ଷହେଲେ କ୍ଷେତ ରେ ଧାନ ଗଜା ହେବା ର ଆଶଙ୍କା କରିଛି ଚାଷୀ।

# ବିଜେଡି ସଭ୍ୟସଂଗ୍ରହ ଅଭିଯାନ ସମୀକ୍ଷା ବୈଠକ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ସଭ୍ୟ ସଂଗ୍ରହ ଅଭିଯାନର ଏକ ସମୀକ୍ଷା ବୈଠକ ସତମାଇଲ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ପୂର୍ବତନ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁଙ୍କ ଅଧକ୍ଷତାରେ ଆଜି ହିନ୍ଦୋଳ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନର ସମୀକ୍ଷା ବୈଠକରେ ସମ୍ମାନିତ ଅତିଥି ଭାବରେ ସଭ୍ୟ ସଂଗ୍ରହ ଅଭିଯାନର ହିନ୍ଦୋଳ ପର୍ଯ୍ୟବେକ୍ଷକ ଦୀପେନ ସାମଲ , ରାଜ୍ୟ ଯୁବ ବିଜେଡି ସଂମ୍ପାଦକ ଦେବୀପ୍ରସାଦପଟ୍ଟନାୟକ , ଜିଲ୍ଲା ଯୁବ ବିଜେଡି ସଭାପତି କାମାକ୍ଷାନଗର ଏନ ଏ ସି ଅଧକ୍ଷଧର୍ମାନନ୍ଦ ପରିଡା , ହିନ୍ଦୋଳ ଏନଏସି ଅଧକ୍ଷ କେଶବଚନ୍ଦ୍ର ପ୍ରଧାନ , ଜିଲ୍ଲା ଯୁବ ବିଜେଡି ସଂମ୍ପାଦକ ପ୍ରଶାନ୍ତଦାସ, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଦ୍ୟୁମ୍ନବେହେରା ବରିଷ୍ଠ ବିଜେଡି କର୍ମୀ ପ୍ରଦୀପଭଞ୍ଜ ,ବିଜୟ ବେହେରା, ଚିନ୍ମୟ ଦାସ, ରମେଶ ସାହୁ, କୈଳାଶ ବେହେରା, ଶ୍ରୀକାନ୍ତ ମହାପାତ୍ର,ସୁବ୍ରତ ମହାପାତ୍ର ସିପୁ ଦାସଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ । ଏହି ବୈଠକରେ ଦୁଇ ବିଜେଡି ପର୍ଯ୍ୟବେକ୍ଷକ ସଭ୍ୟ ସଂଗ୍ରହ କିପରି ବ୍ୟାପକ ଓ ସହଜ ହେବ ତାହା ଉପରେ ବ୍ୟାପକ ପରାମର୍ଶ ଦେବାସହ ମହେଶ ସାହୁ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ସମେତ ସାରା ଓଡ଼ିଶାରେ ଏକମାତ୍ର ଜନପ୍ରିୟ ନେତା ଯାହାଙ୍କର ଦୃଢ଼ ନେତୃତ୍ୱ, ସାଙ୍ଗଠନିକ ଦକ୍ଷତା ଥିବାସହ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ସହ ରହିଛନ୍ତି ବୋଲି କହିଥିଲେୟ ସର୍ବଶେଷରେ ମହେଶ ସାହୁ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଜୁ ଜନତାଦଳର ପ୍ରତିଷ୍ଠା ଦିବସ ପାଳନ ପାଇଁ ମଧ ସମସ୍ତ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ ।

# ଦିନ ଦ୍ୱିପହରେ କାର୍ କାଚ ଭାଙ୍ଗି ଦୁର୍ବୃ□ ଲୁଟିନେଲେ ଏକ ଲକ୍ଷ ଟଙ୍କା

ଅନୁଗୋଳ(ମହାଭାରତ): ଜନଗହଳି ପୂର୍ଣ୍ଣ ରାସ୍ତାରେ କାର୍ କାଚ ଭାଙ୍ଗି ଅନୁଗୁଳ ସବରେଜେଷ୍ଟି କାର୍ଯ୍ୟାଳୟ ସମ୍ମୁଖରୁ ଦୁର୍ବୃତ୍ତ ଲୁଟିନେଲେ ଏକ ଲକ୍ଷ ଟଙ୍କା। ଏଭଳି ଦିନ ଦ୍ୱିପହର ସମୟରେ ପୋଲିସ କୁ ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତ ମାନେ ଲୁଟି ନେଇଛନ୍ତି ଟଙ୍କା। ସୂଚନା ଅନୁଯାଇ ସତ୍ୟବ୍ରତ ସାହୁ ନାମକ ଯୁବକ ଜଣେ ଯୁବକ ଜମି କିଣିବା ପାଇଁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ରୁ ଏକ ଲକ୍ଷ ୪୦ ହଜାର ଟଙ୍କା ଧରି ଅନୁଗୁଳ ସବରେଜେଷ୍ଟି କାର୍ଯ୍ୟାଳୟକୁ ଆସିଥିଲେ। କାର କୁ ରାସ୍ତା ନିକଟରେ ରଖି ସତ୍ୟବ୍ରତ ସବରେଜେଷ୍ଟି କାର୍ଯ୍ୟାଳୟ କୁ ଯାଇଥିଲେ। ଏତିକି ବେଳେ କେହି ଦୁର୍ବୃତ୍ତ କାର କାଚ ଭାଙ୍ଗି ଏକ ଲକ୍ଷ ଟଙ୍କା ଲୁଟ କରି ନେଇଥିଲେ। ଟଙ୍କା ଲୁଟ ହୋଇଥିବା ନେଇ ସତ୍ୟବ୍ରତ ସାହୁ ୧୧୨ ରେ ଯୋଗାଯୋଗ କରିଥିଲେୟ ଘଟଣା ସ୍ଥଳରେ ଅନୁଗୋଳ ଟାଉନ ପୋଲିସ ଛାନଭିନ୍ ଆରମ୍ଭ କରିଛି। ତେବେ ନିକଟରେ ଜିଲ୍ଲା ଅବକାରୀ ବିଭାଗ ର କାର୍ଯ୍ୟାଳୟ, ତାମଡା ଅଫିସ, ଜିଲ୍ଲାପାଳଙ୍କ ଅଫିସ ଥିବା ବେଳେ ଅତି ଚତୁରତା ର ସହ ପୋଲିସ କୁ ଚ୍ୟାଲେଞ୍ଜ ଦେଇ ଲୁଟାରା ଲୁଟପାଟ କରିଥିବା ଦେଖା ଯାଇଛି।

# ଭାରସାମ୍ୟ ହରାଇ ରାସ୍ତା କଡ଼ ସୁରକ୍ଷା ବାଡ କୁ ଧକ୍କା ଦେଇ ବାଇକ ଆରୋହି ମୃତ

ପାଟଣା:-(ମହାଭରତ) କେନ୍ଦୁଝର ଜିଲ୍ଲା ପାଟଣା ଥାନା ୨୨୦ନମ୍ବର ଜାତୀୟ ରାଜପଥର ମଲ୍ଲିପଶି ପାଖରେ ରାସ୍ତା ରେ ଦୁର୍ଘଟଣା ଘଟି ଛି । ବାଇକ ଆରୋହି ଙ୍କ ମୃତ୍ୟୁ ଘଟି ଛି ୟସୂଚନା ରୁ ପ୍ରକାଶ ଘଟଗାଁ ଥାନାର ମେଲଣ ଗ୍ରାମର କୃଷ୍ଣ ଚନ୍ଦ୍ର ମୁଣ୍ଡା ପାଟଣା ବ୍ଲକ ମଲ୍ଲିପଶି ବିବେକାନନ୍ଦ ଶିକ୍ଷା କେନ୍ଦ୍ର ହଷ୍ଟେଲରେ ରହି ପାଠ ପଢୁ ଥିବା ପୁଅ ପାଖକୁ ଆସୁଥିବା ସମୟରେ ବାଇକ୍ ଟି ଭାରସାମ୍ୟ ହରାଇ ରାସ୍ତା କଡ଼ ସୁରକ୍ଷା ବଡ଼ ରେ ବାଇକ ସହ ଧକ୍କା ହୋଇ ଥିଲା । ଯାହା ଫଳରେ ସେ ବାଇକ ଆରୋହି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ପାଟଣା ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ବାଇକ ଅରୋହି କୁ ଉଦ୍ଧାର କରି ଆଶିଷ ବେଜ ଓ ମଳୟ ରଣା ସହାୟତା ପୋଲିସ ଗାଡିରେ ପହଞ୍ଚାଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ।ସେଠାର ଡାକ୍ତର ଦେଖି କୃଷ୍ଣ ଚନ୍ଦ୍ର ମୁଣ୍ଡା ଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# କୋଇଡାରେ ଯତରା ମହୋତ୍ସବ ଅନୁଷ୍ଠିତ

କୋଇଡା (ମହାଭାରତ) : ସୁନ୍ଦରଗଡ଼ ଜିଲ୍ଲା କୋଇଡାରେ ବ୍ଲକ ସ୍ତରୀୟ ଯତରା ମହୋତ୍ସବ ୨୦୨୫ ସ୍ଥାନୀୟ ବେଣୁଧର ନାଏକ ଖେଳ ପଡିଆଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରେଖା ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ର ସମସ୍ତ ପ୍ରକାର ଆୟୋଜନ କରାଯାଇଥିଲା। ମହୋତ୍ସବରେ ଅତିଥି ମାନେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀ ତଥା ସ୍ଥାନୀୟ କଳାକାର ଦଳକୁ ନେଇ ଏକ ପଦଯାତ୍ରା କୋଇଡାରେ କରାଯାଇଥିଲା । ଆସନ୍ତା ଜାନୁଆରୀ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ସୁନ୍ଦରଗଡ଼ ଜିଲ୍ଲା ଯତରା ମହୋତ୍ସବକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ବ୍ଲକରେ ଏହି ବ୍ଲକ ସ୍ତରୀୟ ଯତରା ମହୋତ୍ସବ ପାଳନ କରାଯାଉଛି । ପ୍ରତି ପଞ୍ଚାୟତ ସ୍ତରରେ ଥିବା ପଞ୍ଜିକୃତ ଚୟନ କଳାକାର ମାନଙ୍କୁ ଏହି ମହୋତ୍ସବରେ ସେମାନଙ୍କ କଳାର ପ୍ରତିଭାକୁ ପରୀକ୍ଷା କରି ଚୟନ କରାଯିବା ସହିତ ଜିଲ୍ଲା ମହୋତ୍ସବକୁ ନିଜ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ପଠାଇବା ଏହି ମହୋତ୍ସବର ଆଭିମୁଖ୍ୟ । କୋଇଡା ବ୍ଲକର ୧୫ ଗୋଟି ପଞ୍ଚାୟତରୁ ବଛା ବଛା କଳାକାର ଦଳ ଏହି ବ୍ଲକ ସ୍ତରୀୟ ଯତରା ମହୋତ୍ସବରେ ଅଂଶ ଗ୍ରହଣ କରିଥିଲେ। ଏହା ବ୍ୟତୀତ ଓଡିଶା ସରକାରଙ୍କ ବିଭିନ୍ନ ଲୋକ ହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇବା ସହ କଳାକାରଙ୍କ କଳା ପ୍ରଦର୍ଶନରେ ପରିବେଶ ଉତ୍ସବମୁଖର ହୋଇ ଉଠିଥିଲା। ଏହି ଅବସରରେ ଯତରା ମହୋତ୍ସବ ଉପଲକ୍ଷେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗି ମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଦ୍ୟାଳୟ ସ୍ତରୀୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ସହକାରୀ ଶିକ୍ଷକ ପଠାଣି କୁମାର ସାହୁଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ବିଶିଷ୍ଟ ଅତିଥି, ବିଦ୍ୟାଳୟର ପୋଷ୍ୟାକର୍ତ୍ତା ବାଉରୀ ଚନ୍ଦନ ମୁଖ୍ୟବକ୍ତା, ସରପଂଚ ଲତା ସେଠୀ,ସାଧନ କେନ୍ଦ୍ର ସଂଯୋଜକ ଦାଶରଥି ପ୍ରଧାନ, ପରିଚାଳନା କମିଟି ସଭାପତି ଚନ୍ଦ୍ର ଶେଖର ସ୍ୱାଇଁ, ଆଲୁମିନି କମିଟି ସଭାପତି ଭୁବନାନନ୍ଦ ମହାନ୍ତି ଓ ଆଲୁମିନି କମିଟି ଆବାହକ ସୁରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡା ଦ୍ୱାରା ଶରୀର ଓ ମନକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ବୋଲି ଅତିଥି ମାନେ ମତ ପ୍ରକାଶ କରିବା ସହ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ପଠାଣି କୁମାର ସାହୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ସମୀର ଚିନରା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି କଣ୍ଟାବାଡ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧକ୍ଷତା ଓ ସହକାରୀ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି,ବ୍ଲକଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ବିଶିଷ୍ଟ ଅତିଥି ବିଡ଼ିଓ ଲକ୍ଷ୍ମୀଧର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ବରେଣ୍ୟ ଅତିଥି, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ତିଳେଇ ବଣୀ ବ୍ଲକ ରେ ଧାନ ମଣ୍ଡି ର ଶୁଭାରମ୍ଭ

ଦେବଗଡ଼(ମହାଭାରତ): ଆଜି ଦେବଗଡ଼ ଜିଲ୍ଲାରେ ଚଳିତ ବର୍ଷର ଖରିଫ ବିପଣନ ଋତୁ – ୨୦୨୪-୨୫ ଧାନ କିଣା ଶୁକ୍ରବାର ଆରମ୍ଭ ହୋଇଛି । ତିଳେଇବନି ବ୍ଲକ କଂସର ପ୍ରାଥମିକ ସମବାୟ ସମିତି ପରିସରରେ ଧାନ ମଣ୍ଡିକୁ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ଉପଜିଲ୍ଲାପାଳ ପରକ୍ଷିତ ସାହୁ ଯୋଗଦେଇ ଜିଲ୍ଲାର ପ୍ରଥମ ଧାନ ମଣ୍ଡି ଶୁଭାରମ୍ଭ କରିଥିଲେ । ପରେ ପରେ ଏକ ସଭାରେ ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପରକ୍ଷିତ ସାହୁ ଯୋଗଦେଇ ଥିଲେ । ବରଣ୍ୟ ଅତିଥି ଭାବେ ଉପନିବନ୍ଧକ ମୋନିକା ରାୟ, ପ୍ରେଜ୍‌ଡେଣ୍ଟ ପ୍ରସନ୍ନ ଦେହୁରୀ, ଡି.ଏଲ.ପି.ସି ରଂଜିତ ପଟେଲ, ଜିଲ୍ଲା ଧାନ କ୍ରୟ କମିଟିର ସଦସ୍ୟ ପ୍ରମୋଦ ଝଙ୍କାର ଅତିଥି ଭାବେ ଯୋଗଦେଇ ଚାଷୀମାଙ୍କ ଧାନ କ୍ରୟ ଉପରେ ବିଭିନ୍ନ ସମସ୍ୟା ର ଆଲୋକପାତ କରିଥିଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ



ମନୋରଞ୍ଜନ ସୁତାର ପରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ବରିଷ୍ଠ ସହକାରୀ ରେଜିଷ୍ଟର ଭବାନୀକାନ୍ତ ନାୟକ । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ ଧାର୍ଯ୍ୟ କରାଯାଇ ୪୯ ମଣ୍ଡି ଖୋଲିବା ପାଇଁ ସ୍ଥିର ହୋଇଛି । ଜିଲ୍ଲାରେ ୧୯୬୬୨ ଚାଷୀ ପାଞ୍ଜିକରଣ କରିଛନ୍ତି ଓ କଂସର ସମବାୟ ସମିତିରେ ୪୩୩ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି ଏଥି ମଧ୍ୟରୁ ଆଜି ପ୍ରଥମ ଦିନରେ ୨ ଜଣ ଚାଷୀ ମାନସ ପଟେଲ ଓ ଦୀପାଳି ପଟେଲ ୩୨୦ ବସ୍ତାରେ ୧୫୦ କ୍□ାଲ ଧାନ ବିକ୍ରି କରିଛନ୍ତି ।

# ଭାଇକୁ ଭାଇ ହତ୍ୟା ଅଭିଯୋଗ,ରାସୋଳ ଅଞ୍ଚଳରେ ଚାଞ୍ଚଲ୍ୟ

ହିନ୍ଦୋଳ(ମହାଭାରତ): ହିନ୍ଦୋଳର ରାସୋଳ ଥାନା ନବକିଶୋରପୁର ଗାଁରେ ଆଜି ଦେଖିବାକୁ ମିଳିଛି ଅଭାବନୀୟ ଘଟଣାୟ ଜଣେ ଭାଇ ତାର ଅନ୍ୟ ଜଣେ ଭାଇକୁ ଘରୁ ଡାକି ନେଇ ହତ୍ୟା କରି ଦେଇଥିବା ନେଇ ଆଜି ହାତ ଗୋଡ଼ ବନ୍ଧା ଅବସ୍ଥାରେ ଗାଁ ପୋଖରୀରୁ ଶବ ମିଳିଛି ।ଘଟଣା ସ୍ଥଳରେ ଏବେ ରାସୋଳ ପୋଲିସ ପହଞ୍ଚି ଛାନଭିନ ଆରମ୍ଭ କରିଛି। ସୂଚନଅନୁଯାୟୀ ଗତ ୧୫ ତାରିଖ ଅପରାହ୍ନ ସମୟରେ ନବ କିଶୋର ପୁର ଗ୍ରାମର ଗଗନ ନାହାକଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ଲକ୍ଷ୍ମୀଧର ନାହାକ କୌଣସି କାମରେ ଘର ଡାକି ନେଇଥିଲେ ।ମାତ୍ର ସେହି ଦିନରୁ ସେ ଆଉ ଘରକୁ ଫେରି ନଥିଲେ ।ଅନେକ ଖୋଜା ଖୋଜି ପରେ ପରିବାର ପକ୍ଷରୁ ରାସୋଳ ଥାନାରେ ଏକ ନିଖୋଜ ମାମଲା ଦରଜ କରିଥିଲେୟଏବଂ ଲକ୍ଷ୍ମୀଧର ତାଙ୍କୁ ମାରି କୁଆଡ଼େ ଲୁଚାଇ ଦେଇଥିବାର ତାଙ୍କ ସ୍ତ୍ରୀ ରେଣୁକା ନାହାକ ଅଭିଯୋଗ କରିଥିଲେ। ଅନ୍ୟ ପକ୍ଷରେ ଲକ୍ଷ୍ମିଧରଙ୍କୁ ପୋଲିସ ପଚର ଉଚ୍ଚର କରିବା ସହ ଅଟକ ରଖିଛି। ଆଜି ଦିନ ୪ ଟା ସମୟରେ ଗାଁ ଜଙ୍ଗଲ ନିକଟରେ ଏକ ପୋଖରୀରୁ ଗଗନଙ୍କ ଶବ ବେକରେ ରାଶି ଏବଂ ଗୋଡ଼ରେ ଏକ ମାଛମରା ଜାଲ ବନ୍ଧାଯିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛ। ସନ୍ଧ୍ୟା ଏବଂ ରାତି ହୋଇଯିବ କାରଣରୁ ଶବ ଉଦ୍ଧାର ବିଳମ୍ବ ହୋଇଥିଲା । ସାଇଣ୍ଟିଫିକ ଟିମ୍ ପହଞ୍ଚିବା ପରେ ଉଧାର କରାଯାଇଛି। ଆସନ୍ତା କାଲି ଶବ୍ ବ୍ୟବଚ୍ଛେଦ ପାଇଁ ପଠାଯିବ। ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ଆଶା ବ୍ୟକ୍ତ କରାଯାଉଛି।

# ପାଟଣାଗଡ଼ ପ୍ରେସ କ୍ଲବ୍ ର ବାର୍ଷିକ ବୈଠକ ଅନୁଷ୍ଠିତ



ପାଟଣାଗଡ ( ମହାଭାରତ )ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ପ୍ରେସ କ୍ଲବ ର ଏକ ବାର୍ଷିକ ବୈଠକ ହୋଇ ଥିଲା । ଆଜି ପାଟଣାଗଡ଼ ସ୍ଥିତ ପୁରୋହିତ ଫାର୍ମ ହାଉସ ରେ ଅନୁଷ୍ଠିତ ହୋଇଥିଲା । ପ୍ରେସ କ୍ଲବ ର ସଭାପତି ଅଜିତ ପୁରୋହିତ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଆଗକୁ କେମିତି ଭଲ ଭଲ କାର୍ଯ୍ୟକ୍ରମ ହେବ ସେ ଉପରେ ଆଲୋଚନା ହୋଇଥିବା ବେଳେ ଆଗକୁ କଣ କଣ କାର୍ଯ୍ୟକ୍ରମ କରାଯିବ ତାହା ଆଲୋଚନା ହୋଇଥିଲା । ଉକ୍ତ ସଂଘ ରେ ୨ ଜଣ ନୂତନ ସଭ୍ୟ ସାମିଲ ହୋଇଥିଲେ ।ଆଜିର ସଭାରେ ପ୍ରେସ କ୍ଲବ୍ ସମ୍ପାଦକ ଆଲୋକ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ବିଜୟାନନ୍ଦ ଦାସ, କୋଷାଧକ୍ଷ ଦିପକ ପୁରୋହିତ, ସୁଧାକର ଦାସ,ଶିରୀଶ ଚନ୍ଦ୍ର ଖମାରୀ, ଅଭିନାଶ ବିଶ୍ୱାଳ, ରୁପେନ୍ଦ୍ର ମୁଣ୍ଡା, ଜପିନ୍ଦ୍ର ସୁନା, ଗୋଲାପ ମିଶ୍ର, ଭୋଜରାଜ ଡେନସେନା, ଜଗନ୍ନାଥ ଧରୁଆ, ପଲସି ବରିହା, ନିରୋଜ ପଟେଲ, ସନ୍ତୋଷ ପୁଟେଲ, ଅଜିତ ପୁରୋହିତ, ବିଭୁତି ଭୂଷଣ ବଡୁ ସହ ଆଇନଜୀବି ବାଦଲ ଦାସ ଉପସ୍ଥିତ ରହି ଥିଲେ । ଆଗାମୀ ଦିନରେ ପ୍ରେସ କ୍ଲବ୍ ପକ୍ଷରୁ ଉପାନ୍ତ ଅ□ଳରେ ମାଗଣା ଚକ୍ଷୁ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯିବା ପାଇଁ ସ୍ଥିର କରା ଯାଇଛି ।

## ଜିଲ୍ଲା ସ୍ତରୀୟ ଗଜପତି ଉତ୍ସବ ୨୦୨୪ ଦ୍ୱିତୀୟ ସନ୍ଧ୍ୟା

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ ଠାରେ ଜିଲ୍ଲା ସ୍ତରୀୟ ଗଜପତି ଉତ୍ସବ ୨୦୨୪ ଦ୍ୱିତୀୟ ସନ୍ଧ୍ୟା ଆୟୋଜିତ ହୋଇ ଯାଇଛି। ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ,ମୋହନା ବିଧାୟକ ଦାଶରଥି ଗୋମାଙ୍ଗ, ଗୋଶାଣୀ ବ୍ଲକ ଅଧକ୍ଷ ଏନ୍ ବୀର ରାଜୁ,ରାୟଗଡ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ,କାଶୀ ନଗର ବ୍ଲକ ଅଧକ୍ଷା ବାଲ ସ୍ୟାୟାମ୍ମା, ପାରଳା ବିଧାୟକ ଇଂ ରୂପେଶ ପାଣିଗ୍ରାହୀ, ଗଜପତି ଆରକ୍ଷୀ ଅଧିକ୍ଷକ ଜତୀନ୍ଦ୍ର କୁମାର ପଣ୍ଡା,ପୋର ପରିଷଦ ଅଧକ୍ଷା ର୍ନିମଳା ସେଠୀ, ମୁଖ୍ୟ ଉତ୍ତୟନ ଅଧିକାରୀ ତଥା କାର୍ଯ୍ୟ ର୍ନିବାହୀ ଅଧିକାରୀ ଜିଲ୍ଲା ପରିଷଦ ଡକ୍ଟର ଗୁଣନିଧି ନାୟକଙ୍କ ସମେତ ବ୍ଲକ ଅଧକ୍ଷ ଅଧକ୍ଷା ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭ ଉଦଘାଟନ କରିଥିଲେ।ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲା ,ବ୍ଲକ ଓ ଜିଲ୍ଲା ବାହାରୁ ଆସିଥିବା କଳାକାର ମାନେ ଆସି ନିଜର କଳା ପରିବେଷଣ କରିଥିଲେ। ଗଜପତିର କଳା,ସଂସ୍କୃତିକୁ ଉଦଯିବିତ କରି ଲୋକଲୋଚନକୁ ଆଣିବା ହେଉଛି ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ। ଦ୍ୱିତୀୟ ସନ୍ଧ୍ୟାରେ ଝିପିଝିପି ବର୍ଷା ସତ୍ତ୍ବେ□ ପ୍ରଶାସନିକ ଅଧିକାରୀ ଓ ଦର୍ଶକ ଛତା ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଥିଲେ।

## ସ୍କାଉଟ ଗାଇଡ୍ ତୃତୀୟ ସୋପାନ ପରୀକ୍ଷା ଅନୁଷ୍ଠିତ

ଆସିକା (ମହାଭାରତ): ଭାରତ ସ୍କାଉଟ ଗାଇଡ୍ ରାଜ୍ୟ ମୁଖ୍ୟ କମିଶନର ଡ଼ କାଳୀ ପ୍ରସାଦ ମିଶ୍ର ଙ୍କ ନିର୍ଦ୍ଦେଶ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନ ଓ ସ୍କାଉଟ ଗାଇଡ୍ ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁ ଙ୍କ ସଂଯୋଜନା ରେ ଜିଲ୍ଲା ସ୍ତରୀୟ ତୃତୀୟ ସୋପାନ ପରୀକ୍ଷାର ପ୍ରାକ୍ଟିକାଲ ପରୀକ୍ଷା ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସ୍କାଉଟ ଗାଇଡ୍ ମାନଙ୍କ ଦ୍ୱାରା ସ୍କାଉଟ ପତାକା ଉତ୍ତୋଳନ କରାଯାଇଥିଲା। ଏହା ପରେ ସ୍କାଉଟ ଗାଇଡ୍ ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ରୁ ନିରୀକ୍ଷକ ଭାବେ ଆସିଥିବା ରାଜ୍ୟ ସହକାରୀ ସଂଗଠନ କମିଶନର ସନ୍ତୋଷ ଦେଓ,ଫକୀର ମୋହନ ଜେନା,ଅବିନାଶ ଗଡ଼ନାୟକ ସ୍କାଉଟ ଓ ଗାଇଡ୍ ମାନଙ୍କ ଲଗ ବୁକ, ରେକର୍ଡ ବୁକ, ଟେଷ୍ଟ କାର୍ଡ, ସି ଡି ପ୍ରୋଜେକଟ ଆଦି ନିରୀକ୍ଷଣ କରିଥିଲେ।ଦ୍ୱିତୀୟ ପର୍ଯ୍ୟାୟରେ ସ୍କାଉଟ ଗାଇଡ୍ ମାନଙ୍କ ଦ୍ୱାରା ବେଣ୍ଡେଜ, ନଟିଙ୍ଗ,ଏଷ୍ଟିମେଶନ,ଫ୍ଲାଗ ପ୍ରୋସିଜର,ଲ, ପ୍ରମିସ, ମୋଟୋ, ସ୍କାଉଟ ଝଣ୍ଡା ଗୀତ, ସ୍କାଉଟ ପ୍ରାର୍ଥନା ପେରେଡ ଆଦିର ନିରୀକ୍ଷକ ମାନେ ପରୀକ୍ଷା କରିଥିଲେ। ଏହି ପରୀକ୍ଷାରେ ଆସିକା ବ୍ଲକ ତଥା ଏହାର ଆଖ ପାଖ ମୋଟ ୧୭ ଟି ବିଦ୍ୟାଳୟ ରୁ ମୋଟ ସ୍କାଉଟ -୧୩୫, ଗାଇଡ୍ -୭୫ ଜଣ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାକୁ ଜିଲ୍ଲା ଅର୍ଗାନାଇଜିଙ୍ଗକମିଶନର ସ୍କାଉଟ ଲକ୍ଷ୍ମୀ ନାରାୟଣ ପଣ୍ଡା ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା, ରାଜେଶ କୁମାର ପାତ୍ର,ଜିଲ୍ଲା ସହକାରୀ ତାଲିମ କମିଶନର ଗାଇଡ୍ କାଦମ୍ବିନୀ ହୋତା ପରିଚାଳନା କରିଥିଲା ବେଳେ ଗାଇଡ୍ କ୍ୟାପଟେନ ଗୀତାରାଣୀ ସାବତ,ରିତା ରାଣୀ ବେହେରା ,ଭାରତୀ କୁମାରୀ ଷଡ଼ଙ୍ଗୀ,ସ୍କାଉଟ ମାଷ୍ଟର ମନୋରଞ୍ଜନ ରଥ,ଅରୁଣ ପଟ୍ଟନାୟକ,ର୍ନିମଳ ବସନ୍ତିଆ,ଦୁଃଶାସନ ରାଉତ,ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜୁନାଗଡ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ

ଜୁନାଗଡ଼ (ମହାଭାରତ): ଜୁନାଗଡ ସହର ସ୍ଥିତ ସରକାରୀ ହାଇସ୍କୁଲ ଠାରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ହେବାକୁ ଥିବା ଉକ୍ତ କ୍ରୀଡ଼ା ଉତ୍ସବର ପ୍ରଥମ ଦିବସରେ ଉଦ୍ଘାଟନୀ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନେପାଲ ଚନ୍ଦ୍ର ବାଗ ଅଧକ୍ଷତା କରିଥିବା ବେଳେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଶ୍ରୀମତୀ ହିମାଦ୍ରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଏବଂ ଛାତ୍ର ଛାତ୍ରୀ ଜୀବନରେ କ୍ରୀଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ତାଙ୍କ ନିଜ ବକ୍ତବ୍ୟରେ କହିଥିଲେ। ଏହି ବାର୍ଷିକ କ୍ରୀଡା ରେ ସଂମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ବିରୁପାକ୍ଷ ନାଏକ, କାଉନସିଲର କାନ୍ହୁ ବୈଠରୁ, ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ସଂଜୀବ କୁମାର ପଣ୍ଡା ସଂଯୋଜନା କରିଥିବା ବେଳେ ଶିକ୍ଷକ ବିଭୁ ଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ମା ଲଙ୍କେଶ୍ୱରୀ ପୀଠରୁ ମଶାଲ ଆସିବା ସହିତ ମୁଖ୍ୟ ଅତିଥି ଅନୁଷ୍ଠାନର କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହିତ ଅନୁଷ୍ଠାନିକ ଭାବରେ ବାର୍ଷିକ କ୍ରୀଡାରମ୍ଭ ଘୋଷଣା କଲେ ଓ ପରେ ଛାତ୍ରୀ ବସୁନ୍ଧରା ଶୁକ୍ଳ ଓ ରଞ୍ଜିତା ପୁଝାରୀ ସମସ୍ତଙ୍କୁ କ୍ରୀଡ଼ା ଶୃଙ୍ଖଳା ଉପରେ ଶପଥ ପାଠ କରାଇଥିଲେ। ପ୍ରଥମ ଦିବସର ବିଭିନ୍ନ କ୍ରୀଡ଼ା ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ସହଯୋଗ କରିଥିଲେ।

## ଆଦିବାସୀ ଦୁର୍ଗମ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କଲେ ବିଡ଼ିଓ



ନୂଆଗାଁ ( ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଜାକେଡ଼ା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଆଦିବାସୀ ଅଧ୍ୟୁଷିତ ବଣ ପାହାଡ଼ ପର୍ବତ ଘେରା ଦୁର୍ଗମ ଅଞ୍ଚଳକୁ ଖାତିର ନକରି ବୁଧବାର ଦିନ ବଡଜିରି ଓ ତୁକୁଡ଼ା ଗ୍ରାମକୁ ପରିଦର୍ଶନ କରିଥିଲେ ନୂଆଗାଁ ବିଡ଼ିଓ ଅମୃତ କୁମାର ରାଉଲ୍ । ପରିଦର୍ଶନ ବେଳେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିଥିଲେ । ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଲୋକମାନଙ୍କ ସହିତ ଆଲୋଚନା କରିବା ସହ ପଚାରି ବୁଝିଥିଲେ। ସ୍ୱାଧୀନତାର ୭୭ ବର୍ଷ ବିତି ଯାଇଥିଲେ ସୁଧା ଗ୍ରାମକୁ ପକ୍କା ରାସ୍ତାଟିଏ ନଥିବାରୁ ପହଞ୍ଚି ପାରୁନି ସରକାରଙ୍କ ବିଭିନ୍ନ ମୌଳିକ ସୁବିଧା ଓ ଯାତାୟତରେ ଅସୁବିଧା ସମ୍ମୁଖୀନ ଭୁଗିବାକୁ ପଡୁଛି। ଏଥି ସହିତ ବିଭିନ୍ନ ସମୟରେ ରୋଗୀକୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବାକୁ ହେଲେ ଏକ ଘଞ୍ଚ ଜଙ୍ଗଲ ଦେଇ ଯିବାକୁ ପଡୁଛି। ଏଥିରେ ପୁଣି ହାତୀ ଏବଂ ହିଂସ୍ର ଜୀବଜନ୍ତୁ ମାନଙ୍କ ଭୟ ତଥାପି ଜୀବନ ପ୍ରତି ବିପଦ ଥିଲେ ମଧ୍ୟ ଗାଁ ଠାରୁ କନ୍ଧଖାଲମଡା ପର୍ଯ୍ୟନ୍ତ ରୋଗୀକୁ ଖଟିଆ ସାହାଯ୍ୟରେ ନେବାକୁ ପଡ଼ିଥାଏ । ପରେ ରୋଗୀକୁ ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥାନ୍ତି । ଗାଁ ଠାରୁ ନୟାଗଡ଼ ପ୍ରାୟ ୪୦ କିଲୋମିଟର ଦୂର ହୋଇଥିବା ବେଳେ ପଞ୍ଚାୟତ ଠାରୁ ଗ୍ରାମକୁ ୫ କିଲୋମିଟର ଦୂର ଯାହାକି ନିତିଦିନ ଯିବାଆସିବା କରିଥାଉ ।ତେଣୁ ତୁରନ୍ତ ପକ୍କା ରାସ୍ତାଟିଏ ର୍ନିମାଣ ହେଲେ ରାସନ ସାମଗ୍ରୀ ସହ ନିତ୍ୟ ବ୍ୟବହାର ଜିନିଷ ନେବା ଆଣିବାରେ ବହୁତ ସୁବିଧା ହେବ ବୋଲି ଗ୍ରାମବାସୀ ମାନେ ବିଡ଼ିଓ ଶ୍ରୀ ରାଉଲ୍ ଙ୍କୁ ଗୁହାରି କରିଥିଲେ। ଏନେଇ ଜିଲ୍ଲା ପ୍ରଶାସନଙ୍କ ସହିତ ଆଲୋଚନା କରି କିଭଳି ଶୀଘ୍ର ରାସ୍ତା ର୍ନିମାଣ କାର୍ଯ୍ୟ ରାନିତ ହୋଇ ପାରିବ ସେ ଉପରେ ସ୍ଥାନୀୟ ଜନସାଧାରଣଙ୍କୁ ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୃତ କୁମାର ରାଉଲ୍ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବୁଲୁ ମଳିକ, ନୂଆଗାଁ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, କନିଷ୍ଠ ଯନ୍ତ୍ରୀ ନେତ୍ରାନନ୍ଦ ମିଶ୍ର ସମେତ ସ୍ଥାନୀୟ ଯୁବ ସମାଜସେବୀ ଦିଲ୍ଲୀପ କୁମାର ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ନାରାୟଣୀ କଲେଜର ବାର୍ଷିକ କ୍ରୀଡା ମହୋତ୍ସବ




ଅନୁଗୋଳ,(ମହାଭାରତ):ବିଗତ ବର୍ଷ ପରି ଚଳିତବର୍ଷ ୧୭.୧୨.୨୪ରିଖ ଠାରୁ ୨୦.୧୨.୨୪ରିଖ ପର୍ଯ୍ୟନ୍ତ ନାରାୟଣୀ ଇଂଜିନିୟରିଂ କଲେଜରେ ବାର୍ଷିକ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।କ୍ରୀଡା ମହୋତ୍ସବ ଆହିତ ପୂର୍ବରୁ ପ୍ରତିଯୋଗୀ ମାନେ ମା ଲୋଭୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରିବା ପରେ ମଶାଲ ଧାରଣ କରି ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ଗଣଦୌଡ଼ ରେ ସାମିଲ ହୋଇଥିଲେ ।ଏହି କ୍ରୀଡା ମହୋତ୍ସବକୁ ଶିକ୍ଷାନୁଷ୍ଠାନର ଅଧକ୍ଷ ଶ୍ରୀଯୁକ୍ତ ତନ୍ମୟ କର,ନିର୍ଦ୍ଦେଶକ ବିଭୁଧେନ୍ଦୁ ବଳ, ଅନୁଷ୍ଠାନ ର ଅଧକ୍ଷା ରଶ୍ମିତାବାଳା ଗଡ଼ନାୟକ,ଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ ।ପ୍ରତ୍ୟେକ ମଣିଷ ସମାଜରେ ବଂଚିବା ପାଇଁ ଦୈନନ୍ଦିନ ଜୀବନରେ କ୍ରୀଡାର ଆବଶ୍ୟକତା ସମ୍ବନ୍ଧରେ ମଞ୍ଚାସୀନ ଅତିଥି ମାନେସେମାନଙ୍କର ଉଦଘାଟନୀ ଭାଷଣରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଶିକ୍ଷା ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ କ୍ରୀଡା ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ସେମାନଙ୍କର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ତା.୨୦.୧୨.୨୪ଦିନ କ୍ରୀଡା ପ୍ରତିଯୋଗୀତାର ଉଦ୍ଯାପନଉତ୍ସବ ପାଳନ କାରାଯାଇଥିଲା । ଏହି ଉତ୍ସବରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଓ ବଉଳିଗଡ଼ ସରପଞ୍ଚ ଅମେନ୍ଦ୍ର ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡା ରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଉତ୍ସବର ଶେଷ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦୁଃସାହସିକ କଳାକୃତି ପ୍ରଦର୍ଶନ କରାଯାଇଥିଲା ।ଏହି ଉତ୍ସବରେ କଲେଜ ଅଧ୍ୟାପକ ଦୀପକ କୁମାର ଦେହୁରୀ, ଆଲୋକ ବେହେରା, ଚନ୍ଦନ କୁମାର ନନ୍ଦ, ସୁଜିତ ପ୍ରଧାନ, ଅନ୍ । କୁମାର ସାହୁ, ସିପୁନ କୁମାର ସେଣ୍ଠ ,ସୌମ୍ୟ ପ୍ରକାଶ ରାଉତ, ସମ୍ବିତ କର,ମନସ୍ୱିନି ପରିଡା, ସିଧାର୍ଥ ଗଡ଼ନାୟକ,ସ୍ୱରାଜ ରାଉଳ, ଅଧ୍ୟାପିକ ସ୍ୱର୍ଣ୍ଣପ୍ରଭା ସିଂହ, ଜ୍ୟୋସ୍ନାମୟୀ ପ୍ରଧାନ, ଏଲିନା ସାହୁ, ସୁପ୍ରୀତୀ ଧର ,ମାନସୀ ରଞ୍ଜିତା ପ୍ରଧାନ,ସତ୍ତମ ପଟ୍ଟନାୟକ,ସ୍ୱାଗତିକା ନାୟକ,ପିଅନ ପ୍ରଶାନ୍ତ ଭୁକ୍ତା, ରବୀନ୍ଦ୍ର ଗଡ଼ନାୟକ, ବାପି ଭୁକ୍ତା, ଉମା କାନ୍ତ ସେଠି ,ବରିଷ୍ଠ କିରାଣୀ ସୁରେଶ ଚନ୍ଦ୍ର କର ,ଲୋକ ସମ୍ପର୍କ ଅଧିକାରୀ ଶଶାଙ୍କ ଶେଖର ସାମଲ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ ।

## ଖାଇଗଲେ ଆଦିବାସୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଟଙ୍କା

ଆର -ଉଦୟଗିରି(ମହାଭାରତ) :: ସରକାର ଗରିବ ଲୋକଙ୍କ ହିତ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଅନୁଦାନ ଦେଇ ଗରିବ ଆଦିବାସୀ ଙ୍କୁ ପକ୍କା ଘର ଯୋଗାଇ ଆସୁଥିବା ବେଳେ, ଆବାସ ଯୋଜନାର ଗୃହ ର୍ନିମାଣ କରିବା ପାଇଁ ଆସିଥିବା ସମସ୍ତ ଅର୍ଥରାଶିକୁ ଗୃହ ର୍ନିମାଣ ହେବା ପୂର୍ବରୁ ସମସ୍ତ ଟଙ୍କାକୁ ସରପଞ୍ଚ ଓ ତାଙ୍କ ସ୍ୱାମୀ ହଡପ କରିଥିବା ଅଭିଯୋଗ ଆସିଛି, ଗଜପତି ଜିଲ୍ଲା ଆର -ଉଦୟଗିରି ବ୍ଲକ ବସ୍ତୀଗୁଡା ପଂଚାୟତ ସାରାଡାସାହିର ଜୟନ୍ତୀ ରଇତ ନାମକ ଏକ ମହିଳା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ଆବେଦନ କରିଥିଲା କିନ୍ତୁ, ୱାର୍କ ଅର୍ଡ଼ର ନଦେଇ ସମସ୍ତ ଟଙ୍କାକୁ ହଡପ କରିଦେଲେ ସରପଞ୍ଚ, ତେବେ ଜୟନ୍ତୀ ରଇତ ଜଣେ ଗରିବ ଆଦିବାସୀ ମହିଳା ହୋଇଥିବା ବେଳେ ସେ ଓ ତାର ସ୍ୱାମୀ ଉଭୟ ଦାଦନ ଖଟିବା ପାଇଁ ବାହାରକୁ ଯାଇ ନିଜ ଗୁଜୁରାଣ ମେଣ୍ଟାଉଛନ୍ତି। କିନ୍ତୁ ଆବାସ ଯୋଜନା ପାଇଁ ଆସିଥିବା ତିନି କିସ୍ତି ମଧ୍ୟରୁ ଦୁଇ କିସ୍ତିର ଟଙ୍କା ମୋଟ ୧୦୫୦୦୦/- ଟଙ୍କା ଭୁଲ ବଶତଃ ତମ ଆକାଉଣ୍ଟକୁ ଚାଲିଯାଇଛି ବୋଲି କହି ସବୁ ଟଙ୍କା ସରପଞ୍ଚ ରିତାନ ମଣ୍ଡଳ ଓ ତାଙ୍କ ସ୍ୱାମୀ ଆକାଉଣ୍ଟରୁ ଉଠାଇନେଇଯାଇଛନ୍ତି। ଏବିଷୟରେ ସମସ୍ତ ତଥ୍ୟ ଜାଣି ଜୟନ୍ତୀ ମଣ୍ଡଳ ସରପଞ୍ଚଙ୍କୁ ସମସ୍ତ ଟଙ୍କା ମାଗିବାରୁ ସରପଞ୍ଚ ଓ ତାଙ୍କ ସ୍ୱାମୀ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏନେଇ ପଞ୍ଚାୟତ ଅଧିକାରୀ ପରେ ବ୍ଲକ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ସମସ୍ତେ ନିଦାବିଷ୍ଣୁ ସାଜିଥିଲେ । ତେବେ ମହିଳା ଜଣକ ଆର -ଉଦୟଗିରି ଥାନାରେ ଅଭିଯୋଗ କରିଥିବା ବେଳେ ପରବର୍ତୀ ସମୟରେ ଯୁଗ୍ମ ଅଭିଯୋଗ ଶୁଣାଣୀର ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣେଇଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ସେ ନ୍ୟାୟ ପାଇ ପାରିନାହାନ୍ତି, ତେବେ ବିନା ଜିଓଟେକ ରେ କିଭଳି ଭାବେ ସମସ୍ତ ଟଙ୍କା ଆକାଉଣ୍ଟକୁ ଯାଇଛି ତାହା ଜିଲ୍ଲାରେ ହେଉଥିବା ଆବାସ ଯୋଜନାର ସ୍ୱଚ୍ଛତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।ଏଠି ପ୍ରାଞ୍ଜଳ ଭାବରେ ଜଣା ପଡିଯାଉଛି ବିଭାଗୀୟ ଅଧିକାରୀଙ୍କ ଜାଣତରେ ହେଉ ଅବା ସେମାନଙ୍କ ଇଙ୍ଗିତରେ ହେଉ ଏହିସବୁ କାର୍ଯ୍ୟ ହେଉଅଛି ଏହି ବ୍ଲକ ରେ । ତେବେ ଖବର ପ୍ରସାରଣ ପରେ ମୋହନ ସରକାର କଣ ପଦକ୍ଷେପ ନେବେ ତାହା ହିଁ ସମସ୍ତଙ୍କ ଅପେକ୍ଷା ।କାରଣ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଜିଲ୍ଲାପାଳ ପ୍ରତିଶୃତିଦେଇ କିଛିବି କାର୍ଯ୍ୟ ହୋଇନଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତ।

## ଅହିୟାସ ସର୍କଲ ସ୍ତରୀୟ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟୀତ୍ରୀଙ୍କୁ ସମ୍ବର୍ଦ୍ଧନା



ଦଶରଥପୁର ,(ମହାଭାରତ ): ଦଶରଥପୁର ବ୍ଲକସ୍ତ ଅହିୟାସ ଦୀନବନ୍ଧୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ଦଶରଥପୁର ବ୍ଲକ ଅହିୟାସ ସର୍କଲର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଅର୍ଣ୍ଣଦା ପ୍ରସାଦ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଦଶରଥପୁର ବ୍ଲକ ସହକାରୀ ମଣ୍ଡଳ ଶିକ୍ଷାଧିକାରିଣୀ ସାବିତ୍ରୀ ସେଠି, ମୁଖ୍ୟବକ୍ତା ଭାବେ ଦଶରଥପୁର ବ୍ଲକର ପ୍ରାକ୍ତନ ବିଆରସିସି ନିରଞ୍ଜନ ନାୟକ, ସଂମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଚନ୍ଦ୍ରଶେଖର ପାତ୍ର, ଗତିକୃଷ୍ଣ ମହାନ୍ତି, ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରମୋଦ କୁମାର ପାଣିଗ୍ରାହୀ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବୀନ୍ଦ୍ର କୁମାର ରାୟ, ଏନପିଏସ ସଂଘର ସଭାପତି ଗୌତମ ଚରଣ ବେହେରା, ଅଲଓଷ୍ଟା ଦଶରଥପୁର ବ୍ଲକର ସଭାପତି ହିମାଂଶୁ ସାମଲ, ଅଲ ଓଷ୍ଟା ଯାଜପୁର ଜିଲ୍ଲା ସମ୍ପାଦକ ମଳୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।ଯ ଶିକ୍ଷକ କୈଳାସ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଧର୍ମାନନ୍ଦ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଭାତ ନାୟକ ମଙ୍ଗଳାଷ୍ଟକ ପାଠ କରିଥିବା ବେଳେ ଶିକ୍ଷକ ଗିରିଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅହିୟାସ ସର୍କଲରେ ଅବସର ନେଇଥିବା ମୋଟ ୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବସନ୍ତ କୁମାର ମହାନ୍ତି, ବିଜୟ ଦାସ, ଅନିଲ ଜେନା, ବିଜୟ ମଲ୍ଲିକ, ଶରତ ନାଥ, ଦୈତାରୀ ବେହେରା, ସନ୍ତୋଷ ପତି, ସୁକାନ୍ତ ଦାସ, ସୁଶାନ୍ତ ରଣା, ପ୍ରସନ୍ନ ନାୟକ, ଇନ୍ଦ୍ରମଣୀ ପାଣିଗ୍ରାହୀ, ମହେଶ୍ୱର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଧାନର କଟଣି ଛଟଣୀ ବନ୍ଦ ଓ ତୁରନ୍ତ ଚାଷୀର ଧାନ ମଣ୍ଡି ରୁ ଉଠେଇବା ପାଇ ଜିଲ୍ଲାପାଳଙ୍କୁ ଦାବି ପତ୍ର

କଳାହାଣ୍ଡି /ମହାଭାରତ :ଆଜି ତା.୨୦.୧୨.୨୦୨୪ ରିଖ ସଦର, ର୍ନିବାଚନ ମଣ୍ଡଳୀ, କଂଗ୍ରେସ ତରଫରୁ ଚାଷୀ ଦେଇଥିବା ପ୍ରତିଶୃତି ସରକାର ପୁରଣ ନ କରିବାରୁ କଂଗ୍ରେସର ଜିଲ୍ଲାପାଳ ଙ୍କୁ ଦାବିପତ୍ରବିଜେପି ସରକାର ଧାନ ର ବିନା କଟନି ଛଟନି ରେ ୩୧୦୦ ଟଙ୍କା କୁଇଣ୍ଟାଲ ରେ କିଣିବା ପାଇଁ ପ୍ରତିଶୃତି ଦେଇଥିଲେ କିନ୍ତୁ ବର୍ତମାନ ତାହା ମିଛ ପ୍ରତିଶୃତି ରହିଯାଇଛି । ପ୍ରତ୍ୟେକ ମଣ୍ଡିରେ ୫ ରୁ ୮ କିଲୋ ପର୍ଯ୍ୟନ୍ତ କଟନି ଛଟନି କରି ମିଲର ମାନେ ଧାନ ଉଠାଉଛନ୍ତି ଓ ପ୍ରଶାସନ ମଧ୍ୟ ନିରବଦ୍ରଷ୍ଟା ସାଥି ଚୁପ ହୋଇ ରହିଛି। ଏହାକୁ ଆମେ ସଂପୂର୍ଣ୍ଣ ବିରୋଧ କରୁଅଛୁ ଯ ସରକାର ଦେଇଥିବା ପ୍ରତିଶୃତି କୁ ରକ୍ଷା କରି ନ ପାରିଲେ ଓ ଚାଷି ଭାଇଙ୍ଗ ପ୍ରତି ଅନ୍ୟାୟ ହେଲେ ଆମେ ତାଙ୍କ ସହିତ ଛିଡା ହେବୁ ଓ ଆଗକୁ ଭୟାଭୟ ଆନ୍ଦୋଳନ କରାଯିବଯ ଚାଷୀ ଙ୍କ ପୂର୍ଣ୍ଣ ସମର୍ଥନ ଦେଇ କଂଗ୍ରେସ ତାଙ୍କ ସହିତ ଛିଡା ହେବ । ଏବଂ ବିଭିନ୍ନ ଦାବି ଉପରେ ଆଲୋକପାତ କରିଥିଲେ । ଚାଷୀ ଙ୍କୁ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ପ୍ରଦାନ କରାଯାଉ ।ବିନା କଟନି ଛଟନି ରେ ଧାନ ଉଠାଯାଉ ।ଚାଷୀ ଙ୍କୁ ଅଖା ବସ୍ତା ଯଥା ଶୀଘ୍ର ଯୋଗାଇ ଦିଆଯାଉ, ତୁରନ୍ତ ମଣ୍ଡି ରୁ ଧାନ ଉଠାଯାଉ , ଧାନ ମଣ୍ଡିରେ ପିଇବା ପାଣି ର ସୁବ୍ୟବସ୍ଥା କରାଯାଉ । ଓ ବର୍ଷା ଦାଉରୁ ଚାଷୀ ଙ୍କ ଧାନ କୁ ସୁରକ୍ଷିତ ରଖାଯାଉ । ଏହି ସବୁ ଦାବି ଉପରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

## ବଡଡାଳିମା ଶାନ୍ତି ସାଧନା ଆଶ୍ରମର ଗୈବ ପର୍ବତରେ ତ୍ରୀଦିବସୀୟ ପଣ୍ଡୁ ପୂର୍ଣ୍ଣିମାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ରାଇରଙ୍ଗପୁର(ମହାଭାରତ): ଭାରତୀୟ ସଂସ୍କୃତିରେ ସ୍ୟ ମାନଙ୍କର ସ୍ଥାନ ଅନନ୍ୟ । ସନ୍ଥ ସମାଜକୁ ସତମାର୍ଗ ଦେଖାଇଥାନ୍ତି ଯସୁସ୍ଥ ସମାଜ,ସୁସ୍ଥ ଜୀବନ,ଶାନ୍ତି ପାଇଁ ସନ୍ଥ ମାନଙ୍କ ଭୂମିକା ଓ ପ୍ରେରଣା ଅନନ୍ୟ ।୧୯୨୪ ମସିହା ମାଘ ଶ୍ରୀପ□ମୀ ସରସ୍ତୀ ପୂଜା ଦିନ ଉତ୍ତରପ୍ରଦେଶର ଜୌନପୁର ଜିଲ୍ଲାର ସାହାଗଞ୍ଜ ଥାନା ଅନ୍ତର୍ଗତ ସମୈୟା ଗ୍ରାମରେ ପିତା ବସନ୍ତରାଜ ମାତା ସହଦେଇଙ୍କ ଗର୍ଭରୁ ଆତ୍ମନିଷ୍ଠ ସ୍ୱାମୀ ଗୈବାନନ୍ଦଜୀ ମହାରାଜ ପରମହଂସ ଦେବଙ୍କ ଜନ୍ମ ଯ୧୯୪୮ ମସିହା ଏକ ପକ୍ଷ ମଧ୍ୟରେ ମାତା ପିତାଙ୍କୁ ହରାଇ ନିଜର ସମସ୍ତ ସ୍ଥାବର ଓ ଅବସ୍ଥାର ସମ୍ପତ୍ତିକୁ ଶ୍ରୀନନ୍ ଗୋସ୍ୱାମୀ ଆଶ୍ରମକୁ ଦାନ କରି ଗୌନନ୍ଦ ସନ୍ୟାସୀ ନାମ ଧାରଣ କରି ଗୃହତ୍ୟାଗ କରି ଆଧାତ୍ମିକ ମାର୍ଗ, ଜୀବେଦୟା,ସମାଜରୁ ଅନ୍ଧ ବିଶ୍ୱାସ , କୁସଂସ୍କାର ବିରୋଧରେ ସତମାର୍ଗକୁ ଆପଣେଇ ସନ୍ୟାସୀ ହୋଇଥିଲେ । ଚାରିଧାମ ସମେତ ଭାରତର କୋଣେ ଅନୁକୋଣେ ପଦବ୍ରଜରେ ଭ୍ରମଣ କରିଛନ୍ତି ।ଓଡ଼ିଶାରେ ଭୂଆନ୍ଦୋଳନ ନେତା ବିନୋବା ଭାବେଙ୍କ ସହ ମଧ୍ୟ ସଭୂ ଆନ୍ଦୋଳନରେ ଜଭୂମିହୀନଙ୍କ ପାଇଁ ସମାଜସେବାରେ ଝାସ ଦେଇଥିଲେ । ପ୍ରଥମେ ଓଡ଼ିଶାକୁ ୧୯୬୪ ମସିହାରେ ମୟୂରଭଞ୍ଜ ଜିଲ୍ଲାର ସିମାନ୍ତ ତିରିଂ , ରାଇରଙ୍ଗପୁର, ବାଙ୍ଗିରିପୋଷି ,ବାରିପଦା ଅଂଚଳ ପଦବ୍ରଜ କରି ଫେରି ଯାଇଥିଲେ ।ପରେ ୧୯୭୮ ମସିହାରେ ପୁନଃ ତିରିଂ ଆସିଥିଲେ ।ଏଠାରେ ବଡଡାଳିମାରେ ରହଣି କରି ଅଂଚଳବାସୀଙ୍କୁ ଆଧାତ୍ମିକ ମାର୍ଗରେ ଯିବା ପାଇଁ ପ୍ରେରଣା ଦେବା ସହ ଅହିଂସା ପଥ,ଜୀବ ହତ୍ୟା ନ କରି ଜୀବେ ଦୟା କରିବା ,ତୁଳସୀ ରାମାୟଣ ଶୁଣାଇବାରେ ଲିପ୍ତ ଥିଲେ । ଆଦିବାସୀ ମାନଙ୍କୁ ଆଧାତ୍ମିକ ମାର୍ଗରେ ଯିବା ,ନିଶା ସେବନ ନ କରିବା,ଜୀବ ହତ୍ୟା ନ କରିବା, ବୃକ୍ଷ ରୋପଣ କରିବା,ପରିଶେ ସୁରକ୍ଷା କରିବା,ଭାଇଚାରା ଓ ସଦଭାବନା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଉଥିଲେ ।ତଦସହ ସମସ୍ତଙ୍କୁ ସତ ମାର୍ଗରେ ଯିବାପାଇଁ ଡଡାଳିମା ନିକଟସ୍ଥ ମାଙ୍କଡିହି ଗ୍ରାମ ସନ୍ନିକଟ ଲଣ୍ଡା ପର୍ବତରେ ପବିତ୍ର ପାଣ୍ଡୁ ପୂର୍ଣ୍ଣିମାରେ ତ୍ରିଦିବସୀୟ ଯଜ୍ଞ, ରାମାୟଣ ଚର୍ଚ୍ଚ, ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନକରିଥିଲେ ।ପ୍ରଥମ ଦିନ ପାହାଡ଼ ଉପରେ ମନ୍ଦିରରେ ପୂଜାର୍ଚ୍ଚନା କରିବା, ଜୀବଜନ୍ତୁ,ଷଲତା ,ସମାଜର କଲ୍ୟାଣ ପାଇଁ ପୂଜାର୍ଚ୍ଚନା କରିବା,ଦିତୀୟ ଦିନ ପାହାଡ଼ ପରିକ୍ରମା କରିବା ଏବଂ ଅନ୍ତିମ ତୃତୀୟ ଦିନ ସନ୍ଥ ଭୋଜନ ମାନେ ସମସ୍ତେ ନର ଜଣେ ଜଣେ ଜଣେ ସନ୍ଥ ସମସ୍ତଙ୍କୁ ନିରାମିଷ ଭୋଜନରେ ଆପ୍ୟାୟିତ କରାଇ ଭକ୍ତି ମାର୍ଗରେ ଯିବା ପାଇଁ ବ୍ୟବସ୍ଥା କରିଥିଲେ । ଏଠାରେ ଶାନ୍ତି ନାମ ଆଶ୍ରମ ପ୍ରତିଷ୍ଠା କରିଥିଲେ ।ପ୍ରତିବର୍ଷ ପରି ପଣ୍ଡୁ ପୂର୍ଣ୍ଣିମାରେ ଦେଶର ବିଭିନ୍ନ ପ୍ରାନ୍ତରରୁ ତଥା ଝାଡ଼ଖଣ୍ଡ, ଜାମ୍ମୁକାଶ୍ମୀର, ଉ□ରପ୍ରଦେଶ, ଗୁଜୁରାଟ, ମଧ୍ୟପ୍ରଦେଶ,ଗାଜିପୁର,ନୈନିତାଲ,ବୈଶାଳୀ ଓଡିଶାର ବିଭିନ୍ନ ପ୍ରାନ୍ତରୁ ତାଙ୍କର ଅନୁଗାମୀ ଭକ୍ତମାନେ ପ୍ରବଳ ଜାଡକୁ ଖାତିର ନ କରି ନିଜ ଗୁରୁଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇବା ଓ ଆଶୀର୍ବାଦ ନେବାପାଇଁ ଛୁଟି ଆସନ୍ତି । ସ୍ୟ ଗୈବାନନ୍ଦଙ୍କର ୧୯୯୬ ମସିହାରେ ଜୁନ ୨୬ ତାରିଖ ହରିଶୟନୀ ଏକାଦଶୀ ତିଥିରେ ମୟୂରଭଞ୍ଜ ଜିଲ୍ଲାର ସିମାନ୍ତ ତିରିଂଥାନା ଅନ୍ତର୍ଗତ ଡଡାଳିମା ପଞ୍ଚାୟତର ବାଘିଆକନ୍ଦା ଗ୍ରାମରେ ମହାପ୍ରୟାଣ ହୋଇଥିଲା ।ସେହି ଗୈବ ପର୍ବତର ପାଦ ଦେଶରେ ଦେଶର କୋଣେ ଅନୁକୋଣେ ଥିବା ତାଙ୍କ ଶିଷ୍ୟ ମାନଙ୍କ ଦ୍ୱାରା ଶାନ୍ତିଧାମ ଆଶ୍ରମ,ବିଶ୍ରାମ କକ୍ଷ,ପର୍ବତରେ ୬୩୧ ଟି ପାହାଚ ଉପରେ ତାଙ୍କର ଭବ୍ୟ ସାଧନା ମନ୍ଦିର ଆକର୍ଷଣୀୟ ପରିବେଶ,ସୁନ୍ଦର ବନାନୀ,ବୃକ୍ଷ ରାଶି ସମସ୍ତଙ୍କୁ ଆକର୍ଷିତ କରୁଛି

## ଜିଲ୍ଲା ଓୟୁଜେ ସଂଘର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ଚୟନ

ନବରଙ୍ଗପୁର, (ମହାଭାରତ): ନବରଙ୍ଗପୁର ସଦର ବୈଭବ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ଓୟୁଜେ ସଂଘର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସର୍ବ ସମ୍ମତିକ୍ରମେ ପୁଣି ଠାରେ ସୁଶାନ୍ତ କୁମାର ବେହେରାଙ୍କୁ ଜିଲ୍ଲା ସଭାପତି ଭାବେ ମନୋନିତ ହୋଇଛନ୍ତି । ସଂଘ ସବୁବେଳେ ସାମ୍ବାଦିକ ମାନଙ୍କ ପାଇଁ ରହିଛି ଆଗାମି ଦିନରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ଲାଗି ସେ ପରାମର୍ଶ ଦେଇଥିଲେ ସଂଘକୁ ସୁଦୃଢ କରି ରାଜ୍ୟ ସ୍ତରରେ ଏକ ନମ୍ବର କରିବେ ବୋଲି ସୂଚନା ଦେଇଥିଲେ। ଏହି ଅସରରେ ପ୍ରଥମେ ଗଣେଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି କାର୍ଯ୍ୟ ଆରମ୍ଭ ହୋଇଥିଲା ପୁରୁଣା ସଂଘ ଭଙ୍ଗ କରି ନୂତନ ସଂଘ ଗଠନ କରାଯାଇଥିଲା। ମଞ୍ଚ ପରିଚାଳନା ମହେଶ୍ୱର ବେହେରା କରିଥିଲେ ପୁଣି ଠାରେ ଜିଲ୍ଲା ସଂଘର ସଭାପତି ଲାଗି ସୁଶାନ୍ତ କୁମାର ବେହେରାଙ୍କ ନାମ ସୁପାରିଶ ହୋଇଥିଲା ସମସ୍ତ କର୍ମକର୍ତା ଏହାକୁ ସମର୍ଥନ ଜଣାଇଥିଲେ। କାର୍ଯ୍ୟକାରି ସଭାପତି ନଳିନୀ ରଞ୍ଜନ ମିଶ୍ର, ସମ୍ପାଦକ ଚିଦାନନ୍ଦ ସାହୁ, ସାଧାରଣ ସମ୍ପାଦକ ଫାଲଗୁନି ପାତ୍ର ସହ ସମ୍ପାଦକ ସନ୍ତୋଷ ସିଂ ଦେଓ,ଗିରି ମାଝୀ, ଏମଡି ହୁସେନ, ବୁଲୁ ପାଢ଼ୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମୀୟ ମହାପାତ୍ର, ସୁମିତ ଘ□, ଜାତୀୟ କାର୍ଯ୍ୟକାରି ସଦସ୍ୟ ଦିଲୀପ ଦାସ, ଉପସଭାପତି ସଞ୍ଜୟ ପାଢ଼ୀ, ଭବାନୀ ନାୟକ, ମନୋଜ ପାଣ୍ଡୀ, ତପନ ବିଶୋଇ, ଲକ୍ଷ୍ମୀକାନ୍ତ ପଣ୍ଡା,ଏଗଜ୍ୟୁକ୍ୟୁଟିବ ସଦସ୍ୟ ଭାବେ ସ୍ୱପ୍ନଜିତ ପଟନାୟକ, ଏନ ଜନାର୍ଦ୍ଦନ ରାଓ, ପ୍ରଶାନ୍ତ କୁମାର ସାହୁ,ଜୟଶ୍ରୀ ଦାସ, ବିକାଶ ସୁଆର,ସିମାଦ୍ରୀ ପଟନାୟକ, ମୁତ୍ୟାଲୁ ବିଶୋଇ,ପ୍ରବୀଣ ସତନାମୀ, ଅନୁରାଗ ପଟନାୟକ, ଦିଲୀପ ଶୁନା କୋଷାଧକ୍ଷ ଭାବେ ଖଗେଶ୍ୱର ମହାକୁଡ଼, ସୋସିଆଲ ମିଡ଼ିଆ କୋର୍ଡିନେଟର ସନ୍ତୋଷ ଶତପଥି, ସଂଜୀବ ଯାନୀ, ତ୍ରିନାଥ ଧୂରୁଆଙ୍କୁ ଚୟନ କରାଯାଇଥିଲା ସମସ୍ତ ନୂତନ ସଦସ୍ୟଙ୍କୁ ପୁଷ୍ପ ମାଲ୍ୟ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ସଂଘର ପରବର୍ତୀ କାର୍ଯ୍ୟ ପନ୍ଥା ନେଇ ଆଲୋଚନା ହୋଇଥିଲା।

## ଭକ୍ତଙ୍କ ପାଇଁ ଖୁସି ଖବର
# ଖୁବଶୀଘ୍ର ଆରମ୍ଭ ହେବ କୈଳାସ-ମାନସରୋବର ଯାତ୍ରା

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ଭକ୍ତଙ୍କ ପାଇଁ ଖୁସି ଖବର । ଖୁବଶୀଘ୍ର ଆରମ୍ଭ ହେବ କୈଳାସ-ମାନସରୋବର ଯାତ୍ରା । ଭାରତ-ଚୀନ ବୁଝାମଣା ପରେ ପୁଣିଥରେ ଆରମ୍ଭ ହେବାକୁ ଯାଉଛି କୈଳାସ-ମାନସରୋବର ଯାତ୍ରା । ତେବେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଚୀନ ଗସ୍ତରେ ଥିବାବେଳେ ସେ ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଭେଟିଛନ୍ତି । ଆଉ ଏହି ସମୟରେ ବିନା ବାଧାରେ କୈଳାସ ମାନସରୋବର ଯାତ୍ରା ପାଇଁ ଚୁକ୍ତି ହୋଇଛି ।



ତେବେ କିଛି ବର୍ଷ ଧରି କୈଳାସ ମାନସରୋବର ଯାତ୍ରା ବନ୍ଦ ଥିବା ବେଳେ ସେବେଠାରୁ ଏହି ଯାତ୍ରାରୁ ବଞ୍ଚିତ ଥିଲେ ଭକ୍ତ । ହେଲେ ବର୍ତ୍ତମାନ ଡୋଭାଲ ଏବଂ ୱାଙ୍ଗ ୟିଙ୍କ ମଧ୍ୟରେ ଆଲୋଚନା ପରେ ପୁଣି ଥରେ ପବିତ୍ର ଯାତ୍ରାର ମାର୍ଗ ଖୋଲିବା ନେଇ ସୂଚନା ମିଳିଛି । ପ୍ରକାଶ ଥାଉକି, କୈଳାସ ମାନସରୋବର ତିବ୍ବତରେ ଅବସ୍ଥିତ ।ଚୀନ ଏବେ ତିବ୍ବତକୁ ଅଧିକାର କରିଥିବାରୁ କୈଳାସ ଓ ମାନସରୋବର ମଧ୍ୟ ଚୀନ ଅଧିନରେ ଆସୁଛି । ଗତ ପାଞ୍ଚ ବର୍ଷ ହେବ ଏହି ଯାତ୍ରା ବନ୍ଦ ରହିଥିଲା । ଯାହା ଏବେ ପୁଣି ଥରେ ଆରମ୍ଭ କରିବାକୁ ରାଜି ହୋଇଛି ।

# ୟେମେନ ଉପରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ହୁତି ବିଦ୍ରୋହୀ ମାନଙ୍କ ଦ୍ୱାରା ଅଧିକୃତ ୟେମେନ ଉପରେ ଏୟାର ଷ୍ଟ୍ରାଇକ୍ ଆରମ୍ଭ କରିଛି ଇସ୍ରାଏଲ । ରିପୋର୍ଟ ଅନୁଯାୟୀ ଏହି ଆକ୍ରମଣରେ ୯ ଜଣଙ୍କର ମୃତ୍ୟୁ ଘଟିଛି । କୁହାଯାଉଛି ଯେ ଇସ୍ରାଏଲ୍ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର, ଲୋହିତ ସାଗରରେ ଥିବା ରାସ୍ ଇସା ତେଲ ଟର୍ମିନାଲ୍ ଏବଂ ସାଲିଫ୍ ବନ୍ଦରକୁ ଟାର୍ଗେଟ କରିଛି । ଏହି ଆକ୍ରମଣରେ ସାଲିଫ ବନ୍ଦରରେ ୭ ଜଣ ଏବଂ ତେଲ ଟର୍ମିନାଲରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ଏହା ପୂର୍ବରୁ ୟେମେନ କେନ୍ଦ୍ରୀୟ ଇସ୍ରାଏଲ ଉପରେ ହୁତି ମିସାଇଲରେ ଆକ୍ରମଣ କରିଥିଲା । ଯାହାକୁ ଇସ୍ରାଏଲ ପ୍ରତିରୋଧ କରିଥିଲେ । ଟାଇମ୍ସ ଅଫ୍ ଇସ୍ରାଏଲ ଅନୁଯାୟୀ, ଇସ୍ରାଏଲ ସେନା ୟେମେନରେ ହୋଇଥିବା ଆକ୍ରମଣକୁ ନିଶ୍ଚିତ କରିଛନ୍ତି । ଏନେଇ ଇସ୍ରାଏଲ୍ ସେନା କହିଛନ୍ତି ଯେ, ହୁତି ବିଦ୍ରୋହୀ ଗୋଷ୍ଠୀର ବାରମ୍ବାର ଆକ୍ରମଣରେ ଏହାର ଯୁଦ୍ଧ ବିମାନ ଜବାବ ଦେଇଛି । ସେନା ଅନୁଯାୟୀ, ଇସ୍ରାଏଲ୍ ବାୟୁସେନା ଦୁଇଟି ପର୍ଯ୍ୟାୟରେ ହୁତି ସ୍ଥିତିକୁ ଆକ୍ରମଣ କରିଛି । ଏଥିରେ ଇସ୍ରାଏଲ୍ ବାୟୁସେନାର ୧୪ ଟି ଯୁଦ୍ଧ ବିମାନ ସାମିଲ ଥିଲା । ସେନା କହିଛି ଯେ ପ୍ରଥମ ଆକ୍ରମଣରେ ତେଲ ଟର୍ମିନାଲ ଏବଂ ଲାଲ ସାଗରରେ ଥିବା ସାଲିଫ ବନ୍ଦରକୁ ଟାର୍ଗେଟ କରାଯାଇଥିଲା । ଆକ୍ରମଣରେ ଜାହାଜ ଆଣିବା ପାଇଁ ବ୍ୟବହୃତ ଆଠଟି ଡଙ୍ଗାକୁ ନଷ୍ଟ କରାଯାଇଛି । ଏହା ପରେ ଦ୍ୱିତୀୟ ଥର ପାଇଁ ରାଜଧାନୀ ସାନାର ଦୁଇଟି ବିଦ୍ୟୁତ କେନ୍ଦ୍ରକୁ ଟାର୍ଗେଟ କରାଯାଇଥିଲା । ଆଇଡିଏଫ୍ ମୁଖ୍ୟ ମୁଖପାତ୍ର ଡାନିଏଲ ହାଗରୀ କହିଛନ୍ତି ଯେ, ଏହି ଆକ୍ରମଣରେ ସେହି ସ୍ଥାନ ଗୁଡିକୁ ଟାର୍ଗେଟ କରାଯାଇଛି, ଯେଉଁ ସ୍ଥାନ ଗୁଡିକୁ ହୁତି ମାନେ ସେମାନଙ୍କ ସାମରିକ କାର୍ଯ୍ୟ ପାଇଁ ବ୍ୟବହୃତ କରୁଥିଲେ । ଲୋହିତ ସାଗରରେ ଅନ୍ତର୍ଜାତୀୟ ଜାହାଜ ଉପରେ ହୁତି ଆକ୍ରମଣ ବିଶ୍ୱବ୍ୟାପୀ ବିପଦ ପାଲଟିଛି । ହୁତି ମାନଙ୍କ ପଛରେ କିଏ ଅଛନ୍ତି ? ସରଳ କଥା ହେଉଛି ଇରାନ । ଇରାନର ପ୍ରବର୍ତ୍ତନ ଏବଂ ଅର୍ଥ ହେତୁ ହୁତି ବିଦ୍ରୋହୀ ମାନେ କ୍ରମାଗତ ଭାବରେ ଇସ୍ରାଏଲ ଉପରେ ଆକ୍ରମଣ କରୁଛନ୍ତି । ଯେକୌଣସି ଦୂରତାରେ ଇସ୍ରାଏଲ ନାଗରିକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ଆଇଡିଏଫ୍ ପାଖରେ କାର୍ଯ୍ୟାନୁଷ୍ଠାନ ଏବଂ ଆକ୍ରମଣ କରିବାର କ୍ଷମତା ଅଛି ।

# ଉତ୍ତରାଖଣ୍ଡରେ ଲାଗୁହେବ ୟୁନିଫର୍ମ ସିଭିଲ କୋଡ୍

**ଡେରାଡୁନ୍,୨୦।୧୨(ଏଜେନ୍ସି):** ଉତ୍ତରାଖଣ୍ଡରେ ଖୁବ୍ ଶୀଘ୍ର ୟୁନିଫର୍ମ ସିଭିଲ କୋଡ୍ ବା ୟୁସିସି ଲାଗୁ ହେବାକୁ ଯାଉଛି । ଏନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି । ମୁଖ୍ୟମନ୍ତ୍ରୀ ଧାମୀ ଘୋଷଣା କରିଛନ୍ତି ଜାନୁଆରୀ ୨୦୨୫ରୁ ଉତ୍ତରାଖଣ୍ଡରେ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ଲାଗୁ ହେବ । ଏଥିପାଇଁ



ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଉତ୍ତରାଖଣ୍ଡ ଦେଶର ପ୍ରଥମ ରାଜ୍ୟ ଭାବେ ୟୁନିଫର୍ମ ସିଭିଲ କୋଡ୍ ଲାଗୁ କରିବ । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ରାଜ୍ୟ ସଚିବାଳୟରେ ଉତ୍ତରାଖଣ୍ଡ ନିବେଶ ଓ ଭିତ୍ତିଭୂମି ବିକାଶ ବୋର୍ଡ ୟୁଆଇଆଇଡିବିର ଏକ ବୈଠକ କରିଛନ୍ତି । 'ସବକା ସାଥ, ସବକା ବିକାଶ ଏବଂ ସବକା ବିଶ୍ୱାସ'ର ମୌଳିକ ଭାବନାକୁ ଅନୁସରଣ କରି ଉତ୍ତରାଖଣ୍ଡର ୟୁନିଫର୍ମ ସିଭିଲ କୋଡ୍ ଆଇନ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ଦ୍ୱାରା ସମାଜକୁ ଏକ ନୂଆ ଦିଗ ମିଳିବା ଦରକାର ବୋଲି ସେ ଉଲ୍ଲେଖ କରିଛନ୍ତି । ଏହି ଆଇନ ଦେବଭୂମିର ଜନସାଧାରଣ, ବିଶେଷ କରି ମହିଳା ଓ ଶିଶୁଙ୍କ ସଶକ୍ତୀକରଣ ପାଇଁ ନୂଆ ଦ୍ୱାର ଖୋଲିବ ବୋଲି ମୁଖମନ୍ତ୍ରୀ କହିଥିଲେ । ଆମ ସଂକଳ୍ପ ଅନୁଯାୟୀ ୟୁନିଫର୍ମ ସିଭିଲ କୋଡ୍ ଲାଗୁ କରିବା ପାଇଁ ରାଜ୍ୟ ସରକାର କାର୍ଯ୍ୟ ଶେଷ କରିଛନ୍ତି । ୨୦୨୨ ମାର୍ଚ୍ଚରେ ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ କ୍ୟାବିନେଟର ପ୍ରଥମ ବୈଠକରେ ରାଜ୍ୟରେ ୟୁନିଫର୍ମ ସିଭିଲ କୋଡ୍ ଲାଗୁ କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା ।

# ପୁଣି ଦୁଇଭାଗ ହେବ ପାକିସ୍ତାନ !

**ଇସଲାମାବାଦ,୨୦।୧୨(ଏଜେନ୍ସି):** ବାଂଲାଦେଶ ଇତିହାସରେ ୧୬ ଡିସେମ୍ବରର ଏକ ବିଶେଷ ମହତ୍ତ୍ୱ ରହିଛି । ଏହି ଦିନ ବାଂଲାଦେଶରେ ବିଜୟ ଦିବସ ଭାବରେ ପାଳନ କରାଯାଏ କାରଣ ୧୬ ଡିସେମ୍ବରରେ, ୧୯୭୧ ମସିହାରେ ବାଂଲାଦେଶ ମୁକ୍ତି ସଂଗ୍ରାମରେ ପାକିସ୍ତାନୀ ସେନା ପରାସ୍ତ ହୋଇଥିଲା । ଏହା ବାଂଲାଦେଶକୁ ପାକିସ୍ତାନଠାରୁ ଅଲଗା କରି ଏକ ସ୍ୱାଧୀନ ଦେଶ ହେବାକୁ ବାଟ ପରିଷ୍କାର କରିଥିଲା । ବାଂଲାଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ ମଙ୍ଗଳବାର ଦିନ ୫୩ତମ ବିଜୟ ଦିବସ ପାଳନ କରାଯାଇଥିଲା । ବାଂଲାଦେଶ ଏକ ପୃଥକ ଦେଶ ହେବା ନେଇ ପାକିସ୍ତାନର ରାଜନୈତିକ ସମୀକ୍ଷକ କାମର ଖେମା ଚିମା ନିଜର ପ୍ରତିକ୍ରିୟା ଦେଇଛନ୍ତି । କାମର ଖେମା ସୂଚାଇ ଦେଇଛନ୍ତି ଯେ, ପାକିସ୍ତାନ ପୁଣି ଥରେ ବିଭାଜିତ ହେବାର ଆଶଙ୍କା ଦେଖାଦେଇଛି । ଏକ ଭିଡିଓ ସେୟାର କରି କାମର ଖେମା କହିଛନ୍ତି, ୧୬ଡିସେମ୍ବର ତାରିଖ ବିଶେଷ କାରଣ ଏହି ଦିନ ବାଂଲାଦେଶ ଆମଠାରୁ ଅଲଗା ହୋଇଛି । ଏଭଳି ପରିସ୍ଥିତିରେ ପାକିସ୍ତାନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ତାରିଖ ଥିଲା ଏବଂ ଅନେକ ଦିନ ଧରି ଆମେ ଏହାକୁ ଗ୍ରହଣ କରିପାରିଲୁ ନାହିଁ । ଏହି ଘଟଣାରେ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଆମେ ଏହାର ପ୍ରଭାବ ଦେଖିଛୁ ଯେ, ବାଂଲାଦେଶର ଭାରତ ସହିତ ଅଧିକ ବନ୍ଧୁତା ଅଛି । ଶେଖ ହସିନା ମଧ୍ୟ ପାକିସ୍ତାନ ବିରୋଧରେ ସର୍ବଦା ରହିଆସିଛନ୍ତି । ତାଙ୍କ ପିତା ଶେଖ ମୁଜିବୁର ରହମାନ ମଧ୍ୟ ସବୁବେଳେ ପାକିସ୍ତାନ ବିରୋଧରେ ଅନେକ ଅଭିଯୋଗ ଆଣିଥିଲେ ।କାମର ଖେମା କହିଛନ୍ତି, ୧୯୭୧ ଆମକୁ ବାରମ୍ବାର ସ୍ମରଣ କରାଯାଉଛି । ବିଶେଷକରି ପାକିସ୍ତାନ ତେହେରିକ୍ ଇନସାଫ୍ (ପିଟିଆଇ) ହେଉଛି ଏପରି ଏକ ଦଳ ଯାହା ଏକ ନୂତନ ବାଂଲାଦେଶ ଗଠନ ହେବାକୁ ଯାଉଛି ବୋଲି କହୁଛି । ପିଟିଆଇ କହିଛି ଯେ, ଖାଇବର ପାସ୍ତୁନଖ୍ୱାରେ ପାସ୍ତୁନଙ୍କର ଆଞ୍ଚଳିକ ପୃଥକତା ଅଛି ଏବଂ ଏହା ମଧ୍ୟ ବାଂଲାଦେଶ ହେବାକୁ ଯାଉଛି । ଏହା ପଛର କାରଣ ହେଉଛି ଯେପରି ବଙ୍ଗୀୟମାନଙ୍କୁ ଅଧିକାର ଦିଆଯାଇ ନ ଥିଲା, ସେହିଭଳି ଏହି ଅଞ୍ଚଳର ଲୋକଙ୍କୁ ମଧ୍ୟ ଭେଦଭାବ କରାଯାଉଛି । ଏହାକୁ ନେଇ ଲୋକଙ୍କ ମଧ୍ୟରେ କ୍ରୋଧ ରହିଛି । ଅନ୍ୟ ଅନେକ ଲୋକ ମଧ୍ୟ ସମାନ ଯୁକ୍ତି ଦେଉଛନ୍ତି ଯେ, ପାକିସ୍ତାନ ପୁଣି ଭାଙ୍ଗିପାରେ । କାମର ଖେମା କହିଛନ୍ତି ୧୯୭୧ ମସିହାରେ ଯେତେବେଳେ ପାକିସ୍ତାନ ବିଭାଜନ ହୋଇଥିଲା, ସେତେବେଳେ ପରିସ୍ଥିତି ଅଲଗା ଥିଲାୟ ସେତେବେଳେ ପୂର୍ବ ଏବଂ ପଶ୍ଚିମ ପାକିସ୍ତାନ ମଧ୍ୟରେ ବହୁତ ଦୂରତା ଥିଲା ଏବଂ ଭାରତ ମଧ୍ୟ ମଧ୍ୟରେ ରହିଥିଲା । ଏହି କାରଣରୁ ପାକିସ୍ତାନ ନିଜର ପୂର୍ବ ପାକିସ୍ତାନ ଅଞ୍ଚଳକୁ ସଂରକ୍ଷଣ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲା । ବିଭାଜନ ସମୟରେ ପାକିସ୍ତାନକୁ ମୁସଲିମ ଅଞ୍ଚଳ ଦେବା ନାମରେ ଦେଶକୁ ଦୁଇ କୋଣରେ କିପରି ସ୍ଥାନ ଦିଆଯାଇଥିଲା ତାହା ଏକ ପ୍ରକାର ଦଣ୍ଡ । ପାକିସ୍ତାନର ଅଧା ପୂର୍ବରେ ଥିବାବେଳେ ଅନ୍ୟ ଅଧା ପଶ୍ଚିମରେ ଥିଲା । ଏହା ବିଭାଜନର ଏକ କାରଣ ହୋଇଥିଲା ।

# ଗୁଜୁରାଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୬ ମୃତ

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ଗୁଜୁରାଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବସ-ଟ୍ରକ ମୁହାଁମୁହିଁ ଧକ୍କା । ଫଳରେ ଚାଲିଗଲା ୬ଜଣଙ୍କ ଜୀବନୟ ଏଥିସହ ୧୦ରୁ ଅଧିକ ଆହତ ହୋଇଥିବା ସୂଚନା । ଗୁଜୁରାଟ ଭାବାନଗର ଜିଲ୍ଲାର ତ୍ରପଜ ଗାଁରୁ ସାମ୍ନାକୁ ଆସିଛି ଏହି ଘଟଣା । ସେପଟେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୬ଟା ସମୟରେ ବସଟି ଭାବାନଗରରୁ ମହୁବା ଅଭିମୁଖେ ଯାତ୍ରା କରୁଥିଲା । ସେହି ସମୟରେ ତ୍ରପଜ ଗାଁ ନିକଟରେ ଏହି ଦୁର୍ଘଟଣା ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ୬ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକ ଗୁରୁତର ହୋଇଥିଲେ । ତେବେ ଏହି ଦୁର୍ଘଟଣାରେ ବସଟି ଭାଙ୍ଗି ଚୁରମାର ହୋଇଯାଇଥିବା ଜଣାପଡ଼ିଛି । ସେହିପରି ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେପଟେ ପୋଲିସ ଘଟଣା ବିଷୟରେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । କେଉଁ କାରଣରୁ ଏହି ଦୁର୍ଘଟଣା ହେଲା ଏନେଇ କୌଣସି ସୂଚନା ମିଳିନଥିବା ବେଳେ କୁହୁଡି ଯୋଗୁଁ ଦୁର୍ଘଟଣା ଘଟିଥିବା ଅନୁମାନ କରୁଛି ପୋଲିସ ।

# ଏର୍ଦୋଗନଙ୍କ ସିରିଆ ଆକ୍ରମଣ ଯୋଜନା

**ଅଙ୍କାରା,୨୦।୧୨(ଏଜେନ୍ସି):** ସିରିଆରେ ବଶର ଅଲ-ଅସଦ ଶାସନ ଦେଶ ଛାଡି ପଳାଇବା ପରେ ଅରାଜକତା ମଧ୍ୟରେ ତୁର୍କୀ ରାଷ୍ଟ୍ରପତି ରିସେପ ତାଇପ ଏର୍ଦୋଗନ ଆମେରିକା ସେନାକୁ ଖାତିର ନ କରି ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛନ୍ତି । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ରିପୋର୍ଟ କରିଛି ଯେ, ତୁର୍କୀ ଏବଂ ଏହାର ସମର୍ଥିତ ମିଲିସିଆମାନେ ସିରିଆରେ କୁର୍ଦ୍ଦ ବାହିନୀ ଦ୍ୱାରା ନିୟନ୍ତ୍ରିତ ଅଞ୍ଚଳ ଉପରେ ଏକ ବଡ଼ ଆକ୍ରମଣ ଯୋଜନା କରୁଛନ୍ତି । ଚଳିତ ମାସ ଆରମ୍ଭରେ ହାୟାତ ତାହିର ଅଲ-ଶାମ(ଏଚଟିଏସ) ନେତୃତ୍ୱରେ



ସିରିଆ ବିଦ୍ରୋହୀମାନେ ଦେଶର ସରକାରୀ ବାହିନୀ ବିରୋଧରେ ଯୁଦ୍ଧ ଘୋଷଣା ସହିତ କୁର୍ଦ୍ଦମାନଙ୍କ ବିରୁଦ୍ଧରେ ଏକ ମୋର୍ଚ୍ଚା ଖୋଲିଥିଲେ । ଏଚଟିଏସ ପକ୍ଷରୁ ତୁର୍କୀ ଏବଂ ଅଙ୍କାରା ସମର୍ଥନରେ ସିରିଆ ନ୍ୟାସନାଲ ଆର୍ମି (ଏସଏନଏ) ସହିତ ମିଳିତ ଭାବେ ଅସଦଙ୍କୁ କ୍ଷମତାରୁ ହଟାଯିବା ପରଠାରୁ ଅତି କମରେ ତିନୋଟି ସ୍ଥାନରେ କୁର୍ଦ୍ଦମାନଙ୍କ ବିରୋଧରେ ଆକ୍ରମଣ ଆରମ୍ଭ କରିଛି । ଏହି ସମୟରେ, କୁର୍ଦ୍ଦ ନେତୃତ୍ୱାଧୀନ ସିରିଆ ଡେମୋକ୍ରାଟିକ୍ ଫୋର୍ସ (ଏସଡିଏଫ୍)ର ସର୍ବୋଚ୍ଚ କମାଣ୍ଡର ଚେତାବନୀ ଦେଇଛନ୍ତି ଯେ, ଯଦି ତୁର୍କୀ ଏବଂ ଏଚଟିଏସ୍ ମିଳିତ ସେନା ସେମାନଙ୍କ ଆକ୍ରମଣ ଜାରି ରଖନ୍ତି ତେବେ ଦେଶ ଆଉ ଏକ ରାଉଣ୍ଡ ରକ୍ତାକ୍ତ ଗୃହଯୁଦ୍ଧ ଆଡକୁ ଯାଇପାରେ । ସିରିଆରେ ତୁର୍କୀଙ୍କ ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନକୁ ନେଇ ଆମେରିକାର ଚିନ୍ତା ବୃଦ୍ଧି ପାଇଛି । ସିରିଆରେ ଆମେରିକା ସମର୍ଥିତ କୁର୍ଦ୍ଦ ବାହିନୀ ଏବଂ ଇସଲାମିକ୍ ଷ୍ଟେଟ୍ ଯୁଦ୍ଧ ଜାରି ରହିଛି । ତେବେ ତୁର୍କୀ ରାଷ୍ଟ୍ରପତି ଏର୍ଦୋଗନ କୁର୍ଦ୍ଦମାନଙ୍କୁ ଶତ୍ରୁ ଭାବରେ ବିବେଚନା କରନ୍ତି । ତୁର୍କୀ ଏସଡିଏଫକୁ ସେ କୁର୍ଦ୍ଦିସ୍ତାନ ୱାର୍କରସ୍ ପାର୍ଟି(ପିକେକେ) ସହିତ ତୁଳନା କରନ୍ତି । ତୁର୍କୀ ପିକେକେକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି ଏବଂ ତୁର୍କୀର ଆଭ୍ୟନ୍ତରରେ ବିଦ୍ରୋହ ପାଇଁ ପିକେକେକୁ ଦାୟୀ କରିଛି । ତୁର୍କୀ ସୀମାରୁ କୁର୍ଦ୍ଦମାନଙ୍କୁ ଦୂରକୁ ହଟାଇବା ଲକ୍ଷ୍ୟରେ ଏର୍ଦୋଗନଙ୍କ ସେନ୍ୟବାହିନୀ ବର୍ଷ ବର୍ଷ ଧରି ସିରିଆରେ ଆକ୍ରମଣ କରିଆସୁଛନ୍ତି । ବର୍ତ୍ତମାନ ତୁର୍କୀ କୁର୍ଦ୍ଦମାନଙ୍କ ବିରୋଧରେ ବଡ଼ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛନ୍ତି ।ସଦ୍ୟତମ ଅଦ୍ୟତନରେ ଆମେରିକାର ଅଧିକାରୀମାନେ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲକୁ କହିଛନ୍ତି ଯେ, ସିରିଆର କୁର୍ଦ୍ଦ ଅଞ୍ଚଳ ସୀମାରେ ଏକ ବଡ଼ ଧରଣର ଆକ୍ରମଣ ପାଇଁ ତୁର୍କୀ କମାଣ୍ଡୋ ଏବଂ ଆର୍ଟିଲିରି ସହିତ ପ୍ରକ୍ସି ମିଲିସିଆମାନଙ୍କୁ ଏକତ୍ର କରିଛି । ଆମେରିକାର ଅଧିକାରୀ କହିଛନ୍ତି ଯେ, ତୁର୍କୀଙ୍କର ସୀମା ପାର୍ଶ୍ୱରେ ଅପରେସନ ଖୁବ ଶୀଘ୍ର ଆରମ୍ଭ ହୋଇପାରେ ।

# ରାହୁଲ ଗାନ୍ଧୀ ନୀଳ ରଙ୍ଗର ଟି-ସାର୍ଟ ପିନ୍ଧିବାକୁ ସମାଲୋଚନା କଲେ ମାୟାବତୀ

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ବହୁଜନ ସମାଜ ପାର୍ଟି ମୁଖ୍ୟ ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ ଭାରତୀୟ ଜାତୀୟ କଂଗ୍ରେସ ନେତା ତଥା ବିରୋଧୀଦଳର ନେତା ରାହୁଲ ଗାନ୍ଧୀଙ୍କ ନୀଳ ରଙ୍ଗର ଟି-ସାର୍ଟ ଉପରେ ମନ୍ତବ୍ୟ ଦେଇଛନ୍ତି । ବିଏସପି ମୁଖ୍ୟ ରାହୁଲ ନୀଳ ଟି-ସାର୍ଟ ପିନ୍ଧି ଶସ୍ତା ରାଜନୀତି କରିଛନ୍ତି ବୋଲି କହିଛନ୍ତି । ମାୟାବତୀ ସୋସିଆଲ ମିଡିଆ ସାଇଟରେ ଲେଖିଛନ୍ତି ଏସବୁ କରିବା ପୂର୍ବରୁ ଉଭୟ ସରକାର ଏବଂ ବିରୋଧୀଙ୍କୁ ନିଜ ହୃଦୟରେ ସଂକୀର୍ଣ୍ଣ ମନୋଭାବ, ଜାତିଭେଦ ଏବଂ ଘୃଣା ଇତ୍ୟାଦିର ଅନ୍ଧକାରରୁ ନିଜକୁ ପରିଷ୍କାର କରିବାକୁ ପଡିବ, କେବଳ ସେତେବେଳେ ଏହି ଶ୍ରେଣୀ ଏବଂ ଦେଶର ପ୍ରକୃତ ହିତ ସମ୍ଭବ ହୋଇପାରିବ । ପୂର୍ବତନ ସାଂସଦ ଲେଖିଛନ୍ତି ଯେ ବାବା ସାହେବ ଡକ୍ଟର ଆମ୍ବେଦକରଙ୍କୁ ସମ୍ପୂର୍ଣ୍ଣ ସମ୍ମାନ ନ ଦେବା ଏବଂ ତାଙ୍କ ଅନୁଗାମୀମାନଙ୍କ ପ୍ରତି ଅନ୍ୟାୟ ତଥା




ଅତ୍ୟାଚାର କରିବା ଏବଂ ସେମାନଙ୍କୁ ଦେବା ପରିବର୍ତ୍ତେ ସେମାନଙ୍କର ସାମ୍ବିଧାନିକ ତଥା ଆଇନଗତ ଅଧିକାର ଛଡ଼ାଇ ନେବାରେ ଏହି ଦଳଗୁଡ଼ିକ ସମାନ ପନ୍ଥା ଆପଣାଉଛନ୍ତି । ଏହାକୁନେଇ ସରକାର ଏବଂ ବିରୋଧୀଙ୍କ ମଧ୍ୟରେ ଚାଲିଥିବା ବିବାଦ କେବଳ ଭୋଟ୍-ସ୍ୱାର୍ଥର ରାଜନୀତି । ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିବୃତ୍ତି ସମ୍ପର୍କରେ ବିଏସପି ମୁଖ୍ୟ କହିଛନ୍ତି - ସଂସଦରେ ବିଜେପିର ଅମିତ ଶାହା ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଉପରେ ଦେଇଥିବା ବୟାନ ଅନେକଙ୍କ ଭାବନାକୁ ଆଘାତ ଦେଇଛି ଏପରି ପରିସ୍ଥିତିରେ, ସେ ସେହି ଶବ୍ଦଗୁଡ଼ିକୁ ଫେରାଇ ନେଇ ଅନୁତାପ କରିବା ଉଚିତ ।

# ବଢ଼ିଲା ଆଦାନୀ ଗ୍ରୁପର ସମସ୍ୟା

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ଆମେରିକାରେ ଲାଞ୍ଚ ଅଭିଯୋଗ ପରେ ଆଦାନୀ ଗ୍ରୁପର ସମସ୍ୟା ବଢୁଛି । ବାଂଲାଦେଶର ଅନ୍ତରୀଣ ସରକାର ଭାରତୀୟ ଉଦ୍ୟୋଗପତି ଗୌତମ ଆଦାନୀଙ୍କ ଆଦାନୀ ପାୱାର ବିରୋଧରେ ବିଲିୟନ ଡଲାର ବିଜୁଳି ଚୁକ୍ତିର ଉଲ୍ଲଂଘନ ନେଇ ଅଭିଯୋଗ ଆଣିଛି । ରୟଟର୍ସର ଏକ ରିପୋର୍ଟ ମୁତାବକ, ଚୁକ୍ତି ମୁତାବକ ଯେଉଁ ପାୱାର ପ୍ଲାଣ୍ଟକୁ ନେଇ ଡିଲ୍ ହୋଇଛି ତାହା ଭାରତ ସରକାରଙ୍କ ଟାକ୍ସ ବେନିଫିଟରେ ଚାଲୁଛି ବୋଲି କହିଛି ବାଂଲାଦେଶ । ଏହି ବେନିଫିଟକୁ ଆଦାନି ପାୱାର ବାଂଲାଦେଶକୁ ପ୍ରଦାନ କରୁନାହିଁ ବୋଲି କହିଛି ବାଂଲା । ଏହି ପ୍ରସଙ୍ଗରେ ଏବେ ଆଦାନୀ ପକ୍ଷରୁ କିଛି ସ୍ପଷ୍ଟୀକରଣ ମିଳିପାରିନି ।

# ତାଲିବାନକୁ ଆତଙ୍କବାଦୀ ତାଲିକାରୁ ହଟାଇବ ରୁଷିଆ

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ତାଲିବାନକୁ ଆତଙ୍କବାଦୀ ତାଲିକାରୁ ହଟାଇବ ରୁଷିଆ । ରୁଷିଆ ସରକାର ଏକ ନୂଆ ଆଇନ ଆଣିଛନ୍ତି, ଯାହାଦ୍ୱାରା ସେଠାକାର ଅଦାଲତଗୁଡ଼ିକ ମସ୍କୋ ଦ୍ୱାରା ନିଷିଦ୍ଧ ଘୋଷିତ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରୁ କଟକଣା ହଟାଇବାରେ ସହାୟକ ହେବ । ପାର୍ଲାମେଣ୍ଟର ନିମ୍ନ ସଦନ ଷ୍ଟେଟ୍ ଡୁମାରେ ପାରିତ ଏହି ଆଇନ ବଳରେ ଆଫଗାନିସ୍ତାନର ତାଲିବାନ୍ ଏବଂ ସିରିଆର ନୂଆ ନେତୃତ୍ୱ ସହ ସମ୍ପର୍କ ସ୍ୱାଭାବିକ କରିବା ପାଇଁ ମସ୍କୋର ବାଟ ଫିଟିଯିବ ବୋଲି ଆଶା କରାଯାଉଛି । ରୁଷିଆର ଆତଙ୍କବାଦୀ ତାଲିକାରେ ୨୦୦୩ ଫେବୃଆରୀରେ ତାଲିବାନ୍ ଏବଂ ୨୦୨୦ରେ ସିରିଆର ହୟାତ ତହର୍ରି ଅଲ୍-ଶାମ୍ (ଏଚ୍ଟିଏସ୍)କୁ ତାଲିକାଭୁକ୍ତ କରାଯାଇଥିଲା । ଦୀର୍ଘ ୨୦ ବର୍ଷ ଧରି ଆଫଗାନିସ୍ତାନରେ ରହିଥିବା ଆମେରିକୀୟ ସୈନ୍ୟ ସେଠାରୁ ପ୍ରତ୍ୟାବର୍ତ୍ତନ କରିବା ପରେ ୨୦୨୧ ଅଗଷ୍ଟରେ



ଇସ୍ଲାମୀୟ ସଙ୍ଗଠନ କ୍ଷମତା ଦଖଲ କରିଥିଲା । ଗତ ଜୁଲାଇରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କହିଥିଲେ, ତାଲିବାନ୍ ଏବେ ଆତଙ୍କବାଦ ନିରୋଧୀ ଲଢ଼େଇରେ ମସ୍କୋର ସହଯୋଗୀ ପାଲଟିଯାଇଛି । ଆଫଗାନିସ୍ତାନ ଓ ମଧ୍ୟପ୍ରାଚ୍ୟରେ ଏହି ୨ ସଙ୍ଗଠନ ମସ୍କୋର ପତିଆରା ହ୍ରାସ କରିଥିବାରୁ ରୁଷିଆ ସେମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରି ପୁନଃ ଆଧିପତ୍ୟ ବଜାୟ ରଖିବା ପାଇଁ ଏପରି ଯୋଜନା କରୁଥିବା କୁହାଯାଉଛି । ତେବେ ତାଲିବାନକୁ ଭାରତ ସମେତ ଅନେକ ଦେଶ ଆତଙ୍କବାଦୀ ସଂଗଠନ ଶ୍ରେଣୀରେ ରଖିଛନ୍ତି । ୧୯୯୯ର ବହୁ ଚର୍ଚ୍ଚିତ କାନ୍ଦହାର ବିମାନ ଅପହରଣରେ ରହିଥିଲା ଏହି ତାଲିବାନର ହାତ । ଯାହାଫଳରେ ସେତେବେଳେ କୁଖ୍ୟାତ ଆତଙ୍କବାଦୀ ମସୁଦ ଆଜରକୁ ଭାରତରୁ ମୁକୁଳାଇ ନେଇଥିଲେ ଆତଙ୍କବାଦୀ ମାନେ ।

# ଧନଖଡ଼ଙ୍କ ବିରୋଧରେ ।ସିଥିବା ଅନାସ୍ଥା ପ୍ରସ୍ତାବ ଖାରଜ

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି । ସମ୍ବିଧାନର ଧାରା ୬୭(ବି) ଅଧୀନରେ ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ଏହି ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା । ହେଲେ ଅନାସ୍ଥା ପ୍ରସ୍ତାବ ଆଗତ ହେବା ପୂର୍ବରୁ ୧୪ ଦିନିଆ ନୋଟିସ ଦିଆଯାଇନଥିବା ଓ ପ୍ରସ୍ତାବରେ ଅଧ୍ୟକ୍ଷ ଧନଖଡ଼ଙ୍କ ନାମର ବନାନ ଭୁଲ ଲେଖାଯାଇଥିବା ଦର୍ଶାଇ ଏହି ଅନାସ୍ଥା ପ୍ରସ୍ତାବକୁ ଖାରଜ କରିଦେଇଛନ୍ତି । ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହୟସୂଚନା ଅନୁସାରେ ରାଜ୍ୟସଭା ଉପାଧ୍ୟକ୍ଷ କହିଛନ୍ତି ଯେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦରେ ରହିଥିବା ବ୍ୟକ୍ତିଙ୍କୁ ବଦନାମ କରିବା ପାଇଁ ଏହି ପ୍ରସ୍ତାବ ଆଗତ କରାଯାଇଥିଲା । ଉପରାଷ୍ଟ୍ରପତିଙ୍କ ବିରୋଧରେ ମନଗଢ଼ା କାହାଣୀ କହିବା ପାଇଁ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରାଯାଇଥିଲା ବୋଲି ସେ କହିଛନ୍ତି । ତେବେ ଏହି ଅନାସ୍ଥା ପ୍ରସ୍ତାବକୁ ଖାରଜ କରିବାର କାରଣ ଦର୍ଶାଇବାକୁ ଯାଇ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ କହିଛନ୍ତି ଯେ ଏଭଳି ପ୍ରସ୍ତାବ ଆଣିବା ପାଇଁ ୧୪ ଦିନିଆ ନୋଟିସ ଦେବା ବାଧ୍ୟତାମୂଳକ । ହେଲେ ଏ କ୍ଷେତ୍ରରେ ଏହି ନୋଟିସ ଦିଆଯାଇନାହିଁ । ଏଥିରେ ଗୃହର ଅଧ୍ୟକ୍ଷ ଧନଖଡ଼ଙ୍କ ନାମର ବନାନ ମଧ୍ୟ ଭୁଲ ଲେଖାଯାଇଥିବା ସେ କହିଛନ୍ତି । ତେବେ ରାଜ୍ୟସଭା ଇତିହାସରେ ପ୍ରଥମ ଥର ପାଇଁ ଗୃହର ଅଧ୍ୟକ୍ଷଙ୍କୁ ପଦରୁ ହଟାଇବା ପାଇଁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା । ରାଜ୍ୟସଭାକୁ ପରିଚାଳନା କରିବା ବେଳେ ଅଧ୍ୟକ୍ଷ ଧନଖଡ଼ ପାତରଅନ୍ତର କରୁଥିବା ବିରୋଧୀ ଇଣ୍ଡିଆ ମେଣ୍ଟର ସାଂସଦମାନେ ବାରମ୍ବାର କହୁଥିଲେ । ଯାହା ଚଳିତ ଶୀତ ଅଧିବେଶନରେ ଚରମ ସୀମାରେ ପହଞ୍ଚିଥିବା ବିରୋଧୀ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲା । ଅଧିବେଶନ ଆରମ୍ଭରୁ ଏହି ପ୍ରସଙ୍ଗରେ ଉଭୟ ବିରୋଧୀ ଓ ଶାସକ ମେଣ୍ଟ ମଧ୍ୟରେ ମୁହାଁମୁହିଁ ସ୍ଥିତି ।

# ପାକିସ୍ତାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ନେଇ କଠୋର ହେଲା ଆମେରିକା

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ପାକିସ୍ତାନକୁ ଝଟକା । ପାକିସ୍ତାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ନେଇ କଠୋର ହେଲା ଆମେରିକା । ୪ କମ୍ପାନୀ ଉପରେ ଲଗାଇଲା ବ୍ୟାନ୍ । କହିଲା ଆଗକୁ ଆମେରିକା ପାଇଁ ବିପଦ ହୋଇପାରେ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପୋଗ୍ରାମ । ପ୍ରତିବନ୍ଧକ ପରେ ପାକିସ୍ତାନର ବଢ଼ିଛି ଚିନ୍ତା । ପାକିସ୍ତାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ନେଇ କଠୋର ହେଲା ଆମେରିକା । ଗୋଟିଏ ଦିନ ପୂର୍ବରୁ ୪ଟି କମ୍ପାନୀ ଉପରେ ଲଗାଇଲା ପ୍ରତିବନ୍ଧକ । ଯାହା ପାକିସ୍ତାନ ପାଇଁ ବଡ଼ ବିପଦ ସୃଷ୍ଟି କରିପାରେ । ହ୍ୱାଇଟ୍ ହାଉସ୍ ତରଫରୁ କୁହାଯାଇଛି ଯେ, ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପୋଗ୍ରାମରେ ପାକିସ୍ତାନର କ୍ଷମତା ଦକ୍ଷିଣ ଏସିଆର ବାହାରେ ଆମେରିକା ପର୍ଯ୍ୟନ୍ତ ଆକ୍ରମଣ କରିବାର କ୍ଷମତା ହୋଇଯିବ । ହ୍ୱାଇଟ୍ ହାଉସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପାକିସ୍ତାନର ଏହି କାର୍ଯ୍ୟକଳାପ ଆମେରିକା ପାଇଁ ବିପଦ ହୋଇପାରେ ୟ ବାସ୍ତବରେ ଆମେରିକା ପାକିସ୍ତାନର ସରକାରୀ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା କମ୍ପାନୀ ନ୍ୟାସନାଲ ଡେଭଲପମେଣ୍ଟ କମ୍ପ୍ଲେକ୍ସ ସମେତ ୪ଟି ପାକିସ୍ତାନୀ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇଛି । ଏହି କମ୍ପାନୀ କରାଚି ଘଉଡ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରୋଗ୍ରାମ୍ ସହ ସାମିଲ । ଆମେରିକାର ଡେପୁଟି ନ୍ୟାସନାଲ ସିକ୍ୟୁରିଟି ପରାମର୍ଶଦାତା ଜନ୍ ଫିନର୍ ଏକ ଥିଙ୍କ ଟ୍ୟାଙ୍କକୁ କହିଛନ୍ତି ଯେ, ଦୂରଗାମୀ କ୍ଷେପଣାସ୍ତ୍ର ପ୍ରଣାଳୀର ବିକାଶ ପାଇଁ ବାଇଡେନ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ପ୍ରଥମଥର ପାଇଁ ଆମେ ପାକିସ୍ତାନର ଏକ ସରକାରୀ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇଛୁ ।

# କେଟିଆରଙ୍କୁ ଅନ୍ତରୀଣ ସୁରକ୍ଷା

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ଫର୍ମୁଲା ଇ ରେସ୍ ଆୟୋଜନରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍) କାର୍ଯ୍ୟକାରୀ ସଭାପତି କେଟି ରାମା ରାଓ ଓରଫ କେଟିଆରଙ୍କୁ ମିଳିଛି ଆଶ୍ୱସ୍ତି । ଏହି ଦୁର୍ନୀତି ମାମଲାରେ କେଟିଆରଙ୍କୁ ଅନ୍ତରୀଣ ସୁରକ୍ଷା ଦେଇଛନ୍ତି ତେଲେଙ୍ଗାନା ହାଇକୋର୍ଟ । ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୭ରେ କରାଯିବ । ହେଲେ ୩୦ ତାରିଖ ପର୍ଯ୍ୟନ୍ତ କେଟିଆରଙ୍କ ଗିରଫଦାରୀ ଉପରେ ରୋକ ଲଗାଇଛନ୍ତି ଉଚ୍ଚ ନ୍ୟାୟାଳୟ । ତେବେ ମାମଲାରେ ତଦନ୍ତ ଜାରି ରଖିବା ପାଇଁ ଦୁର୍ନୀତି ନିବାରଣ ଶାଖା(ଏସିବି)କୁ କୋର୍ଟ ଅନୁମତି ଦେଇଛନ୍ତି । ସୂଚନା ଅନୁସାରେ ଏହି ମାମଲାରେ ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏଣ୍ଟ୍ରି ମାରିଛି । ଦୁର୍ନୀତି ନିବାରଣ ଶାଖା(ଏସିବି)କୁ ଚିଠି ଲେଖି ମାମଲାର ତଥ୍ୟ ମାଗିଛି ଇଡି ।

# ଚୀନ୍ କବଜାରେ ଭୁଟାନର ୨% ଜମି

**ବେଜିଂ,୨୦।୧୨(ଏଜେନ୍ସି):** ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ସ୍ଥିତି ସ୍ୱାଭାବିକ ହେବା ପରେ ଏବେ ଚୀନ୍ର କିଛି ନକାରାତ୍ମକ କାର୍ଯ୍ୟ ଲୋକଲୋଚନକୁ ଆସିଛି । ଚୀନ୍ ଭୁଟାନର ୨% ଜମି କବ୍ଜା କରିନେଇଛି । ଗତ ୮ ବର୍ଷ ମଧ୍ୟରେ ଭୁଟାନର ସୀମା ନିକଟରେ ୨୨ଟି ଗ୍ରାମ ନିର୍ମାଣ କରିଛି । ବଡ଼ କଥା ହେଉଛି ଏଥିରୁ ୮ଟି ଗ୍ରାମ ଭାରତୀୟ ସୀମା ନିକଟରେ ରହିଛି । ଭାରତ ଉପରେ ନଜର ରଖିବା ପାଇଁ ଚୀନ୍ ଏଭଳି ହରକତ କରିଥାଇପାରେ ବୋଲି ଅନୁମାନ କରାଯାଉଛି । ଏ ନେଇ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ଚୀନ୍ ଯେଉଁ ୨୨ ଗ୍ରାମ ଗିଛି, ସେଥିରୁ ୮ଟି ଭୁଟାନ୍ର ପଶ୍ଚିମ ଭାଗ ଡୋକଲାମ ସୀମା ନିକଟରେ ରହିଛି । ଏଗୁଡ଼ିକୁ ୨୦୨୦ ପରେ ନିର୍ମାଣ କରାଯାଇଥିଲା, ଯେବେ କି ଭାରତ ସହ ଚୀନ୍ର ବିବାଦ ସୃଷ୍ଟି ହୋଇଥିଲା । ଏହି ଗ୍ରାମଗୁଡ଼ିକ ଏଭଳି ଘାଟି ଉପରେ ନିର୍ମାଣ ହୋଇଛି, ଯାହାକୁ ଚୀନ୍ ସବୁବେଳେ ନିଜର ବୋଲି ଦାବି କରିଆସୁଛି । ଗ୍ରାମଗୁଡ଼ିକ ନିକଟରେ ଚୀନ୍ର ସେନା ପୋଷ୍ଟ ବି ରହିଛି । ୨୨ ଗ୍ରାମ ମଧ୍ୟରୁ ସବୁଠୁ ବଡ଼ ହେଉଛି ଜୀବୁ । ଭାରତ ସରକାର ଏହି ମାମଲାରେ ଏ ପର୍ଯ୍ୟନ୍ତ କୌଣସି ବୟାନ ଦେଇନାହାନ୍ତି । ଅନ୍ୟପକ୍ଷରେ ଚୀନର ସମ୍ପୃକ୍ତ କାର୍ଯ୍ୟକଳାପ ସଂକ୍ରାନ୍ତ ଖବରକୁ ଭୁଟାନ ଖଣ୍ଡନ କରିଛି ।


# ବକ୍ସିଂ ଡେ ଟେଷ୍ଟ ପାଇଁ ରଣନୀତି

## ଭାରତର ଅଭ୍ୟାସ ଆରମ୍ଭ, ଅଷ୍ଟ୍ରେଲିଆର ଦୁଇ ପରିବର୍ତ୍ତନ

ନୂଆଦିଲ୍ଲୀ,୨୦।୧୨: ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ ବକ୍ସିଂ ଡେ ଟେଷ୍ଟ ପାଇଁ ଭାରତୀୟ ଦଳ ମେଲବର୍ଣ୍ଣରେ ପହଞ୍ଚି ସାରିଛି । ଶୁକ୍ରବାରଠୁ ଦଳର ପ୍ରସ୍ତୁତି ଆରମ୍ଭ ହୋଇଛି। ତୃତୀୟ ଟେଷ୍ଟ ଡ୍ର ହେବା ଫଳରେ ସିରିଜ ୧-୧ରେ ବରାବର ରହିଛି। ମେଲବର୍ଣ୍ଣରେ ଭାରତ ବିଜୟ ଟ୍ରାକକୁ ଫେରିବା ଏବଂ ସିରିଜରେ ଅଗ୍ରଣୀ ହାସଲ ନେଇ ବ୍ୟାକୁଳ ରହିଛି ।ଏନେଇ ରୋହିତ ସେନା ଜୋରଦାର ଅଭ୍ୟାସ କରିବା ସହ ଆଗମୀ ରଣନୀତି ପ୍ରସ୍ତୁତ କରିବ।

ଗତ ବୁଧବାର ତୃତୀୟ ଟେଷ୍ଟ ଶେଷ ହୋଇଥିଲା ଅନ୍ତିମ ଦିବସରେ ପ୍ରସିଦ୍ଧ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ହଠାତ୍ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ ତାଙ୍କ ଅବସରକୁ ନେଇ ସାଥୀ ଖେଳାଳିମାନେ ଦୁଃଖିତ ଥିବା ସେମାନଙ୍କ ମୁହଁରୁ ବାରି ହୋଇ ପଡ଼ିଥିଲା। ମେଲବର୍ଣ୍ଣ ଟେଷ୍ଟ ପୂର୍ବରୁ ଭାରତ ବ୍ୟାଟିଂରେ ତ୍ରୁଟି ସୁଧାରିବା ଉପରେ ଗୁରୁତ୍ୱଦେବା ଜରୁରୀ। ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, ରିଷଭ ପନ୍ତ, ଶୁଭମନ ଗିଲ୍ ପୂର୍ବ ୨ଟି ଯାକ। ମ୍ୟାଚ୍‌ରେ ବିଫଳ ହୋଇଥିଲେ। ସିରିଜରେ ଅଗ୍ରଣୀ ହାସଲ କରିବାକୁ ହେଲେ ବ୍ୟାଟିଂ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡ଼ିଛି ବ୍ୟାଟିଂ କୋଚ୍ ଅଭିଷେକ ନାୟାରଙ୍କ ଅଧିନରେ ଦଳ ବ୍ୟାଟିଂରେ ତ୍ରୁଟି ସୁଧାରିବାକୁ ଯୋଜନା କରୁଛି।





ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ୪ର୍ଥ ଓ ୫ମ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ତା'ର ସ୍କ୍ୱାଡରେ ବଡ଼ ପରବର୍ତ୍ତନ କରିଛି। ପ୍ରଥମ ୩ଟି ମ୍ୟାଚରେ ରହିଥିବା ଦୁଇ ଜଣ ଖେଳାଳି ଶେଷ ୨ ମ୍ୟାଚରୁ ବାଦ ପଡ଼ିଛନ୍ତି। ଭାରତ ବିପକ୍ଷରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ନାଥନ ମ୍ୟାକସ୍ୱିନୀ ୪ର୍ଥ ଓ ୫ମ ଟେଷ୍ଟରେ ନଜର ଆସିବେ ନାହିଁ। ସେ ଭାରତ ବିପକ୍ଷ ୩ଟି ମ୍ୟାଚ୍ ଖେଳିଥିଲେ ହେଁ ଆଖିଦୃଶିଆ। ପ୍ରଦର୍ଶନ କରିପାରି ନଥିଲେ। ତେଣୁ ତାଙ୍କୁ ବଳକା ୨ ମ୍ୟାଚରୁ ବାଦ ଦିଆଯାଇଛ।

ଅଷ୍ଟ୍ରେଲିଆ ପକ୍ଷରୁ ଶେଷ ଦୁଇ ମ୍ୟାଚ୍ ପାଇଁ ଆଜି ୧୫ ଜଣିଆ। ସ୍କ୍ୱାଡ ଘୋଷଣା କରାଯାଇଛି। ୪ର୍ଥ ତଥା ବକ୍ସିଂ ଡେ ଟେଷ୍ଟ ଡିସେମ୍ବର ୨୬ରୁ ଆରମ୍ଭ ହେବ। ମ୍ୟାକସ୍ୱିନୀଙ୍କ ବଦଳରେ ସ୍କ୍ୱାଡରେ ୧୯ ବର୍ଷୀୟ ସାମ କୋନଷ୍ଟାସଙ୍କୁ ସାମିଲ କରାଯାଇଛି। ସେ ମେଲବର୍ଣ୍ଣ ଟେଷ୍ଟରେ ଉସମାନ ଖଓ୍ୱାଜାଙ୍କ ସହ ଇନିଂସ ଆରମ୍ଭ କରିବେ। ସାମଙ୍କ ସହ ସ୍କ୍ୱାଡରେ ସ୍ପିଡଷ୍ଟାର ଝାଇ ରିଚର୍ଡସନଙ୍କୁ ମଧ୍ୟ ସାମିଲ କରାଯାଇଛି। ସେ ୩ ବର୍ଷ ପରେ ସ୍କ୍ୱାଡକୁ ଫେରିଛନ୍ତି। ସେହିପରି ସେନ ଆବୋଟ ଓ ଅଲରାଉଣ୍ଡର ବି ୱେବଷ୍ଟର ବି ସ୍କ୍ୱାଡରେ ରହିଛନ୍ତି। ଭାରତ ବିପକ୍ଷ ତୃତୀୟ ଟେଷ୍ଟର ଶେଷ ଦୁଇ ଦିନରେ ଆହତ ହୋଇଥିବା ଜୋଶ ହାଜେଲଉଡ ମଧ୍ୟ ୪ର୍ଥ ଓ ୫ମ ଟେଷ୍ଟର ସ୍କ୍ୱାଡରେ ନାହାନ୍ତି। ଆହତ କାରଣରୁ ସେ ବର୍ଡର-ଗାଭାସ୍କର ଟ୍ରଫିରୁ ବାଦ ପଡ଼ିଛନ୍ତି।

ଅଷ୍ଟ୍ରେଲିଆ ସ୍କ୍ୱାଡ: ପାଟ କମିନ୍ସ(ଅଧିନାୟକ), ଟ୍ରାଭିସ ହେଡ(ଉପ ଅଧିନାୟକ), ଷ୍ଟିଭ ସ୍ମିଥ, ସେନ ଆବୋଟ, ସ୍କଟ ବୋଲାଣ୍ଡ, ଆଲେକ୍ସ କେରୀ, ଜୋଶ ଇଙ୍ଗଲିସ, ଉସମାନ ଖଓ୍ୱାଜା, ସାମ କୋନଷ୍ଟାସ, ମାର୍ନସ ଲାବୁଶେନ, ନାଥନ ଲାୟନ, ମିଚେଲ ମାର୍ଶ, ଝାଇ ରିଚର୍ଡସନ, ମିଚେଲ ଷ୍ଟାର୍କ ଓ ବି ୱେବଷ୍ଟର।

## ମ୍ୟାଚ ମଝିରେ ରିଜୱାନ୍ ଓ କ୍ଲାସେନଙ୍କ ମଧ୍ୟରେ ହେଲା ଝଗଡା

ନୂଆଦିଲ୍ଲୀ: ଦକ୍ଷିଣ ଆଫ୍ରିକା ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଦିନିକିଆ। ସିରିଜର ଦ୍ୱିତୀୟ ମ୍ୟାଚ୍ କେପଟାଉନରେ ଖେଳାଯାଇଥିଲା ଏହି ମ୍ୟାଚ୍ ସମୟରେ ମହମ୍ମଦ ରିଜୱାନ୍, ହରିସ୍ ରାଉଫ୍ ଏବଂ ହେନ୍ରିକ କ୍ଲାସେନଙ୍କ ମଧ୍ୟରେ ଝଗଡା ହୋଇଥିଲା। ମାମଲା ଏତେ ବଢିଗଲା ଯେ ଅମ୍ପାୟାରଙ୍କୁ ଆସି ଉଭୟଙ୍କୁ ବୁଝାଇବାକୁ ପଡିଲା। ଏକ ଭାଇରାଲ ଭିଡିଓରେ ଦାବି କରାଯାଇଛି ଯେ ଉଭୟ ଖେଳାଳି ମଧ୍ୟ ପରସ୍ପର ବିରୋଧରେ ଦୁର୍ବ୍ୟବହାର କରିଛନ୍ତି। ତେବେ ଆଇସିସି ଏପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ବୟାନ ଦେଇନାହିଁ।

ବାସ୍ତବରେ ଗୁରୁବାର ଦିନ ପାକିସ୍ତାନ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଦିନିକିଆ। ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୩୨୯ ରନ୍ ସଂଗ୍ରହ କରିଥିଲା। ଏହି ସମୟରେ ରିଜୱାନ୍ ୮୦ ରନ୍ର ଏକ ଇନିଂସ ଖେଳିଥିଲେ। ସେ ୭ ଚୌକା ଓ ୩ ଛକା ମାରିଥିଲେ। ଯେତେବେଳେ କି ବାବର ଆଜାମ ୭୩ ରନର ଇନିଂସ ଖେଳିଥିଲେ। ପାକିସ୍ତାନ ଦେଇଥିବା ଟାର୍ଗେଟକୁ ପିଛା କରିବାକୁ ଆସିଥିବା ଦକ୍ଷିଣ ଆଫ୍ରିକା ଦଳ ୨୪୮ ରନ୍ ସ୍କୋରରେ ସୀମିତ ରହି ମ୍ୟାଚ୍ ହାରିଥିଲା।

ଦକ୍ଷିଣ ଆଫ୍ରିକା ଦଳ ବ୍ୟାଟିଂ କରୁଥିଲେ। ଏହି ଇନିଂସର ୨୬ ତମ ଓଭରରେ ଝଗଡା ହୋଇଥିଲା। ବୋଲିଂ କରିବାକୁ ହରିସ୍ ରାଉଫ ଆସିଥିଲେ। ରିପୋର୍ଟ ଅନୁଯାୟୀ, ଓଭରର ଶେଷ ବଲ୍ ପରେ ରାଉଫ କିଛି କହିଥିଲେ, ଯାହା କ୍ଲାସେନ୍ ପସନ୍ଦ କରିନଥିଲେ। ଏହି ସମୟରେ ରିଜୱାନ ମଧ୍ୟ ପହଞ୍ଚିଥିଲେ ଏବଂ ମାମଲାଟି ଗୁରୁତର ହୋଇପଡିଥିଲା।

ରିଜୱାନ୍ ଏବଂ କ୍ଲାସେନଙ୍କ ମଧ୍ୟରେ ଝଗଡ଼ାର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛ। ଉଭୟେ ଦୁର୍ବ୍ୟବହାର କରିଥିବା ଦାବି ହେଉଛ। ଆଇସିସି ଏପର୍ଯ୍ୟନ୍ତ ଏ ବାବଦରେ କୌଣସି ପଦକ୍ଷେପ ନେଇନାହିଁ।

## କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡା-୨୦।୧୨: କେନ୍ଦ୍ରାପଡାର ବିଶିଷ୍ଟ ଫୁଟବଲ୍ ଖେଳାଳୀ ସ୍ୱର୍ଗତଃ ଅବଦୁଲ କରିମ ଖାନ ୫ମ ବାର୍ଷିକ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ଫକିରାବାଦ ସ୍ଥିତ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ସଭାପତି ସଲିମ ଖାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଆସନ୍ତା ଜାନୁୟାରୀ ମାସରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ପଡିଆରେ ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରେ ଓଡିଶା ସମେତ ବିଭିନ୍ନ ରାଜ୍ୟର ୮ଟି ବଛା ବଛା ଫୁଟବଲ୍ ଟିମ୍ ଅଂଶ ଗ୍ରହଣ କରିବେ । ଏହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରେ ଅଂଶ ଗ୍ରହଣ କରି ଚମ୍ପିୟାନ ଓ ରନର୍ସଅପ୍ ଙ୍କୁ ନଗଦ ଅର୍ଥରାଶି ପ୍ରଦାନ କରାଯିବା ସହ ଖେଳାଳୀ ମାନଙ୍କୁ କପ୍ ସିଲ୍ ପ୍ରଦାନ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଛି । ଆୟୋଜିତ ଏହି ବୈଠକରେ ସେକ ଲିଆକତ ଅଲ୍ଲୀ, ମିର ବକାଉଲ୍ଲା, ଜାହିଦ ଖାନ, ସେକ ସାହାବୁଲ୍ଲାଙ୍କ ସମେତ କମିଟିର ସଭାପତି, ସଂପାଦକ ଓ ସଦସ୍ୟ ଉପସ୍ଥିତ ଥିଲେ।

## 'ନିଜ ଭୁଲ୍ ପାଇଁ ହଇରାଣ ହେଉଛନ୍ତି ପୃଥ୍ୱୀ ଶ'

ମୁମ୍ବାଇ,୨୦।୧୨: କ୍ରିକେଟ ଦୁନିଆରେ ଏକଦା ଚହଳ ସୃଷ୍ଟି କରିଥିବା ମୁମ୍ବାଇ ବ୍ୟାଟର ପୃଥ୍ୱୀ ଶ'ଙ୍କ ବିଶୃଙ୍ଖଳା ଆଚରଣର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଖରାପ ଫର୍ମ, ବିଶୃଙ୍ଖଳା ଆଚରଣ ଓ ଫିଟନେସ ଯୋଗୁ ପୃଥ୍ୱୀ ଶ' ମୁମ୍ବାଇ ଟିମରୁ ବାଦ ପଡ଼ିଛନ୍ତି। ସେ ସୟଦ ମୁସ୍ତାକ ଅଲୀ ଟ୍ରଫି ଖେଳିଥିଲେ ହେଁ ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମସିଏ) ତାଙ୍କୁ ବିଜୟ ହଜାରେ ଟ୍ରଫିରେ ସାମିଲ କରିନାହିଁ।



ଆଇପିଏଲରେ ମଧ୍ୟ ପୃଥ୍ୱୀଙ୍କୁ କେହି କିଣି ନଥିଲେ। ମୁମ୍ବାଇ ଟିମରୁ ମଧ୍ୟ ବାଦ ପଡ଼ିବାରୁ କିଛି ଦିନ ତଳେ ପୃଥ୍ୱୀ ବେଶ ଭାବବିହ୍ୱଳ ହୋଇ ଉଠିଥିଲେ। ହେଲେ ଏହାର ପ୍ରଭାବ ଏମସିଏ ଉପରେ ପଡ଼ିନାହିଁ। ନିଜର ବିଶୃଙ୍ଖଳା ଆଚରଣ ପାଇଁ ହିଁ ପୃଥ୍ୱୀ ଏବେ ହଇରାଣ ହେଉଥିବା ଏମସିଏର ଜଣେ ଅଧିକାରୀ କହିଛନ୍ତି। ଏଥିସହ ସୟଦ ମୁସ୍ତାକ ଅଲୀ ଟ୍ରଫି ବେଳେ ପୃଥ୍ୱୀ ଅଭ୍ୟାସ ନ କରି କେମିତି ଏକାକୀ ରାତିରେ ବାହାରେ ରହୁଥିଲେ ଓ ସକାଳ ୬ଟାରେ ହୋଟେଲକୁ ଫେରୁଥିଲେ, ସେକଥା ମଧ୍ୟ ଅଧିକାରୀ ଜଣଙ୍କ କହିଛନ୍ତି।

ଅଧିକାରୀ ଜଣଙ୍କ କହିବା କଥା ଯେ ମ୍ୟାଚ୍ ବେଳେ ପୃଥ୍ୱୀଙ୍କ ଖରାପ ଫିଟନେସ ଯୋଗୁ ତାଙ୍କୁ ବାଧ୍ୟ ହୋଇ ପଡ଼ିଆରେ ଲୁଚାଇବାକୁ ପଡୁଥିଲା। ସେ କହିଛନ୍ତି, ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଆମେ ବାଧ ହୋଇ ୧୦ ଜଣ ଖେଳାଳିଙ୍କୁ ନେଇ ଖେଳୁଥିଲୁ। କାରଣ ଆମକୁ ପୃଥ୍ୱୀ ଶ'ଙ୍କୁ ପଡ଼ିଆରେ ଲୁଚାଇବାକୁ ପଡୁଥିଲା। ଯଦି ବଲ ତାଙ୍କ ପାଖ ଦେଇ ଯାଉଥିଲା, ସେ ଧରି ପାରିବେ କି ନାହିଁ ତା'କୁ ନେଇ ସମସ୍ତେ ସନ୍ଦେହ କରୁଥିଲେ। କେବଳ ଫିଲ୍ଡିଂ ନୁହେଁ, ବ୍ୟାଟିଂରେ ମଧ୍ୟ ସେ ବଲ ପାଖରେ ପହଞ୍ଚିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତାଙ୍କ ଫିଟନେସ, ଶୃଙ୍ଖଳା ଓ ଆଚରଣ ଅତ୍ୟନ୍ତ ଖରାପ। ଏପରି ସ୍ଥିତିରେ ଆମେ ନିୟମକୁ ବଦଳାଇ ପାରିବୁ ନାହିଁ। ସମସ୍ତଙ୍କ ପାଇଁ ନିୟମ ସମାନ। ଏବେ ଦଳର ବରିଷ୍ଠ ଖେଳାଳିମାନେ ମଧ୍ୟ ତାଙ୍କ ବ୍ୟବହାରକୁ ନେଇ ଅଭିଯୋଗ କରିବା ଆରମ୍ଭ କଲେଣି।

ସୟଦ ମୁସ୍ତାକ ଅଲୀ ଟ୍ରଫି ସମୟରେ ପୃଥ୍ୱୀ ନିୟମିତ ଭାବେ ଟ୍ରେନିଂ ସେସନ୍ସ ମିସ କରୁଥିଲେ। ସେ ରାତି ତମାମ ବାହାରେ ରହୁଥିଲେ ଓ ସକାଳ ୬ଟା ବେଳକୁ ହୋଟେଲ ଆସୁଥିଲେ। ଏବେ ସେ ସୋଶାଲ ମିଡିଆ ପୋଷ୍ଟ ଦ୍ୱାରା ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛନ୍ତି। କିନ୍ତୁ ଏହାର ପ୍ରଭାବ ମୁମ୍ବାଇ ଟିମର ଚୟନକର୍ତ୍ତା କିମ୍ବା ଏମସିଏ ଉପରେ ପଡ଼ିବ ନାହିଁ ବୋଲି ଅଧିକାରୀ ଜଣଙ୍କ ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ବିଶୃଙ୍ଖଳା ଓ ଫିଟନେସ ପାଇଁ ପୃଥ୍ୱୀ ଶ' ମୁମ୍ବାଇ ରଣଜୀ ଟ୍ରଫିରୁ ବାଦ ପଡ଼ିଥିଲେ। ବାଦ ପଡ଼ିବା ପରେ ଏମସିଏ ଏକାଡେମୀରେ ତାଙ୍କୁ ସ୍ୱତନ୍ତ୍ର ଭାବେ ଫିଟନେସ ତାଲିମ ନେବାକୁ କୁହାଯାଇଥିଲା। ତଥାପି ସେ ଠିକ ଭାବେ ଏହାକୁ ଅନୁକରଣ କରି ନଥିଲେ। ୨୦୧୮ରେ ପୃଥ୍ୱୀ ମାତ୍ର ୧୮ ବର୍ଷ ବୟସରେ ଭାରତ ପାଇଁ ଟେଷ୍ଟରେ ଡେବ୍ୟୁ କରିଥିଲେ। ଡେବ୍ୟୁରେ ଶତକ ମାରି ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଏହାପରେ ସେ ମାତ୍ର ଆଉ ୪ଟି ଟେଷ୍ଟ ଦେଶ ପାଇଁ ଖେଳିବାକୁ ସକ୍ଷମ ହୋଇଥିଲେ।

## ହ୍ୟାଟ୍ରିକ ଅର୍ଦ୍ଧଶତକ ପରେ ମନ୍ଧାନାଙ୍କ ଏକାଧିକ ରେକର୍ଡ

ନୂଆଦିଲ୍ଲୀ,୨୦।୧୨: ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଶେଷ ଟି-୨୦ରେ ଭାରତୀୟ ମହିଳା ଦଳର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା ନିଜର ଜଲୱା ଦେଖାଇଛନ୍ତି। ନଭି ମୁମ୍ବାଇର ଡା ଡିୱାଇ ପାଟିଲ ଷ୍ଟାଡିୟମରେ ଗୁରୁବାର ଖେଳାଯାଉଥିବା ଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ମନ୍ଧାନା ୪୭ ବଲରେ ୭୭ ରନର ଇନିଂସ ଖେଳିଛନ୍ତି। ଏଥିରେ ୧୩ଟି ଚୌକା ଓ ଗୋଟିଏ ଛକା ରହିଛି।



ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ଏହା ମନ୍ଧାନାଙ୍କ କ୍ରମାଗତ ତୃତୀୟ ଅର୍ଦ୍ଧଶତକ। ପ୍ରଥମ ଟି-୨୦ରେ ସେ ୫୪ ରନର ଇନିଂସ ଖେଳିଥିବା ବେଳେ ଭାରତ ବିଜୟୀ ହୋଇଥିଲା। ଦ୍ୱିତୀୟ ଟି-୨୦ରେ ମଧ୍ୟ ସେମାନ ୫୪ ରନ କରିଥିଲେ। ହେଲେ ଭାରତକୁ ହାରିବାକୁ ପଡ଼ିଥିଲା।

ଆଜି ନିର୍ଣ୍ଣାୟକ ଟି-୨୦ରେ ସେ ୭୭ ରନ କରିଛନ୍ତି। ଏଥିସହ ସେ ଜେମିମା ରୋଡ୍ରିଗସଙ୍କ ସହ ମିଶି ବିଶାଳ ୯୮ ରନର ଭାଗିଦାରୀ କରିଛନ୍ତି। ଜେମିମା ମଧ୍ୟ ୨୮ ବଲରେ ୩୯ ରନର ଇନିଂସ ଖେଳିଛନ୍ତିୟ ଶେଷ ଭାଗରେ ରିଚା ଘୋଷ ୨୧ ବଲରେ ବିସ୍ଫୋରକ ୫୪ ରନର ଇନିଂସ ଖେଳିବାରୁ ଭାରତୀୟ ମହିଳା ଦଳ ନିର୍ଦ୍ଧାରିତ ୨୦ ଓଭରେ ୪ ୱିକେଟ ହରାଇ ୨୧୭ ରନ କରିଛି।

ଏହା ଟି-୨୦ରେ ଭାରତର ସର୍ବାଧିକ ଦଳ ଗତ ସ୍କୋର। ଏହାପୂର୍ବରୁ ଚଳିତ ବର୍ଷ ଜୁଲାଇରେ ଅନୁଷ୍ଠିତ ଏସିଆ କପରେ ଭାରତୀୟ ମହିଳା ଦଳ ୟୁଏଇ ବିପକ୍ଷରେ ୫ ୱିକେଟ ହରାଇ ୨୦୧ ରନ କରିଥିଲା।

ମନ୍ଧାନା ଆଜି ଟି-୨୦ରେ ହ୍ୟାଟ୍ରିକ ଅର୍ଦ୍ଧଶତକ ହାସଲ କରିବା ପରେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ଆଜିର ମ୍ୟାଚ୍‌ରେ ନିୟମିତ ଅଧିନାୟକ ହରମନପ୍ରୀତ କୌର ଖେଳୁ ନଥିବାରୁ ସ୍ମୃତି ଦଳର କମାଣ ମଧ୍ୟ ସମ୍ଭାଳିଛନ୍ତି।

ସ୍ମୃତି ମନ୍ଧାନା କୌଣସି ଦ୍ୱିପାକ୍ଷିକ ଟି-୨୦ ସିରିଜରେ ଭାରତ ପାଇଁ ସର୍ବାଧିକ ରନ ହାସଲକାରୀ କ୍ରିକେଟର ବନିଛନ୍ତି। ସେ ୩ଟି ମ୍ୟାଚ୍‌ରେ ୧୯୩ ରନ ହାସଲ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୬୪.୩୩ ରହିଛି। ୧୯୩ ରନ ହାସଲ କରି ସ୍ମୃତି ମନ୍ଧାନା ପୂର୍ବତନ କ୍ରିକେଟର ମିତାଲୀ ରାଜଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ମିତାଲୀ ୨୦୧୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ପାକ୍ଷିକ ସିରିଜରେ ୧୯୨ ରନ କରିଥିଲେ। ସ୍ମୃତି ମନ୍ଧାନା ଗୋଟିଏ କ୍ୟାଲେଣ୍ଡର ବର୍ଷରରେ ମହିଳା ଟି-୨୦ ଇତିହାସରେ ସର୍ବାଧିକ ରନ କରିବାର ରେକର୍ଡ ହାସଲ କରିଛନ୍ତି। ଚଳିତ ବର୍ଷ ସେ ୨୩ଟି ମ୍ୟାଚରେ ୭୬୩ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୪୨.୩୮ ଓ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୭୭ୟ ପୂର୍ବରୁ ଏହି ରେକର୍ଡ ଶ୍ରୀଲଙ୍କାର ଅଧିନାୟକ ଚମିରା ଆଟାପଟୁଙ୍କ ନାଁରେ ରହିଥିଲା। ସେ ୨୧ ମ୍ୟାଚ୍‌ରେ ୭୨୦ ରନ କରିଥିଲେ।

ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସ୍ମୃତି ମନ୍ଧାନା ମହିଳା ଟି-୨୦ ଇତିହାସରେ ସର୍ବାଧିକ ଅର୍ଦ୍ଧଶତକ ହାସଲ କରିଛନ୍ତି। ୨୦୧୮ରେ ମିତାଲୀ ୭ଥର ୫୦ରୁ ଅଧିକ ରନ କରିଥିଲେ। ହେଲେ ମନ୍ଧାନାଙ୍କ ବ୍ୟାଟରୁ ଆଜି ଚଳିତ ବର୍ଷର ୮ମ ଟି-୨୦ ଅର୍ଦ୍ଧଶତ ଦେଖିବାକୁ ମିଳିଛି।

ସ୍ମୃତି ମନ୍ଧାନା ମହିଳା ଟି-୨୦ରେ ସର୍ବାଧିକ ୫୦ ମାରିବାର ରେକର୍ଡ ମଧ୍ୟ କରିଛନ୍ତି। ସେ ସୁଜି ବେଟ୍ସଙ୍କୁ ପଛରେ ପକାଇ ଦେଇଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ ଖେଳୁଥିବା ସୁଜି ଟି-୨୦ରେ ୨୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ହେଲେ ସ୍ମୃତିଙ୍କ ଅର୍ଦ୍ଧଶତକ ସଂଖ୍ୟା ୩୦ ଛୁଇଁଛି। ବିଶ୍ୱର ପ୍ରଥମ ମହିଳା ବ୍ୟାଟର ଭାବେ ସ୍ମୃତି ମନ୍ଧାନା ଚଳିତ କ୍ୟାଲେଣ୍ଡର ବର୍ଷରେ ଟି-୨୦ରେ ୧୦୦ରୁ ଅଧିକ ଚୌକା ମାରିଛନ୍ତି। ସେ ୱେଷ୍ଟଇଣ୍ଡିଜର ହେଲୀ ମାଥ୍ୟୁସଙ୍କୁ ପଛରେ ପକାଇ ଦେଇଛନ୍ତି। ୧୪ଟି ମ୍ୟାଚ୍‌ରେ ମାଥ୍ୟୁସ ୯୯ଟି ଚୌକା ମାରିଛନ୍ତି।

## ଅଧିନାୟକ ହେବେ ରିଙ୍କୁ ସିଂ

ନୂଆଦିଲ୍ଲୀ,୨୦।୧୨: ଟିମ୍ ଇଣ୍ଡିଆର ଯୁବ କ୍ରିକେଟର ରିଙ୍କୁ ସିଂଙ୍କୁ ମିଳିଛି ନୂଆ ଦାୟିତ୍ୱ ଆଇପିଏଲ୍‌ରେ ଜବରଦସ୍ତ ପ୍ରଦର୍ଶନ ପରେ ତାଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ସୁଯୋଗ ମିଳିଥିଲା ସେ ଭାରତର ଟି୨୦ ଟିମ୍‌ରେ ନିଜ ସ୍ଥାନ ପକ୍କା କରିଛନ୍ତି ଏବେ ତାଙ୍କୁ ବିଜୟ ହଜାରେ ଟ୍ରଫିର ନୂତନ ସିଜନ ଲାଗି ଉତ୍ତର ପ୍ରଦେଶ ଟିମ୍‌ର ଅଧିନାୟକ କରାଯାଇଛି।ସେ ଏହି ଭୂମିକାରେ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ସ୍ଥାନ ନେବେ, ଯିଏ କି ସୈୟଦ ମୁସ୍ତାକ ଅଲ୍ଲୀ ଟୁର୍ନାମେଣ୍ଟରେ ଦଳର ଅଧିନାୟକ ଥିଲେ।ଶୁକ୍ରବାର ଉତ୍ତରପ୍ରଦେଶ କ୍ରିକେଟ ଆସୋସିଏଶନ ପକ୍ଷରୁ ଡିସେମ୍ବର ୨୦ରେ ଦିନିକିଆ। ଲାଗି ଦଳ ଘୋଷଣା କରିଛି ଏଥିରେ ରିଙ୍କୁ ସିଂଙ୍କୁ ଅଧିନାୟକ କରାଯାଇଛି ତେବେ ନିଜର କ୍ୟାରିୟରେ ରିଙ୍କୁ ରାଜ୍ୟର ବରିଷ୍ଠ ଟିମ୍‌ର ଅଧୀନାୟକ ଦାୟିତ୍ୱ ତୁଲାଇବେ ଟୁର୍ନାମେଣ୍ଟ ଶନିବାର ଡିସେମ୍ବର ୨୧ରୁ ଆରମ୍ଭ ହେବ ଏହି ଦିନ ଜମ୍ମୁ କଶ୍ମୀରକୁ ଉତ୍ତରପ୍ରଦେଶ ଭେଟିବ।ଅପରପକ୍ଷେ ରିଙ୍କୁଙ୍କୁ ଅଧିନାୟକ କରିବା ନିଷ୍ପତ୍ତି ଆଇପିଏଲ୍‌ରେ ମଧ୍ୟ ଦେଖିବାକୁ ମିଳିପାରେ କାରଣ ଏବେ କୋଲକାତା ନାଇଟ୍ ରାଇଡର୍ସ ଏବେ ଅଧିନାୟକ କାହାକୁ କରିବ ତର୍ଜମା କରାଯାଉଛି। ଅକ୍ସନ ପୂର୍ବରୁ ପୂର୍ବତନ ଅଧିନାୟକ ଶ୍ରେୟାସ ଆୟରଙ୍କୁ ରିଲିଜ କରି ଦିଆଯାଇଥିଲା ଦଳ ପାଖରେ ଏବେ ଭେଙ୍କଟେଶ ଆୟର ଏବଂ ଅଜିଙ୍କ୍ୟ ରାହାନେଙ୍କ ଭଳି ବିକଳ୍ପ ଅଛି ହେଲେ ରିଙ୍କୁ ଯଦି ଟୁର୍ନାମେଣ୍ଟ ପୂର୍ବରୁ ବିଜୟ ହଜାରେ ଟ୍ରଫିରେ ଭଲ ପ୍ରଦର୍ଶନ କରନ୍ତି ତେବେ ସେ ମଧ୍ୟ ବଡ଼ ଦାବିଦାର ପାଲଟି ପାରନ୍ତି।

## ମେଲବର୍ଣ୍ଣ ଏବଂ ସିଡନୀ ଯିବା ପାଇଁ ଟିକଟ କିଣିଥିଲେ ଅଶ୍ୱିନୀଙ୍କ ବାପା

ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି): ରବିଚନ୍ଦ୍ରନ ଅଶ୍ୱିନ ବର୍ଡର-ଗାଭାସ୍କାର ଟ୍ରଫିର ଅଧାରୁ ଅନ୍ତରାଷ୍ଟ୍ରୀୟ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରି ଦେଶକୁ ଫେରିସାରିଛନ୍ତି। ତେବେ ଅଶ୍ୱିନଙ୍କ ସନ୍ନ୍ୟାସ ଘୋଷଣା ଅନେକ ପୂର୍ବତନ କ୍ରିକେଟର ଆଶ୍ଚର୍ଯ୍ୟ କରିଛି। ତାଙ୍କ ବାପା ମଧ୍ୟ ଏହି ଘୋଷଣାରେ ଆଶ୍ଚର୍ଯ୍ୟ ହୋଇଥିଲେ। ଏହାରି ଭିତରେ ଅନେକ ରିପୋର୍ଟରେ ଦାବି କରାଯାଉଛି ଯେ ଅଶ୍ୱିନଙ୍କ ବାପା ବକ୍ସିଂ ଡେ ଟେଷ୍ଟ ଏବଂ ସିଡନୀ ଟେଷ୍ଟ ପାଇଁ ବିମାନ ଟିକଟ୍ ବୁକ୍ କରିଥିଲେ। କିନ୍ତୁ ଅଶ୍ୱିନଙ୍କ ଅବସର ଘୋଷଣା ପରେ ସେ ଟିକଟ କ୍ୟାନ୍ସଲ କରିଥିଲେ।



ଦ ଇଣ୍ଡିଅନ ଏକ୍ସପ୍ରେସର ରିପୋର୍ଟ ଅନୁସାରେ ବର୍ଡର-ଗାଭାସ୍କର ଟ୍ରଫି ସମୟରେ ସନ୍ନ୍ୟାସ ନେବେ ବୋଲି ଅଶ୍ୱିନ ଭାରତରେ ହିଁ ସ୍ଥିର କରିଥିଲେ। ତେବେ ଏନେଇ ଅଷ୍ଟ୍ରେଲିଆରେ ଘୋଷଣା କରିବାକୁ ନିଷ୍ପତ୍ତି ନେଇଥିଲେ, କାରଣ ଏହାପରେ ଭାରତୀୟ ଟିମ ଦୀର୍ଘ ଦିନ ଯାଏ ରେଡ୍ ବଲ୍ ଫର୍ମାଟରେ ନଜର ଆସିବନାହିଁ।

ରିପୋର୍ଟରେ କୁହାଯାଇଛି, 'ଆଣ୍ଠୁରେ ସମସ୍ୟା ଯୋଗୁଁ ସନ୍ନ୍ୟାସ ନେବା କଥା ସେ ବିଚାର କରିଥିଲେ। ତାଙ୍କ ପାଖ ଲୋକଙ୍କ କହିବା ଅନୁସାରେ ଅଷ୍ଟ୍ରେଲିଆ ଯିବା ପୂର୍ବରୁ ହିଁ ସନ୍ନ୍ୟାସ ନେବା ଉପରେ ତାଙ୍କ ମନରେ ଦୁଇଟି ବିଚାର ଥିଲା ଅଷ୍ଟ୍ରେଲିଆ ପାଇଁ ସେ ଉଡାଣ ଭରିବା ପରେ ପୂରା ସିରିଜ୍ ଖେଳିବେ ବୋଲି ସମସ୍ତେ ଭାବିଥିଲେ। ଏପରିକି ଅଶ୍ୱିନଙ୍କ ବାପା ବକ୍ସିଂ ଡେ ଏବଂ ନୂଆବର୍ଷର ଟେଷ୍ଟ ମ୍ୟାଚ୍ ଦେଖିବା ପାଇଁ ଫ୍ଲାଇଟ୍ ଟିକଟ ବୁକ୍ କରିସାରିଥିଲେ। ଡିସେମ୍ବର ୧୮ ଅନ୍ତରାଷ୍ଟ୍ରୀୟ କ୍ରିକେଟର ଭାବେ ତାଙ୍କର ଶେଷ ଦିନ ହେବ ବୋଲି ମଙ୍ଗଳବାର ରାତିରେ ଅଶ୍ୱିନ ଫୋନ କରି କହିଥିଲେ। ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଅଶ୍ୱିନଙ୍କ ପରିବର୍ତ୍ତେ ।ଶିଂଟନ ସୁନ୍ଦରଙ୍କୁ ସ୍ଥାନ ମିଳିଥିଲା। ତେବେ ଆଡିଲେଡ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ୩୮ ବର୍ଷୀୟ ଅନୁଭବୀ ସ୍ପିନରଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ତେବେ ଗାବା ଟେଷ୍ଟରେ ପୁଣି ଥରେ ଅଶ୍ୱିନଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିନଥିଲା।

## ଉଡୁସୁ ଫୁଟବଲ କ୍ଲବ ଚାମ୍ପିଅନ୍

ରାଉରକେଲା,୨୧।୧୨: ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସଆର ବିଭାଗ ଦ୍ୱାରା ବିଶ୍ରା ବ୍ଲକ ଅନ୍ତର୍ଗତ ବଡବମ୍ଭୁଆ ଗ୍ରାମ ପଞ୍ଚାୟତ ର କୁଲନବାହାଲ ଗ୍ରାମରେ ଡିସେମ୍ବର ୧୭ ତାରିଖ ଦିନ ଅନୁଷ୍ଠିତ 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ନାମେଣ୍ଟ'ରେ ଉଡୁସୁ ଫୁଟବଲ କ୍ଲବ ଚମ୍ପିୟନ ରୂପେ ଉଭା ହୋଇଥିଲା। ୩୨ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ।

ଉଡୁସୁ ଫୁଟବଲ କ୍ଲବ ଫାଇନାଲ ମ୍ୟାଚରେ ସାରୁବାହାଲକୁ ୩-୧ ଗୋଲରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା। ଝିରପାଣି ଫୁଟବଲ କ୍ଲବ ଓ କୁଲାନବାହାଲ ଫୁଟବଲ କ୍ଲବ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଲାଭ କରିଥିଲେ। ଏହି ଉଦ୍ୟାପନୀ ସମାରୋହରେ ଉଡୁସୁ ଫୁଟବଲ କ୍ଲବ ଟ୍ରଫି ସହିତ ୧୦୦୦୦ ଟଙ୍କାର ଅର୍ଥ ରାଶି ପୁରସ୍କାର ଗ୍ରହଣ କରିଥିବା ବେଳେ ସାରୁବାହାଲ ଦଳ ପ୍ରଥମ ରନର୍ସ ଅପ ଟ୍ରଫି ସହିତ ୮୦୦୦ ଟଙ୍କାର ଅର୍ଥ ରାଶି ଗ୍ରହଣ କରିଥିଲେ। ଝିରପାଣି ଫୁଟବଲ କ୍ଲବ ଓ କୁଲାନବାହାଲ ଫୁଟବଲ କ୍ଲବ ଯଥାକ୍ରମେ ୬୦୦୦ ଓ ୪୦୦୦ ଟଙ୍କାର ଅର୍ଥରାଶି ଗ୍ରହଣ କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ଉଡୁସୁର ଶୁଭମ ଓରାମ ଶ୍ରେଷ୍ଠ ଖେଳାଳି ଭାବେ ଘୋଷିତ ହୋଇଥିବାବେଳେ ସୁଜିତ ଓରାମ ଶ୍ରେଷ୍ଠ ସ୍କୋରର, ନିଖିଲ ମୁଣ୍ଡାରୀ ଶ୍ରେଷ୍ଠ ଗୋଲ କିପର ଏବଂ ଓ ସାରୁବାହାଲର ଶେଖର ଓରାମ ଶ୍ରେଷ୍ଠ ଡିଫେନସର ଭାବେ ଘୋଷିତ ହୋଇଥିଲେ। ସେମାନେ ପ୍ରତ୍ୟେକଙ୍କୁ ୭୫୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ରାଉରକେଲା ଇସ୍ପାତ କାରଖାନା ପୃଷ୍ଠପୋଷକତାରେ କୁଲନବାହାଲର ଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚକୁ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଫୁଟବଲ ପ୍ରେମୀ ଉପଭୋଗ କରିଥିଲେ।

## ସୋଆରେ ପ୍ୟାରିସ୍ ଅଲମ୍ପିକସ ହକି ତାରକା



ଭୁବନେଶ୍ୱର,୨୦।୧୨: ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଭାରତୀୟ ହକି ଦଳର ୪ ଜଣ ସ୍ୱନାମଧନ୍ୟ ଖେଳାଳି ଛାତ୍ରଛାତ୍ରୀମାନଙ୍କ ସହ ଏକ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଅମିତ ରୋହିଦାସଙ୍କୁ ରେଡକାର୍ଡ ମିଳିଲା ପରେ ମାତ୍ର ୧୦ ଜଣ ଖେଳାଳୀଙ୍କୁ ନେଇ ଭାରତ ପ୍ୟାରିସ୍ ଅଲିମ୍ପିକ୍ କ୍ରୀଡାର ପୁରୁଷ ହକି ପ୍ରତିଯୋଗିତାରେ କିପରି ଗ୍ରେଟ ବ୍ରିଟେନ୍‌କୁ ପରାଜିତ କରି ପାରିଲା ?

ମଧ୍ୟଭାଗ ଖେଳାଳୀ ଶାମ୍‌ଶେର ସିଂହ କହିଥିଲେ ଯେ ଅମିତଙ୍କୁ ଖେଳରୁ ବାହାର କରିଦେବା ଭାରତୀୟ ଦଳ ପାଇଁ ଏକ ବଡ ଧକ୍କା ଥିଲା। କାରଣ କ୍ୱାର୍ଟର ଫାଇନାଲରେ ଗ୍ରେଟ ବ୍ରିଟେନ୍ କୁ ହରାଇବା କଷ୍ଟକର ବୋଲି ସମସ୍ତେ ଭାବୁଥିଲେ ବୋଲି ଶାମ୍‌ଶେର କହିଥିଲେ। "ଆମ ମଧ୍ୟରେ ଏକତା ଥିଲା ଓ ଏହି ପରିସ୍ଥିତିରେ ଆମେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ସୁଟ୍ ଆଉଟ୍‌ରେ ଏହି ମ୍ୟାଚ ୪-୨ ରେ ଜିତି ପାରିଲୁ", ବୋଲି ସେ କହିଥିଲେ। ଏହି ଆଲୋଚନାରେ ଶାମ୍‌ଶେରଙ୍କ ବ୍ୟତୀତ ଜରମନ୍‌ପ୍ରୀତ ସିଂହ, ରାଜକୁମାର ପାଲ ଓ ବରୁଣ କୁମାର ଯୋଗ ଦେଇଥିଲେ।

ଏହି ୪ଜଣ ଖେଳାଳୀ ଦିଲ୍ଲୀ ଏସଜି ପାଇପର୍ସ ଦଳ ପକ୍ଷରୁ ରାଉକେଲାଠାରେ ଡିସେମ୍ବର ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ହକି ଇଣ୍ଡିଆ ଲିଗରେ ଭାଗ ନେବା ପୂର୍ବରୁ ଭୁବନେଶ୍ୱରରେ ଅଭ୍ୟାସ କରୁଛନ୍ତି। ସେମାନଙ୍କ ସହିତ ବିଶିଷ୍ଟ କ୍ରୀଡା ସାମ୍ବାଦିକ ତଥା ଏସଜି ସ୍ପୋର୍ଟସ୍ ଆଣ୍ଡ ଏଂଟରଟେନ୍‌ମେଂଟର ଉପସଭାପତି ଦିଗ୍‌ବିଜୟ ସିଂହଦେଓ ମଧ୍ୟ ଉପସ୍ଥିତ ଥିଲେ।

ପ୍ୟାରିସ୍‌ରେ ଅନୁଷ୍ଠିତ ଏହି କ୍ୱାର୍ଟର ଫାଇନାଲ୍ ମ୍ୟାଚରେ ଉପସ୍ଥିତ ଥିବା ଶ୍ରୀ ସିଂହଦେଓ କହିଥିଲେ ଯେ ଅମିତଙ୍କୁ ରେଡକାର୍ଡ ମିଳିବା ପରେ ଏହି ମ୍ୟାଚରେ ଭାରତ ଜିତିବ ବୋଲି କେହି ଚିନ୍ତା କରି ନ ଥିଲେ। ମାତ୍ର ଭାରତୀୟ ଦଳ ଅଭୂତପୂର୍ବ ପ୍ରଦର୍ଶନ କରି ଏହି ମ୍ୟାଚରେ ବିଜୟୀ ହୋଇପାରିଥିଲା।

ମଧ୍ୟଭାଗ ଖେଳାଳୀ ରାଜକୁମାର ପାଲ କହିଲେ ଭାରତୀୟ ଦଳରେ ସବୁ ଖେଳାଳୀ ପରସ୍ପରକୁ ସାହାଯ୍ୟ ଓ ସହଯୋଗ କରିଥାନ୍ତି। ନିଜ କ୍ରୀଡା ଜୀବନର ଆରମ୍ଭରୁ ତାଙ୍କ ବିରୁଦ୍ଧରେ ହୋଇଥିବା ଏକ ଅଭିଯୋଗ ତାଙ୍କ କ୍ୟାରିୟରକୁ ନଷ୍ଟ କରିଦେବାକୁ ଯାଉଥିଲା ବୋଲି ଜରମନ୍‌ପ୍ରୀତ ସିଂହ ଏକ ପ୍ରଶ୍ନର ଉତରରେ କହିଥିଲେ। ଏହି ଅଭିଯୋଗ ମୋତେ ନିରାଶ କରିଥିଲା। ମାତ୍ର ମୋର ପରିବାରବର୍ଗ ମୋତେ ସଂପୂର୍ଣ୍ଣ ସମର୍ଥନ କରିଥିଲେ। ମୁଁ ମଧ୍ୟ ଭାରତୀୟ ଦଳକୁ ପ୍ରତ୍ୟାବର୍ତନ କରିବା ପାଇଁ ସମସ୍ତ ଉଦ୍ୟମ କରି ନିଜକୁ ଉତ୍ସାହିତ କରିଥିଲି ବୋଲି ସେ କହିଥିଲେ।

ଏକ ପ୍ରଶ୍ନର ଉତରରେ ବରୁଣ କୁମାର କହିଥିଲେ ଯେ ଯଦିଓ ଦେଶରେ କ୍ରିକେଟ ପ୍ରତି ଅଧିକ ସମର୍ଥନ ଥିବା ଜଣାପଡେ, ଭାରତୀୟ ହକି ଦଳ କ୍ରମାଗତ ଦୁଇଥର ଟୋକିଓ ଏବଂ ପ୍ୟାରିସ୍ ଅଲମ୍ପିକସ କ୍ରୀଡାରେ କ୍ରମାଗତ ଭାବେ ବ୍ରୋଞ୍ଜ ପଦକ ଲାଭ କରିବା ପରେ ହକି ପ୍ରତି ଆଗ୍ରହ ବୃଦ୍ଧି ପାଉଛି।

ଆପଣମାନେ ହକିକୁ ସମର୍ଥନ ଜଣାଇ ଏହାର ଉନ୍ନତି ପାଇଁ ଚେଷ୍ଟା କରିବା ଆବଶ୍ୟକ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ।ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଖେଳାଳୀମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କୁ ଭାରତର ଗୌରବ ବୋଲି କହିଥିଲେ। ଜରମନ୍‌ପ୍ରୀତ ସିଂହ ଛାତ୍ରଛାତ୍ରୀମାନଙ୍କୁ ହକି ଇଣ୍ଡିଆ ଲିଗ୍‌ରେ ଦିଲ୍ଲୀ ଏସଜି ପାଇପର୍ସ ଦଳକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ପରିଚାଳନା କରିଥିଲେ। ସୋଆରେ ଖେଳାଳୀମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରମାନେ ଖେଳାଳୀମାନଙ୍କୁ ନିଜ ଗହଣରେ ପାଇ ବେଶ୍ ଉତ୍ସାହିତ ହୋଇଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ